# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨/୨୦୨୦ (୧୩ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 2/2020 | ★★★★★★

୪୬ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ହାମିଲଟନଙ୍କୁ ପୋଲ୍ ପୋଜିଶନ**

ବ୍ରିଟିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ମର୍ସିଡିଜର ଲୁଇସ୍ ହାମିଲଟନ ପୋଲ୍ ପୋଜିଶନ ହାସଲ କରିଛନ୍ତି।

୧୩

୧୦

**ନିଜ ଅର୍ଗାନିକ୍ ଫାର୍ମରେ ପ୍ରୀତି**

ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଲସ୍ ଆଞ୍ଜେଲସରେ ରହୁଥିବା ବେଳେ ତାଙ୍କ ଘରେ ଅର୍ଗାନିକ ଫାର୍ମଂରୁ ହୋଇଥିବା ଟମାଟୋ ଓ କ୍ୟାପ୍‌ସିକମର ଭିଡିଓ ଶେୟାର୍ କରିଛନ୍ତି।






# ସହର ପାଣି ବିପଦ ଆଣିପାରେ

## ୪ ମାସ ହେବ ପାନୀୟ ଜଳର ମାନ ପରୀକ୍ଷା ହେଉନାହିଁ

**ଭୁବନେଶ୍ୱର,୧।୮(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ରାଜ୍ୟବାସୀ ନିଜ ଜୀବନକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ରାଜ୍ୟ ସରକାର ମଧ୍ୟ ଲୋକମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପ୍ରୟାସ ଚଳାଇଛନ୍ତି। ହେଲେ କରୋନା ଯୋଗୁ ଗତ ୪ମାସ ଧରି ଜଳର ନମୁନା ଠିକ୍‌ଭାବେ ପରୀକ୍ଷା ହୋଇପାରୁ ନ ଥିବାରୁ ବିଭିନ୍ନ ସହରାଞ୍ଚଳରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୁଣବତ୍ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ସହର ପାଣି ଏବେ ବିପଦ ଆଣିପାରେ ବୋଲି କୁହାଯାଉଛି।

ରାଜ୍ୟର ୧୧୪ଟି ସହରାଞ୍ଚଳକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ଓଡ଼ିଶା ପାନୀୟ ଜଳ ଯୋଗାଣ ନୀତି-୨୦୧୩ କାର୍ଯ୍ୟକାରୀ କରିଛନ୍ତି। ଲୋକେ କିଭଳି ବିଶୁଦ୍ଧ ପାଣି ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ପ୍ରତିବର୍ଷ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ ମଧ୍ୟ କରୁଛନ୍ତି। ଏପରି କି ଜଳର ମାନ ପରୀକ୍ଷା କରିବାକୁ ଦିଲ୍ଲୀସ୍ଥିତ ମେଟ୍ରୋ ଲାବ୍ ନାମକ ଏକ ଘରୋଇ ସଂସ୍ଥାକୁ ପ୍ରାୟ ୩ବର୍ଷ ହେବ ନିଯୁକ୍ତ କରାଯାଇଛି। ଜଳର ମାନ ଠିକ୍



ଅଛି କି ନାହିଁ ତାହା ପରୀକ୍ଷା କରିବା ପାଇଁ ସହରାଞ୍ଚଳର ଘର ଘର ବୁଲି ଦୈନିକ ୪୦ଟି ନମୁନା ସଂଗ୍ରହ କରିବାର ବ୍ୟବସ୍ଥା ରହିଛି। ଏହି ନମୁନା ସଂଗ୍ରହ ପରେ ସେଗୁଡ଼ିକୁ ଲାବରେଟୋରିରେ ପରୀକ୍ଷା କରାଯିବ। ଜଳରେ ଥିବା ରଙ୍ଗ, ଗନ୍ଧ, ଜିଙ୍କ୍, କ୍ଲୋରିନ, ପେଷ୍ଟିସାଇଡ, ନିକେଲ, ଆଇରନ, ନାଇଟ୍ରେଟ, ଆଲକାଇନିଟି, ପିଏଚ୍ ଭାଲ୍ୟୁ ଆଦି ୪୨ଟି ମାପଦଣ୍ଡକୁ ନେଇ ପରୀକ୍ଷା କରାଯିବା ପରେ ଏହା ପିଇବା ଉପଯୋଗୀ କି ନୁହେଁ ସେନେଇ ସ୍ପଷ୍ଟ କରାଯିବା କଥା। ହେଲେ କରୋନା ମହାମାରୀ ଯୋଗୁ ଗତ ୪ ମାସରୁ ଊର୍ଦ୍ଧ୍ୱ ହେବ ଜଳର ନମୁନା ପରୀକ୍ଷା କରାଯାଇପାରୁ ନାହିଁ।

ସୂଚନାଯୋଗ୍ୟ ଯେ, ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟର ପ୍ରତ୍ୟେକ ଜିଲାରେ ଜଳର ମାନ ପରୀକ୍ଷା ପାଇଁ ପରୀକ୍ଷାଗାର ସ୍ଥାପନ କରାଯାଇଛି। ସରକାରଙ୍କ ଦ୍ୱାରା ନିଯୁକ୍ତ ଘରୋଇ ସଂସ୍ଥା ଜରିଆରେ ଏହାର ମାନ ପରୀକ୍ଷା କରିବା ବାବଦରେ ବର୍ଷକୁ ପ୍ରାୟ ୬କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିସହିତ ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ମଧ୍ୟ ସାମିଲ କରାଯାଇଛି। ମହିଳା ଏସ୍ଏଚ୍‌ଜି ସଦସ୍ୟାମାନଙ୍କୁ ଜଳସାଥୀ ଭାବେ ନିଯୁକ୍ତ କରାଯାଇଛି। ସେମାନେ ଘର ଘର ବୁଲି ଜଳର ନମୁନା ସଂଗ୍ରହ କରିବା ସହ ଏହାର ମାନ ପରୀକ୍ଷା କରାଇବେ। ଏପରି କି ଲୋକଙ୍କୁ ନୂତନ ପାନୀୟ ଜଳ ସଂଯୋଗ ଦେବାରେ ସାହାଯ୍ୟ କରିବେ ଏବଂ ମାସିକ ଜଳ ଯୋଗାଣ ବାବଦ ଦେୟ ମଧ୍ୟ ଆଦାୟ କରିବେ। ଜନସାଧାରଣଙ୍କ ଅଭାବ ଓ ଅଭିଯୋଗକୁ ☞ପୃଷ୍ଠା-୪

# କଟକଣାରେ ଖୋଲିବ ମଲ୍

**ଭୁବନେଶ୍ୱର,୧।୮(ବ୍ୟୁରୋ)**

### ବିଏମ୍‌ସି ଜାରିକଲା ଏସ୍ଓପି

- ମଲ୍‌ରେ ଗ୍ରାହକ, କର୍ମଚାରୀଙ୍କ ମଧ୍ୟରେ ୬ଫୁଟ ଦୂରତା ବାଧ୍ୟତାମୂଳକ
- ସଚେତକ, ଆରୋଗ୍ୟ ସେତୁ ଆପ୍ ଇନ୍‌ଷ୍ଟଲ ପାଇଁ ନିର୍ଦ୍ଦେଶ
- ଗେମ୍ ଜୋନ୍ ବା ପିଲାଙ୍କ ଖେଳିବା ଅଞ୍ଚଳ ବନ୍ଦ ରହିବ
- ମଲ୍ ମଧ୍ୟରେ ଖୋଲିବନି ଫୁଡ୍ ଜୋନ, ସିନେମା ହଲ୍
- ବୟସ୍କ, ଅସୁସ୍ଥ, ଗର୍ଭବତୀ କର୍ମଚାରୀ ଘରେ ରହି କାମ କରିବେ

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସତ୍ତ୍ୱେ ଲୋକଙ୍କ ଜୀବିକାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଅଗଷ୍ଟ ମାସ ପାଇଁ ଲକ୍‌ଡାଉନ୍ କଟକଣାରେ ସାମାନ୍ୟ କୋହଳ କରି ଅନ୍‌ଲକ୍-୩ ଜାରି କରିଛନ୍ତି। ଏଥିସହ ଗଞ୍ଜାମ, ଗଜପତି, କଟକ ଓ ଖୋର୍ଦ୍ଧା ଜିଲା ଏବଂ ରାଉରକେଲା ମହାନଗର ନିଗମରେ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏଭଳିସ୍ଥିତିରେ ପ୍ରାୟ ୫ମାସ ଧରି ବନ୍ଦ ରହିଥିବା ମଲ୍‌ଗୁଡ଼ିକୁ କଟକଣା ମଧ୍ୟରେ ଖୋଲିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଶନିବାର ରାତିରେ ଏକ ନିର୍ଦ୍ଦେଶନାମା ଜାରି କରିଛି। ଏଥିପାଇଁ ବିଏମ୍‌ସି ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍ଓପି) ଲାଗୁ କରାଯାଇଛି। ମଲ୍ ଖୋଲିବା ନେଇ ବିଏମ୍‌ସି ୪ ପ୍ରକାର କାର୍ଯ୍ୟକଳାପକୁ ନିଷିଦ୍ଧ ଘୋଷଣା ସହ ୩୧ସର୍ତ୍ତ ଜାରି କରିଛି। କଟକଣାଗୁଡ଼ିକ ମଧ୍ୟରେ ମଲ୍ ପରିସରରେ ଥିବା ଫୁଡ୍ କୋର୍ଟ, ଗେମିଂ ଜୋନ୍ ଓ ପିଲାଙ୍କ ଖେଳିବା ସ୍ଥାନ ଓ ସିନେମା ହଲ୍ ବନ୍ଦ ରଖିବା ସହ କିଛି ଛୋଟ କିମ୍ବା ବଡ଼ ଧରଣର ପ୍ରମୋଶନରେ ଅଧିକ ଲୋକଙ୍କ ସମାଗମକୁ ବିଏମ୍‌ସି ବାରଣ କରିଛି।

ଅନ୍‌ଲକ୍-୩ ପାଇଁ ରାଜ୍ୟ ସରକାର ଶୁକ୍ରବାର ଜାରି କରିଥିବା ଗାଇଡ୍‌ଲାଇନ୍‌ରେ ଅତିରିକ୍ତ ଭାବେ ଭୁବନେଶ୍ୱରରେ ଶପିଂ ମଲ୍ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ମଲ୍ ଖୋଲିବା ପାଇଁ ଜାରି ହୋଇଥିବା ୩୧ ସର୍ତ୍ତ ମଧ୍ୟରେ ସର୍ବନିମ୍ନ ୬ଫୁଟ୍‌ର ଦୂରତ୍ୱ ବଜାୟ ରଖିବା, ନିୟମିତ ହାତ ସାନିଟାଇଜ୍ କରିବା, ଉଭୟ ଗ୍ରାହକ ଓ କର୍ମଚାରୀ ମାସ୍କ ପିନ୍ଧିବା, କଫ, କାଶ, ଥଣ୍ଡା, ଜ୍ୱର ଥିବା ଷ୍ଟାଫ୍‌ଙ୍କୁ ମଲ୍‌କୁ ଆସିବାକୁ ବାରଣ କରିବା ପରି ସର୍ବନିମ୍ନ ସତର୍କତା ରକ୍ଷା କରିବା ପାଇଁ ବିଏମ୍‌ସି ମଲ୍ ମାଲିକଙ୍କ ସହ ସର୍ତ୍ତ ରଖିଛି। ଏହାସହ ସମସ୍ତ ଗ୍ରାହକ ଓ କର୍ମଚାରୀଙ୍କୁ ଆରୋଗ୍ୟ ସେତୁ ଆପ୍ ଓ ସଚେତକ ଆପ୍ ସହ ଯୋଡ଼ି ହେବାକୁ କହିବା, ମୁଖ୍ୟ ଫାଟକରେ ଥର୍ମାଲ୍ ସ୍କ୍ରିନିଂ ବ୍ୟବସ୍ଥା କରିବା, କୋଭିଡ୍-୧୯ ପାଇଁ ଆବଶ୍ୟକ ପଦକ୍ଷେପ ନେବା, ମଲ୍‌ରେ କାମ କରୁଥିବା ବରିଷ୍ଠ ନାଗରିକ, ଗର୍ଭବତୀ ବା ଅସୁସ୍ଥ ବ୍ୟକ୍ତିଙ୍କୁ ଘରେ ରହି କାମ କରିବାକୁ ପରାମର୍ଶ ଦେବା ପାଇଁ କୁହାଯାଇଛି।

ସେହିପରି ମଲ୍‌ରେ ଗହଳି ନିୟନ୍ତ୍ରଣ କରିବା, ମଲ୍ ଭିତରେ ଏବଂ ପ୍ରବେଶ ଓ ପ୍ରସ୍ଥାନ ପଥରେ ସାମାଜିକ ଦୂରତ୍ୱ ବଜାୟ ରଖିବା, ଯଦି ହୋମ୍ ଡେଲିଭରି ସୁବିଧା ଥିବ ତା'ହେଲେ ସମ୍ପୃକ୍ତ କର୍ମଚାରୀଙ୍କୁ ବାରମ୍ବାର ସାନିଟାଇଜ୍ ହେବାକୁ କହିବା ସହ ନିୟମିତ ତାଙ୍କର ଥର୍ମାଲ ସ୍କ୍ରିନିଂ କରିବା, ଲିଫ୍ଟରେ ଜଣେ ଲିଫ୍ଟମ୍ୟାନ ରଖିବା ସହିତ ଅଧିକ ଲୋକ ଆସିବାକୁ ବାରଣ କରିବା ପାଇଁ ସର୍ତ୍ତ ରହିଛି। ଅନୁରୂପ ଭାବେ ମଲ୍‌ର ତାପମାତ୍ରା ୨୪ରୁ ୩୦ ଡିଗ୍ରୀ ମଧ୍ୟରେ ରଖିବା ଓ ☞ପୃଷ୍ଠା-୪

# ଅମର ସିଂଙ୍କ ପରଲୋକ



**ନୂଆଦିଲ୍ଲୀ, ୧।୮**

ସମାଜବାଦୀ ପାର୍ଟିର ପୂର୍ବତନ ନେତା ତଥା ରାଜ୍ୟ ସଭା ସଦସ୍ୟ ଅମର ସିଂଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ ଅସୁସ୍ଥ ଥିଲେ। କିଡ୍‌ନୀ ଜନିତ ଅସୁସ୍ଥତା କାରଣରୁ ସେ ଗତ ମାର୍ଚ୍ଚରେ ଅସ୍ତ୍ରୋପଚାର ପାଇଁ ସିଙ୍ଗାପୁରର ଏକ ହସ୍ପିଟାଲକୁ ଯାଇଥିଲେ। ☞ପୃଷ୍ଠା-୪

# ଏଚ୍-୧ ବି ଭିଜା ଆବେଦନ ଫି ବଢ଼ିଲା

**ମୁମ୍ବାଇ,୧।୮**

ଏଚ୍-୧ ବି ଭିଜା ଆପ୍ଲିକେଶନର ବେସିକ୍ ଫି ବା ସାଧାରଣ ଦେୟକୁ ବର୍ତ୍ତମାନ ବୃଦ୍ଧି କରାଯାଇଛି। ଏଥିଲାଗି ୪୬୦ ଡଲାର (୩୪,୪୬୭.୭୫ ଟଙ୍କା) ଦେବାକୁ ପଡୁଥିବା ବେଳେ ଏଥିରେ ବର୍ତ୍ତମାନ ୨୧% ବୃଦ୍ଧି ଘଟି ୫୫୫ ଡଲାର(୪୧,୫୮୬.୦୯ ଟଙ୍କା) ଛୁଇଁଛି। ସେହିଭଳି ଏଲ୍-୧ ଭିଜା ଦେୟ ପ୍ରାୟ ୭୫% ବୃଦ୍ଧି ଘଟି ୮୦୫ ଡଲାର (୬୦,୩୧୮.୫୭ ଟଙ୍କା)ହୋଇଛି। ଏଲ୍-୧ ଭିଜା ସାଧାରଣତଃ ଆନ୍ତଃ କମ୍ପାନୀ ସ୍ଥାନାନ୍ତର ଲାଗି ବ୍ୟବହାର ହୋଇଥାଏ। ଅକ୍ଟୋବରଠାରୁ ଏହି ନୂଆ ଫାଇଲିଂ ନିୟମ କାର୍ଯ୍ୟକାରୀ ହେବ। ନିଯୁକ୍ତିଦାତାଙ୍କ ଦ୍ୱାରା ଏହି ଭିଜା ଫି ଦିଆଯାଉଥିଲେ ମଧ୍ୟ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା କିମ୍ବା କାର୍ଯ୍ୟଭାର ଲାଗି ଆମେରିକା ପଠାଇବା ବ୍ୟୟବହୁଳ ହେବ ବୋଲି କୁହାଯାଉଛି। ମିଳିଥିବା ସୂଚନା ମୁତାବକ, ୨୦୧୯ ସେପ୍ଟେମ୍ବର ଶେଷ ସୁଦ୍ଧା ୩.୮୮ ଲକ୍ଷ ଭିଜା ଜାରି କରାଯାଇଛି। ଏହା ମଧ୍ୟରୁ ପ୍ରାୟ ୨.୭୮ ଲକ୍ଷ( ୭୨%) ଭିଜା ଭାରତୀୟମାନେ ଲାଭ କରିଛନ୍ତି। ଏହା ମଧ୍ୟରେ ଭିଜା ଏକ୍ସଟେନଶନ ମଧ୍ୟ ସାମିଲ ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ**

# ତାଲିମ ଅଛି, ନିଯୁକ୍ତି ନାହିଁ

**ଭୁବନେଶ୍ୱର,୧।୮(ବ୍ୟୁରୋ)**



ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଦକ୍ଷତା ବିକାଶ ମିଶନ ଗଠନ କରାଯାଇ ଯୁବତୀଯୁବକଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହାର ପ୍ରକୃତ ଚିତ୍ର ଏବେ ସାମ୍ନାକୁ ଆସିଛି। ୨୦୧୬-୧୭ରୁ ୨୦୧୮-୧୯ ଅର୍ଥାତ୍ ଗତ ୩ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ମାଧ୍ୟମରେ ୬ .୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଇ ଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧% ଅର୍ଥାତ୍ ୬,୩୪୦ଜଣଙ୍କୁ ୫୨ଟି ସଂସ୍ଥା ଜରିଆରେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୪-୧୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପ୍ରଣୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗତ ୩ବର୍ଷରେ ୬,୧୧,୦୧୨ ଜଣ ଯୁବତୀଯୁବକଙ୍କୁ ତାଲିମ ଦିଆଯାଇଛି। ସେହିପରି ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ପରିଚାଳିତ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମରେ ଗତ ୩ବର୍ଷରେ ୩୧,୮୮ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହିପରି ଭାବେ ପ୍ରାୟ ସାଢ଼େ ୬ଲକ୍ଷ ଯୁବତୀଯୁବକଙ୍କୁ ତାଲିମ ଦିଆଯାଇଥିଲେ ମଧ୍ୟ ସେହି ଅନୁଯାୟୀ ନିଯୁକ୍ତି ମିଳି ନ ଥିବାରୁ ଅନେକ ଯୁବତୀଯୁବକ ଏବେ ବେକାର ହୋଇ ବୁଲୁଛନ୍ତି। ଅନୁରୂପ ଭାବେ ୨୦୧୯-୨୦ ଶିକ୍ଷା ବର୍ଷରେ ବିଭିନ୍ନ ଟ୍ରେଡ୍‌ରେ ପାଖାପାଖି ଦେଢ଼ ଲକ୍ଷ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଇଛି। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ନିଯୁକ୍ତି ମିଳିନାହିଁ। ତାଲିମ ଅଧା ହୋଇଥିବାବେଳେ ମହାମାରୀ କରୋନା ଯୋଗୁ ସବୁକିଛି ଅଟକି ରହିଯାଇଛି। ସବୁଠାରୁ ବଡ଼ କଥା ହେଉଛି ଯେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକସ୍ତରରେ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। ମାତ୍ର ଏହାର ଆବଶ୍ୟକ ପ୍ରଚାରପ୍ରସାର କରାଯାଉନାହିଁ। ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁଁ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ବେକାର ଯୁବତୀଯୁବକ ଜାଣି ପାରୁନାହାନ୍ତି।

୨୦୧୬ରୁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦକ୍ଷତା ବିକାଶ ମିଶନକୁ ଇତିମଧ୍ୟରେ ୪ବର୍ଷ ପୂରିଛି। ଏହା ମାଧ୍ୟମରେ ରାଜ୍ୟରେ ଏବେ ୩୨ଟି ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ କରାଯାଇଛି। ଦକ୍ଷତା ବିକାଶ ପ୍ରଶିକ୍ଷଣ ଲାଗି ରାଜ୍ୟ ସରକାର ୬୧ଟି ଟ୍ରେନିଂ ପାର୍ଟନରଙ୍କ ସହ ହାତ ମିଳାଇଛନ୍ତି। ୧୯୬ଭିନ୍ନ ଭିନ୍ନ ଟ୍ରେଡ୍ ବା ବିଷୟରେ ପିଲାମାନେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରଶିକ୍ଷିତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବାଲାଗି ପ୍ଲେସ୍‌ମେଣ୍ଟ ସହ ଜଡ଼ିତ ୩୯ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସତ୍ତ୍ୱେ ମଧ୍ୟ ନିଯୁକ୍ତି ହାର ଆବଶ୍ୟକତା ଠାରୁ ଢେର୍ କମ୍ ରହିଛି। ନିଯୁକ୍ତିଦାତାମାନେ ଏବେ ବି ଓଡ଼ିଶାକୁ ଦକ୍ଷ ମାନବ ସମ୍ବଳ ଅଭାବ ରାଜ୍ୟଭାବେ ପରିଗଣିତ କରୁଛନ୍ତି। ଅନ୍ୟପକ୍ଷରେ ୨୦୨୦ ସୁଦ୍ଧା ଭୁବନେଶ୍ୱରରେ ୱାର୍ଲଡ୍ ସ୍କିଲ୍ ସେଣ୍ଟର ବା ବିଶ୍ୱ ଦକ୍ଷତା କେନ୍ଦ୍ର ☞ପୃଷ୍ଠା-୪


RSPL

**ଭାରତର ବୀର ଦୋକାନୀ ଭାଇ**

**କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ**

ଆଜି ସଂପୂର୍ଣ୍ଣ ଦେଶ ଏକ ମୁସ୍କିଲ ସମୟରେ ଗତି କରୁଛି । ଆର୍.ଏସ୍.ପି.ଏଲ. ପରିବାର ସେହି ସମସ୍ତ ଦୋକାନୀ ଭାଇମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି, ଯିଏକି ଏହି ମୁସ୍କିଲ ସମୟରେ ନିଜର କାର୍ଯ୍ୟ ଏବଂ ନିଷ୍ଠା ଦ୍ୱାରା ଦେଶ ଓ ଦେଶବାସୀଙ୍କ କୌଣସି ପ୍ରକାର ସମସ୍ୟା ହେବାକୁ ଦେଇନାହାନ୍ତି ।

**ଭାରତର ଏହି ବୀରମାନଙ୍କୁ ଆମେ କୋଟି କୋଟି ନମସ୍କାର ଜଣାଉଛୁ ।**

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ ପାଉଡର

| SLAB | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3 kg ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 1 kg ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 500 g ର 1 *ବସ୍ତା | 500 g ର 1 ପ୍ୟାକେଟ୍ ମାଗଣା |
| ₹10/-(135 g) ର 1 *ବସ୍ତା | ₹10/-(135 g) ର 5 ପ୍ୟାକେଟ୍ ମାଗଣା |
| ₹5/-(67 g) ର 1 *ବସ୍ତା | ₹5/-(67 g) ର 5 ପ୍ୟାକେଟ୍ ମାଗଣା |

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ କେକ୍

| SLAB | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1 ନଗ୍ *(ପେଟି) | ₹5/-(90 g) ର 3 pcs. ସଂପୂର୍ଣ୍ଣ ମାଗଣା |

ସ୍କିମ୍ 1 August, 2020 ରୁ ଲାଗୁ
ଅଫର୍ ସିମିତ ସମୟ ପାଇଁ



SKU (ପେଟ/ବସ୍ତା) Information
Ghadi powder : 3kgx10 pkts.,1kgx25 pkts, 500gx40 pkts, 135gx72 pkts. 67gx100 pkts.
Ghadi Cake : 90gx100 pcs., 185gx56 pcs., 300gx48 pcs., 160gx80 pcs.
*As per Nielsen Retail Index data for MAT November 2019, All India (Urban + Rural) market in Washing Powder Category.

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।
B. UMA SHANKAR (BHUBANESWAR): 7873096108,
RAJESH KUMAR (SAMBALPUR): 8709987942,
DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ । © RSPL CARE 1800 120 2800



ନୂଆ ଶିକ୍ଷାନୀତି ଲୋକଙ୍କୁ କାମ ଯୋଗାଇବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଦେଶର ଶିକ୍ଷା ଢାଞ୍ଚାରେ ପରିବର୍ତ୍ତନ ଅଣାଯାଇ ଏହାକୁ ଅଧିକ ବଳିଷ୍ଠ ଓ ଆୟ ଉପାର୍ଜନର ମାର୍ଗ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ସ୍ମାର୍ଟ ଇଣ୍ଡିଆ ହାକାଥନର ଗ୍ରାଣ୍ଡ୍ ଫିନାଲେରେ ଉଦ୍‌ବୋଧନ ଦେଇ ଏନ୍‌ଇପି ଅନ୍ତଃବିଷୟ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଥିବା ମୋଦି କହିଛନ୍ତି।




ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ ପାଟନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଅଦାଳତ ଅବମାନନା ଆଇନକୁ ଚ୍ୟାଲେଞ୍ଜ

- ବାକ୍ ସ୍ୱାଧୀନତାର ଉଲ୍ଲଂଘନ
- ସୁପ୍ରିମ୍‌କୋର୍ଟ ଗଲେ ଏନ୍. ରାମ, ଅରୁଣ ସୌରୀ, ପ୍ରଶାନ୍ତ ଭୂଷଣ

ନୂଆଦିଲ୍ଲୀ, ୧।୮

ଅଦାଲତ ଅବମାନନା ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସମ୍ବିଧାନ ପ୍ରଦତ୍ତ ବାକ୍ ସ୍ୱାଧୀନତା ଓ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଉକ୍ତ ଆଇନ ଗୁରୁତର ପ୍ରଭାବ ପକାଉଥିବା ଦର୍ଶାଇ ବରିଷ୍ଠ ସାମ୍ବାଦିକ ଏନ୍. ରାମ, ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ ଶନିବାର ସର୍ବୋଚ୍ଚ ଅଦାଲତରେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି। ୧୯୭୧ରେ ପ୍ରଣୀତ ଏହି ଆଇନ ଅସାମ୍ବିଧାନିକ ଓ ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧୀ ବୋଲି ସେମାନେ ଉଲ୍ଲେଖ କରିବା ସହ ଏଥିରେ ଥିବା କେତେକ ବ୍ୟବସ୍ଥାକୁ ରଦ୍ଦ କରିବା ପାଇଁ ନିବେଦନ କରିଛନ୍ତି। ଅଦାଲତ ଅବମାନନା ଆଇନର ବିବାଦୀୟ ଉପଧାରା ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ଏବଂ ପ୍ରସ୍ତାବନାର ମୂଲ୍ୟବୋଧ ସହ ଖାପ ଖାଉ ନ ଥିବାରୁ ଏହା ଅସାମ୍ବିଧାନିକ। ଏହା ଅସ୍ପଷ୍ଟ ଏବଂ ମନମାନି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଅଦାଲତକୁ ସମାଲୋଚନାକୁ ଅପରାଧୀକରଣ କରାଯିବା ଦ୍ୱାରା ଏହି ବିବାଦୀୟ ଉପଧାରା ସର୍ବସାଧାରଣ ଓ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ୱର ଉପରେ ଅଙ୍କୁଶ ଲଗାଉଛି।

ସୂଚନାଯୋଗ୍ୟ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଦେଶର ପ୍ରଧାନ ବିଚାରପତି ଏବଂ ଆଇନ ବ୍ୟବସ୍ଥା ଉପରେ ଗୁରୁତର ଅଭିଯୋଗ ଆଣିଥିଲେ। ତାଙ୍କ ବିରୋଧରେ ଅଦାଲତ ଅବମାନନାର ଶୁଣାଣି ପୂର୍ବରୁ ଉକ୍ତ ଆଇନକୁ ଚ୍ୟାଲେଞ୍ଜ କରାଯାଇଛି। ପ୍ରଶାନ୍ତ ଭୂଷଣ ମଧ୍ୟ ସର୍ବୋଚ୍ଚ ଅଦାଲତଙ୍କ ରାୟର ପୁନର୍ବିଚାର ପାଇଁ ଆବେଦନ କରିଥିଲେ। ଆଇନଜୀବୀ ମହେକ ମାହେଶ୍ୱରୀଙ୍କ ପିଟିଶନ ଆଧାରରେ କୋର୍ଟ ତାଙ୍କ ବିରୋଧରେ ଅଦାଲତ ଅବମାନନା ମକଦ୍ଦମା ଚଳାଇବା ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଅଦାଲତ ଅବମାନନା ପିଟିଶନ ଦାଏର କରିବା ପାଇଁ ଆଟର୍ନି ଜେନେରାଲଙ୍କ ଅନୁମତି ନେବା ଜରୁରୀ। କିନ୍ତୁ ମହେକ ମାହେଶ୍ୱରୀ ଅନୁମତି ନେଇ ନ ଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୪କୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ ପୂର୍ବତନ ପ୍ରଧାନ ବିଚାରପତିଙ୍କ ଉପରେ ପ୍ରକାଶିତ ଖବର ଉପରେ ୧୧ ବର୍ଷ ତଳେ ପ୍ରଶାନ୍ତ ଭୂଷଣ ଦେଇଥିବା ମନ୍ତବ୍ୟକୁ ନେଇ ତାଙ୍କ ବିରୋଧରେ ଅନ୍ୟ ଏକ ଅଦାଲତ ଅବମାନନା ମାମଲା ମଧ୍ୟ ବିଚାରାଧୀନ ରହିଛି। ପୂର୍ବତନ ବିଚାରପତି, ଲେଖକ, ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ସମେତ ୧୩୧ ଜଣ ଉକ୍ତ ମାମଲାକୁ ବାତିଲ କରିବା ପାଇଁ ଚାହୁଁଛନ୍ତି। ଏନ୍. ରାମ ଏବଂ ଅରୁଣ ସୌରୀଙ୍କ ବିରୋଧରେ ମଧ୍ୟ ଅତୀତରେ ଅଦାଲତ ଅବମାନନା ମାମଲା ରହିଥିଲା।



ଏନ୍. ରାମ | ଅରୁଣ ସୌରୀ | ପ୍ରଶାନ୍ତ ଭୂଷଣ

# ପ୍ରମାଣ ଜାଲିଆତିକୁ ଭୟ

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସୁଶାନ୍ତଙ୍କ ଭଉଣୀ

ନୂଆଦିଲ୍ଲୀ,୧।୮

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲା ଭିନ୍ନ ମୋଡ଼ ନେଉଥିବାବେଳେ ସୁଶାନ୍ତଙ୍କ ଭଉଣୀ ଶ୍ୱେତା ସିଂ କୀର୍ତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଶନିବାର ସେ ପ୍ରଧାନମନ୍ତ୍ରୀଙ୍କୁ ଏକ ଖୋଲାଚିଠି ଲେଖି ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ସୁଶାନ୍ତଙ୍କ ବଲିଉଡ୍‌ରେ କେହି ଗଡ୍‌ଫାଦର ନ ଥିଲେ। ଏଥିସହ ଶ୍ୱେତା ନିଜ ଫେସ୍‌ବୁକ ଆକାଉଣ୍ଟରେ ଲେଖିଛନ୍ତି, ସୁଶାନ୍ତଙ୍କ ଭଉଣୀ ହିସାବରେ ସମସ୍ତ ମାମଲାର ଖୁବ୍‌ଶୀଘ୍ର ସ୍ନାନ କରିବା ଲାଗି ଅନୁରୋଧ କରୁଛି। ଭାରତୀୟ ନ୍ୟାୟପାଳିକା ଉପରେ ଯଥେଷ୍ଟ ବିଶ୍ୱାସ ରହିଛି। ଯେକୌଣସି ମତେ ଆମକୁ ନ୍ୟାୟ ଦରକାର।

ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ଶ୍ୱେତା ଦର୍ଶାଇଛନ୍ତି ଯେ, ଆମେ ଏକ ସାଧାରଣ ସରଳ ପରିବାରରୁ ଆସିଛୁ। ବଲିଉଡ୍‌କୁ ଆସିବା ପୂର୍ବରୁ ସୁଶାନ୍ତଙ୍କ କେହି ଗଡ୍‌ଫାଦର ନ ଥିଲେ। ଏବେ ବି କେହି ସେଭଳି ଆମ ପରିବାର ପଛରେ ନାହାନ୍ତି। ମାମଲାର ସମସ୍ତ ଦିଗ ଯେପରି ଠିକ୍‌ଭାବେ ଚାଲିବ ସେଥିଲାଗି ଦୃଷ୍ଟିଦେବାକୁ ଅନୁରୋଧ। ତଥ୍ୟରେ ଜାଲିଆତି କରାଯିବାର ଆଶଙ୍କା ରହିଛି। ଫେସ୍‌ବୁକ ପୋଷ୍ଟ ପରେ ପ୍ରଧାନମନ୍ତ୍ରୀଙ୍କୁ ଶ୍ୱେତା ଏଭଳି ଚିଠି ଲେଖି ସହଯୋଗ ଲାଗି ଅନୁରୋଧ କରିଛନ୍ତି।



ଶ୍ୱେତା ସିଂ କୀର୍ତ୍ତି

## ରିଆଙ୍କୁ ପାଉନି ବିହାର ପୋଲିସ

ପାଟନା,୧।୮: ବିହାର ପୋଲିସ ମୁମ୍ବାଇ ଯାଇ ସେଠାରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ବେଳେ ସୁଶାନ୍ତଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ ଠାବ କରିପାରି ନ ଥିବା କହିଛି। ରିଆଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଥିବାବେଳେ ତାଙ୍କୁ ଠାବ କରିବା ଲାଗି ପ୍ରୟାସ ଜାରି ରହିଥିବା ବିହାର ଡିଜିପି ଗୁପ୍ତେଶ୍ୱର ପାଣ୍ଡେ କହିଛନ୍ତି। ରିଆଙ୍କ ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ହେବାକୁ ଥିବାବେଳେ ସୁଶାନ୍ତଙ୍କ ପରିବାର ଚାହିଁଲେ ମାମଲାର ସିବିଆଇ ତଦନ୍ତ ଲାଗି ଦାବି କରାଯିବ ବୋଲି ପାଣ୍ଡେ ପ୍ରକାଶ କରିଛନ୍ତି। ସୁଶାନ୍ତ କେବଳ ବିହାରର ପୁଅ ନୁହନ୍ତି ବରଂ ଭାରତବର୍ଷର ପୁଅ, ତାଙ୍କୁ ନ୍ୟାୟ ଦେବା ଲାଗି ଆମେ ସବୁକିଛି କରିପାରିବୁ ବୋଲି ସେ କହିଛନ୍ତି। ତଦନ୍ତରେ ମୁମ୍ବାଇ ପୋଲିସ ସହଯୋଗ କରୁଥିବା ସେ କହିବା ସହ ସତ ଖୁବ୍‌ଶୀଘ୍ର ପଦାକୁ ଆସିବ ବୋଲି ପ୍ରକାଶ କରିଛନ୍ତି।

## ‘ମୁମ୍ବାଇ ପୋଲିସ ସହଯୋଗ କରୁନି’

ପାଟନା,୧।୮: ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ତଦନ୍ତ ମାମଲାରେ ବିହାର ପୋଲିସକୁ ମୁମ୍ବାଇ ପୋଲିସ ସହଯୋଗ କରୁ ନ ଥିବା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଅଭିଯୋଗ କରିଛନ୍ତି। ଟୁଇଟର ମାଧ୍ୟମରେ ମୋଦି ଦର୍ଶାଇଛନ୍ତି ଯେ, ବିହାର ପୋଲିସର ତଦନ୍ତରେ ମୁମ୍ବାଇ ପୋଲିସ ବାଧା ସୃଷ୍ଟିକରୁଛି। ମାମଲାର ତଦନ୍ତ ସିବିଆଇ କରିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ତଦନ୍ତ ଠିକ୍ ବାଟରେ ଯିବା ଲାଗି ସହଯୋଗର ଆବଶ୍ୟକତା ରହିଥିବା ସେ କହିଛନ୍ତି। ପ୍ରକାଶଥାଉ କି, ସୁଶାନ୍ତ ଜୁନ୍ ୧୪ରେ ନିଜ ବାନ୍ଦ୍ରାସ୍ଥିତ ବାସଭବନରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲେ। ସେବେଠାରୁ ପୋଲିସ ତଦନ୍ତ ଜାରି ରହିଛି।



ସୁଶୀଲ ମୋଦି

# ପଞ୍ଜାବ ମଦମୃତ୍ୟୁ ସଂଖ୍ୟା ୮୬କୁ ବୃଦ୍ଧି

ଚଣ୍ଡିଗଡ଼,୧।୮: ପଞ୍ଜାବରେ ବିଷାକ୍ତ ମଦ ପିଇବା ଯୋଗୁ ମୃତ୍ୟୁସଂଖ୍ୟା ଶନିବାର ୮୬କୁ ବୃଦ୍ଧି ପାଇଛି। ଏହି ଘଟଣାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ୭ ଅବକାରୀ ଅଧିକାରୀ ଓ ୬ ପୋଲିସଙ୍କୁ ସସ୍‌ପେଣ୍ଡ କରିଛନ୍ତି। ଏମାନଙ୍କ ବିରୋଧରେ ତଦନ୍ତ ଚାଲିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ୩ ଜିଲାର ୮୬ ମୃତକଙ୍କ ପରିବାର ଲାଗି ପଞ୍ଜାବ ସରକାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଏହି ସହାୟତା ପ୍ରଦାନ କରାଯିବ। ପ୍ରକାଶଥାଉ କି ତରନ ତରନରେ ୬୩, ଗ୍ରାମୀଣ ଅମୃତସରରେ ୧୨ ଓ ଗୁରୁଦାସପୁରରେ ୧୧ ଜଣଙ୍କ ବିଷାକ୍ତ ମଦପିଇ ମୃତ୍ୟୁ ଘଟିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସିଂ ପ୍ରକାଶ କରିଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଏଭଳି ମଦମୃତ୍ୟୁକୁ ରୋକିବାରେ ବ୍ୟର୍ଥ ହେବା ଲଜ୍ଜାର ବିଷୟ ବୋଲି ସେ କହିଛନ୍ତି।

## ମହିଳାଙ୍କୁ ସ୍ୱାମୀ ଓ ସହଯୋଗୀଙ୍କ ବଳାତ୍କାର



ଲକ୍ଷ୍ନୌ,୧।୮: ଉତ୍ତରପ୍ରଦେଶର ପିଲିଭିଟରେ ଜଣେ ମହିଳାଙ୍କୁ ଦୁଇଦିନ ଧରି ତାଙ୍କ ସ୍ୱାମୀ ଓ ସହଯୋଗୀମାନେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବଳାତ୍କାର ପରେ ସେମାନେ ଏକ ରେଲ୍‌ୱେ ଟ୍ରାକ୍‌ରେ ପୀଡ଼ିତାଙ୍କୁ ଫିଙ୍ଗିଦେଇ ଫେରାର୍ ହୋଇଯାଇଥିଲେ। ପୀଡ଼ିତାଙ୍କ ମା ଥାନାରେ ଏନେଇ ମାମଲା ରୁଜୁକରିବା ପରେ ଗୁରୁବାର ଘଟଣାଟି ଲୋକଲୋଚନକୁ ଆସିଥିଲା। ୨୦୧୬ ଏପ୍ରିଲ ୨୪ରେ ସରକାରୀ ଆମ୍ବୁଲାନ୍ସ ସେବାରେ କାମ କରୁଥିବା ଜଣେ ଯୁବକଙ୍କୁ ମହିଳା ଜଣକ ବିବାହ କରିଥିଲେ। ବିବାହ ପରେ ଯୌତୁକକୁ ନେଇ ମହିଳାଙ୍କ ଉପରେ ସ୍ୱାମୀଙ୍କ ଅତ୍ୟାଚାର ବଢ଼ିବାରେ ଲାଗିଲା। ମାଡ଼ଗାଳି ସତ୍ତ୍ୱେ ମହିଳା ଜଣକ ସେଠାରେ ରହିଆସୁଥିଲେ। ୨୦୧୮ ଜାନୁୟାରୀରେ ସ୍ୱାମୀଙ୍କ ମାଡ଼ରେ ଗର୍ଭବତୀ ଥିବା ମହିଳାଙ୍କ ଗର୍ଭପାତ ହୋଇଯାଇଥିଲା। ଏନେଇ ସ୍ୱାମୀଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଥିଲା। ଗତ ଜୁଲାଇ ୨୪ରେ ମହିଳା ଜଣଙ୍କୁ ଅପହରଣ କରି ନିଆଯାଇଥିଲା। ସ୍ୱାମୀ ଓ ତାଙ୍କ ୩ ସହଯୋଗୀ ଏକ ଅଜଣା ଜାଗାକୁ ନେଇ ୨ ଦିନ କାଳ ବଳାତ୍କାର କରିବା ପରେ ଜାହାନାବାଦ ପୋଲିସ ଷ୍ଟେଶନ ନିକଟ ଶାହି ରେଲ୍‌ୱେ ଷ୍ଟେଶନ ନିକଟରେ ଫିଙ୍ଗି ଦେଇଥିଲେ।

# ଉତ୍ତେଜନା ବଢ଼ାଉଛି ନେପାଳ

## ଜାତିସଂଘ, ଗୁଗଲକୁ ନୂଆ ମାନଚିତ୍ର ପଠାଇବ

ନୂଆଦିଲ୍ଲୀ, ୧।୮

ଭାରତର ୩ଟି ସୀମାନ୍ତ ଅଞ୍ଚଳକୁ ନିଜର ବୋଲି ଦାବି କରୁଥିବା ନେପାଳ ପୁଣି ଥରେ ଉତ୍ତେଜନା ବଢ଼ାଇଛି। ଉକ୍ତ ୩ ଅଞ୍ଚଳକୁ ନେଇ ପ୍ରସ୍ତୁତ ସଂଶୋଧିତ ମାନଚିତ୍ରକୁ ଜାତିସଂଘ ଓ ଗୁଗଲ ନିକଟକୁ ପଠାଇବା ପାଇଁ କାଠମାଣ୍ଡୁ ଯୋଜନା କରିଛି। ନୂଆ ମାନଚିତ୍ରରେ ଭାରତର କାଲାପାନି, ଲିପୁଲେଖ ଏବଂ ଲିମ୍ପିଆଧୁରାକୁ ନେପାଳ ନିଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦର୍ଶାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ସରକାର ନୂଆ ମାନଚିତ୍ରକୁ ଇଂଲିଶରେ ପ୍ରକାଶ କରି ଅନ୍ତର୍ଜାତୀୟ ସମୁଦାୟଙ୍କ ପାଖକୁ ପଠାଇବା ପାଇଁ ବ୍ୟବସ୍ଥା କରିଛନ୍ତି। ଏ ସମ୍ପର୍କରେ ଭୂମି ପରିଚାଳନା ମନ୍ତ୍ରୀ ପଦ୍ମ ଆର୍ୟାଲ ସୂଚନା ଦେଇଛନ୍ତି। ନେପାଳ ନୂଆ ମାନଚିତ୍ରର ୨୫ ହଜାର କପି ଛପାଇଥିବା ଜଣାପଡିଛି। ସେଗୁଡ଼ିକୁ ସ୍ଥାନୀୟ ଓ ପ୍ରାଦେଶିକ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଯୋଗାଇଦିଆଯିବ।

ମେ’ ୮ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉତ୍ତରାଖଣ୍ଡର ଲିପୁଲେଖ ପାସ୍ ସହିତ ଧାରଚୁଲାକୁ ସଂଯୋଗ ଲାଗି ଗୁରୁତ୍ୱପୂର୍ଣ୍ଣ ୮୦ କିଲୋମିଟର ରାସ୍ତା ଉଦ୍‌ଘାଟନ କରିବା ପରେ ଭାରତ-ନେପାଳ ଦ୍ୱିପାକ୍ଷିକ ସମ୍ପର୍କ ଖରାପ ହୋଇଛି। ଉକ୍ତ ରାସ୍ତା ନେପାଳ ଅଞ୍ଚଳ ଦେଇ ଯାଇଥିବା କାଠମାଣ୍ଡୁ ଦାବି କରୁଥିବାବେଳେ ଭାରତ ଏହାକୁ ଖଣ୍ଡନ କରିଥିଲା। ରାସ୍ତା ସମ୍ପୂର୍ଣ୍ଣ ଭାରତୀୟ ସୀମା ମଧ୍ୟରେ ଥିବା ନୂଆଦିଲ୍ଲୀ କହିଥିଲା। ଏହା ପରେ ନେପାଳ ନୂତନ ମାନଚିତ୍ରରେ ଭାରତର ଉପରୋକ୍ତ ୩ଟି ଅଞ୍ଚଳକୁ ସାମିଲ କରି ସୀମା ବିବାଦ ସୃଷ୍ଟି କରିଛି। ଚାଇନା ପ୍ରରୋଚନାରେ ନେପାଳ ଭାରତ ସହ ବିବାଦ ବଢ଼ାଉଥିବା କୁହାଯାଉଛି। କରୋନା ମହାମାରୀ ଯୋଗୁ ଭାରତ ସହ ଆଲୋଚନା ହୋଇପାରିବ ନାହିଁ ବୋଲି ନେପାଳ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଦୀପ ଗ୍ୟାୱାଲି କହିଥିଲେ। ଅନ୍ୟପକ୍ଷରେ ଗତବର୍ଷ ନଭେମ୍ବରରେ ଭାରତ ପ୍ରକାଶ କରିଥିବା ରାଜନୈତିକ ମାନଚିତ୍ରର ଅଷ୍ଟମ ସଂସ୍କରଣରେ ନେପାଳର କାଲାପାନି, ଲିପୁଲେଖ ଓ ଲିମ୍ପିଆଧୁରାକୁ ନିଜ ଅଞ୍ଚଳ ଭାବେ ସାମିଲ କରିଥିଲା ବୋଲି ସେ ଦାବି କରିଛନ୍ତି। କୂଟନୈତିକ ଆଲୋଚନା ମାଧ୍ୟମରେ ସୀମା ସମସ୍ୟାର ସମାଧାନ ପାଇଁ କାଠମାଣ୍ଡୁ ସେତେବେଳେ ପ୍ରସ୍ତାବ ଦେଇଥିଲା, ଯାହାକୁ ନୂଆଦିଲ୍ଲୀ ଗ୍ରହଣ କରି ନ ଥିଲା ବୋଲି ଗ୍ୟାୱାଲି କହିଛନ୍ତି।

# ଆଡଭାନୀ, ଜୋଷୀଙ୍କୁ ନିମନ୍ତ୍ରଣ ନାହିଁ

## ୫ରେ ରାମମନ୍ଦିର ଭୂମିପୂଜନ ଉତ୍ସବ

ନୂଆଦିଲ୍ଲୀ, ୧।୮

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ ଲାଗି ଆସନ୍ତା ୫ ତାରିଖରେ ଭୂମିପୂଜନ ଉତ୍ସବ ଧୁମ୍‌ଧାମରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିରର ଶିଳାନ୍ୟାସ କରିବାକୁ ଥିବାବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ଯୋଗଦେବେ। ଉତ୍ସବରେ ଯୋଗଦେବା ପାଇଁ ରାମ ଜନ୍ମଭୂମି ଆନ୍ଦୋଳନର ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଏବଂ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କୁ ଆମନ୍ତ୍ରଣ କରାଯାଇଛି। ତେବେ ରାମ ଜନ୍ମଭୂମି ଆନ୍ଦୋଳନର ପୁରୋଧା ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଜୋଷୀଙ୍କୁ ଭୂମିପୂଜନ ଉତ୍ସବରେ ଯୋଗଦେବା ଲାଗି ଏପର୍ଯ୍ୟନ୍ତ ନିମନ୍ତ୍ରଣ କରାଯାଇ ନ ଥିବା ଜଣାପଡିଛି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଧର୍ମୀୟ ସମାବେଶରେ ଯୋଗ ଦେଇପାରିବେ ନାହିଁ। ସେହି ଅନୁଯାୟୀ ଦେଖିଲେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୬୯ ବର୍ଷ ହୋଇଥିବାବେଳେ ଆଡଭାନୀଙ୍କୁ ୯୨ ଓ ଜୋଷୀଙ୍କୁ ୮୬ ବର୍ଷ ହେଲାଣି।



# ଅମର ସିଂ: ବ୍ୟବସାୟୀରୁ ପ୍ରଭାବଶାଳୀ ନେତା

ନୂଆଦିଲ୍ଲୀ, ୧।୮

ସମାଜବାଦୀ ପାର୍ଟିରେ ଏକଦା ଅତ୍ୟନ୍ତ ପ୍ରଭାବଶାଳୀ ନେତା ଥିବା ଅମର ସିଂ ରାଜନୀତିକୁ ଆସିବା ପୂର୍ବରୁ ଜଣେ ବିଶିଷ୍ଟ ବ୍ୟବସାୟୀ ତଥା ଶିଳ୍ପପତି ଥିଲେ। ସେ କେତେକ ଶିଳ୍ପରେ ପୁଞ୍ଜିନିବେଶ କରିଥିଲେ। ଇଡିସିଏଲ୍ କମ୍ପାନୀର ଅଧ୍ୟକ୍ଷ ଥିଲେ। ତାଙ୍କର କୌଣସି ପାରିବାରିକ ରାଜନୀତି ପୃଷ୍ଠଭୂମି ନ ଥିଲା। ଏହା ସତ୍ତ୍ୱେ ୯୦ ଦଶକରୁ ୨୦୧୦ ପର୍ଯ୍ୟନ୍ତ ସେ ଭାରତୀୟ ରାଜନୀତିରେ ନିଜକୁ ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ପ୍ରତିପାଦିତ କରିପାରିଥିଲେ। ଅଧିକାଂଶ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ଏବଂ ବଲିଉଡ୍ ସହ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିଲା। ଏପରିକି ବିଶିଷ୍ଟ ଶିଳ୍ପପତିମାନଙ୍କ ସହ ମଧ୍ୟ ତାଙ୍କର ଖୁବ୍ ଭଲ ସମ୍ପର୍କ ଥିଲା।

୧୯୫୬ ଜାନୁୟାରୀ ୨୭ରେ ଉତ୍ତରପ୍ରଦେଶର ଆଜମଗଡ଼ରେ ଏକ ରାଜପୁତ୍ ପରିବାରରେ ଜନ୍ମିତ ଅମର ସିଂ ସମାଜବାଦୀ ପାର୍ଟିରେ ସାଧାରଣ ସମ୍ପାଦକ ରହିବା ସହ ଅନେକ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କମିଟିରେ ରହିଥିଲେ। ୨୦୧୦ ଜାନୁୟାରୀ ୬ରେ ସେ ସମାଜବାଦୀ ପାର୍ଟିରୁ ଇସ୍ତଫା ଦେଇଥିଲେ। ଦଳବିରୋଧୀ କାର୍ଯ୍ୟ ସହ ସମ୍ପୃକ୍ତି ଅଭିଯୋଗରେ ସେହିବର୍ଷ ଫେବୃୟାରୀ ୨ରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ୨୦୧୧ରେ ସେ କିଛିଦିନ ବିଚାର ବିଭାଗୀୟ ହାଜତରେ କଟାଇଥିଲେ।

ଦିଲ୍ଲୀ ରାଜନୀତିରେ ଅମର ସିଂଙ୍କ ପ୍ରାଧାନ୍ୟ ଖୁବ୍ ବଢ଼ିଯାଇଥିଲା ଯେତେବେଳେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରରୁ ସିପିଆଇ ସମର୍ଥନ ପ୍ରତ୍ୟାହାର କରିନେଲା। ଆମେରିକା ସହ ପ୍ରସ୍ତାବିତ ଆଣବିକ ଚୁକ୍ତିନାମାକୁ ବିରୋଧ କରି ୨୦୦୮ରେ ସିପିଆଇ ସମର୍ଥନ ପ୍ରତ୍ୟାହାର କରିନେବାରୁ ଉପା ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିଲା। ସେତେବେଳେ ଅମରଙ୍କ ଉଦ୍ୟମକ୍ରମେ ସମାଜବାଦୀ ପାର୍ଟି ଉପାକୁ ସମର୍ଥନ ଯୋଗାଇଦେଇଥିଲା। ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ପ୍ରୋତ୍ସାହନ କ୍ରମେ ୨୦୧୦ ଡିସେମ୍ବର ୨୧ରେ ଅମର ନିଜର ଆନୁଷ୍ଠାନିକ ୱେବ୍‌ସାଇଟ ଓ ବ୍ଲକ୍ ଆରମ୍ଭ କରିଥିଲେ। ସେତେବେଳେ ଅମିତାଭଙ୍କ ସହ ତାଙ୍କର ଘନିଷ୍ଠତା ଥିଲା। ୨୦୧୧ରେ ସେ ନିଜସ୍ୱ ରାଜନୈତିକ ଦଳ ରାଷ୍ଟ୍ରୀୟ ଲୋକମଞ୍ଚ ଗଠନ କରିଥିଲେ। ୨୦୧୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ୩୬୦ ଆସନରେ ପ୍ରାର୍ଥୀ ଦେଇଥିଲେ ମଧ୍ୟ ଗୋଟିଏ ବି ଆସନ ଜିତିପାରି ନ ଥିଲା। ୨୦୧୪ ମାର୍ଚ୍ଚରେ ଅମର ରାଷ୍ଟ୍ରୀୟ ଲୋକଦଳ ପାର୍ଟିରେ ଯୋଗଦେଇ ସେହିବର୍ଷ ୟୁପିର ଫତେପୁର ସିକ୍ରି ଆସନରୁ ସାଧାରଣ ନିର୍ବାଚନ ଲଢ଼ି ହାରିଯାଇଥିଲେ। ୨୦୧୬ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟ ସଭା ନିର୍ବାଚନ ଲଢ଼ି ସମାଜବାଦୀ ପାର୍ଟି ସମର୍ଥନରେ ବିଜୟୀ ହୋଇଥିଲେ। ତେବେ ତତ୍କାଳୀନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସମେତ ଦଳର ଗୋଟିଏ ଗୋଷ୍ଠୀ ତାଙ୍କୁ ଦୃଢ଼ ବିରୋଧ କରିଥିଲେ। ୨୦୧୬ ଅକ୍ଟୋବରରେ ତାଙ୍କୁ ପୁଣିଥରେ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ କରାଯାଇଥିଲା।

ରାଜନୈତିକ କ୍ୟାରିୟର ମଧ୍ୟରେ ଅମର ସିଂ ବହୁ ବିବାଦରେ ଛନ୍ଦି ହୋଇଯାଇଥିଲେ। ତାଙ୍କ ଦଳର ୬ ଜଣ ଏମ୍‌ପିଙ୍କୁ ତତ୍କାଳୀନ ୟୁପି ମୁଖ୍ୟମନ୍ତ୍ରୀ ମାୟାବତୀ ଅପହରଣ କରିନେଇ ଉତ୍ତରପ୍ରଦେଶ ଭବନରେ ରଖିଥିବା ୨୦୦୮ ଜୁଲାଇ ୨୨ରେ ଅମର ଅଭିଯୋଗ କରିଥିଲେ। ଆସ୍ଥାଭୋଟ ବେଳେ ଦଳୀୟ ନିର୍ଦ୍ଦେଶର ଅବମାନନା କରିଥିବା ଉକ୍ତ ଏମ୍‌ପିମାନଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଜାମିଆନଗର ବାଟ୍‌ଲା ହାଉସ୍ ଏନ୍‌କାଉଣ୍ଟର ଘଟଣାର ତଦନ୍ତ ଦାବି କରି ଅମର ବିବାଦ ମଧ୍ୟକୁ ଆସିଥିଲେ। ୨୦୦୮ରେ ଭାଜପାର ୩ ଜଣ ଏମ୍‌ପିଙ୍କୁ ଉତ୍କୋଚ ଯାଚିବା ଅଭିଯୋଗରେ ଦିଲ୍ଲୀ ପୋଲିସ ୨୦୧୧ରେ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନରେ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ତାଙ୍କୁ କିଛିଦିନ ପାଇଁ ତିହାର ଜେଲ୍‌କୁ ପଠାଇଦେଇଥିଲେ। ଉପଯୁକ୍ତ ପ୍ରମାଣ ଅଭାବରୁ ସୁପ୍ରିମକୋର୍ଟରେ ସେ ଦୋଷମୁକ୍ତ ହୋଇଥିଲେ। ତାଙ୍କ ଟେଲିଫୋନ କଥାବାର୍ତ୍ତା ବେଆଇନ ଭାବେ ଟ୍ୟାପିଙ୍ଗ୍ କରାଯାଇ ପ୍ରସାରଣ କରାଯାଇଥିବା ଅଭିଯୋଗ କରି ଅମର ୨୦୦୬ରେ ପିଟିଶନ ଦାଏର କରିଥିଲେ। ଗଣମାଧ୍ୟମରେ ଏହାର ପ୍ରସାରଣ ଉପରେ ସର୍ବୋଚ୍ଚ ଅଦାଲତ ରୋକ୍ ଲଗାଇଥିଲେ। ୨୦୧୧ ମେ’ରେ ସୁପ୍ରିମକୋର୍ଟ ଉକ୍ତ ସ୍ଥଗିତାଦେଶ ହଟାଇଦେଇଥିଲେ। ଏହି ଟେପ୍‌ରେ କେତେଜଣ ବଲିଉଡ୍ କଳାକାରଙ୍କ ସହ ତାଙ୍କର ବାର୍ତ୍ତାଳାପ ଥିଲା। ବଲିଉଡ୍ ସହ ଅମରଙ୍କର ଦୀର୍ଘଦିନର ସମ୍ପର୍କ ରହିଥିଲା। ସେ ‘ହମାରା ଦିଲ୍ ଆପକେ ପାସ୍ ହୈ’ ଏବଂ ନିର୍ଦ୍ଦେଶକ ଶୈଳେନ୍ଦ୍ର ପାଣ୍ଡେଙ୍କ ଚଳଚ୍ଚିତ୍ର ଜେଡିରେ ଅଭିନୟ କରିଥିଲେ। ୨୦୧୧ରୁ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିବା ଅମରଙ୍କର ସିଙ୍ଗାପୁରରେ ଶନିବାର ପରଲୋକ ହୋଇଯାଇଛି।



୧୯୫୬ ଜାନୁୟାରୀ ୨୭ରୁ ୨୦୨୦ ଅଗଷ୍ଟ ୧

# ଦିନକରେ ୫୭ ହଜାର ଆକ୍ରାନ୍ତ

- ୩୭ ହଜାର ଲୋକଙ୍କ ଜୀବନ ଗଲାଣି
- ଦେଶରେ ୧୭.୩୦ ଲକ୍ଷ ସଂକ୍ରମିତ
- ୧୧.୨୦ ଲକ୍ଷରୁ ଅଧିକ ଲୋକ ସୁସ୍ଥ



ନୂଆଦିଲ୍ଲୀ,୧।୮

ମହାମାରୀ କରୋନା ବିଶ୍ୱବାସୀଙ୍କୁ ଥରହର କରିଥିବାବେଳେ ଭାରତରେ ମଧ୍ୟ ଭୟଙ୍କର ପରିସ୍ଥିତି ସୃଷ୍ଟିକରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫୭,୧୧୮ ନୂଆ ମାମଲା ଦେଖିବାକୁ ମିଳିଥିବାବେଳେ ୭୬୪ ଲୋକଙ୍କ ମୃତ୍ୟୁ ହୋଇଛି। ଗତ ୩ ଦିନ ହେବ ୫୦ ହଜାରରୁ ଅଧିକ ମାମଲା ଦେଖିବାକୁ ମିଳୁଛି। ଏବେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୭.୩୦ ଲକ୍ଷରେ ପହଞ୍ଚିଥିବା ବେଳେ ୩୭ ହଜାର ଲୋକଙ୍କ ଜୀବନ ଗଲାଣି। ବିଶ୍ୱର ୫ମ ଦେଶ ଭାବେ ଭାରତରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ୧୧.୨୦ ଲକ୍ଷରୁ ଅଧିକ ଲୋକ ସୁସ୍ଥହୋଇଥିଲେ ହେଁ ଏବେବି ୫.୬୩ ଲକ୍ଷ ଆକ୍ଟିଭ୍ ମାମଲା ରହିଛି। ସୁସ୍ଥହାର ବଢୁଥିଲେ ମଧ୍ୟ କେତେକ ସ୍ଥାନରେ ଉଗ୍ର ସଂକ୍ରମଣ ମୁଣ୍ଡବିନ୍ଧା ବଢ଼ାଇଦେଇଛି।

ମହାରାଷ୍ଟ୍ର ୪.୨୫ ଲକ୍ଷ ସଂକ୍ରମିତ ଥିବାବେଳେ ତାମିଲନାଡୁରେ ୨.୫୨ ଲକ୍ଷ, ଆନ୍ଧ୍ରପ୍ରଦେଶରେ ୧.୫୦ ଲକ୍ଷ, ଦିଲ୍ଲୀରେ ୧.୩୬ ଲକ୍ଷ, କର୍ଣାଟକରେ ୧.୨୪ ଲକ୍ଷରୁ ଅଧିକ ଲୋକ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଛି। ତାମିଲନାଡୁ ପରେ ଆନ୍ଧ୍ରପ୍ରଦେଶରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ଷୀପ୍ରଗତିରେ ମାଡ଼ିଚାଲିଛି। ସଫଳ ଔଷଧ ଲାଗି ପ୍ରୟାସ ଜାରି ରହିଥିବାବେଳେ କରୋନାର ଉଗ୍ର ତାଣ୍ଡବ ଦେଖିବାକୁ ମିଳିଛି। ବିଭିନ୍ନ ସରକାରୀ କଟକଣା ସତ୍ତ୍ୱେ ସେଭଳି ସୁଫଳ ମିଳିପାରୁନି। ପରିସ୍ଥିତି ଦିନକୁଦିନ ବିଗିଡ଼ିବାରେ ଲାଗିଛି। ଦିଲ୍ଲୀରେ ଦ୍ୱିତୀୟ ପର୍ଯ୍ୟାୟ ସେରୋ-ପ୍ରିଭାଲେନ୍ସ ସର୍ଭେ ଶନିବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପଦକ୍ଷେପ ନିଆଯାଉଛି। କେନ୍ଦ୍ର ସରକାର ଅନ୍‌ଲକ୍ ୩ରେ କେତେକ କଟକଣା ହଟାଇଥିଲେ ହେଁ ଅନେକ ରାଜ୍ୟରେ କଟକଣା ବଳବତ୍ତର ରହିଛି। ପରିସ୍ଥିତକୁ ନିୟନ୍ତ୍ରଣ କରିବା ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିଛି।

# ଓଡ଼ିଶାରେ ୫ ପ୍ରକାର କରୋନା ଭୂତାଣୁ

ଭୁବନେଶ୍ୱର, ୧୮(ବ୍ୟୁରୋ)

ଓଡ଼ିଶାରେ ୫ ପ୍ରକାର କରୋନା ଭୂତାଣୁ ଚିହ୍ନଟ ହୋଇଛି। ଏଗୁଡ଼ିକ ହେଲା ୧୯ଏ, ୧୯ବି, ୨୦ଏ, ୨୦ବି ଓ ୨୦ସି। ତେବେ ୨୦ଏ ଓ ୨୦ବି ଅଧିକ ସକ୍ରିୟ ଥିବା ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା ଶନିବାର ସୂଚନା ଦେଇଛନ୍ତି। ସବୁଠାରୁ ବଡ଼ କଥାହେଲା, ୨୦ସି ଭୂତାଣୁ କେବଳ ଓଡ଼ିଶାରୁ ଠାବ ହୋଇଛି। ଏହା ଦେଶର ଅନ୍ୟ କେଉଁଠାରେ ଦେଖାଯାଇ ନାହିଁ କି ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ବ୍ୟାପିନାହିଁ। କେଉଁ କାରଣରୁ ୨୦ସି ଭୂତାଣୁ କେବଳ ଓଡ଼ିଶାରେ ରହିଛି ଓ କାହିଁକି ସଂକ୍ରମିତ ହୋଇପାରି ନାହିଁ, ତାହା ଉପରେ ଅଧିକ ଗବେଷଣା କରାଯାଉଛି। ସେହିଭଳି ୧୯ଏ ଭୂତାଣୁ ସହ ଚାଇନା ଉହାନରୁ ଚିହ୍ନଟ ଭୂତାଣୁର ବହୁତ ସାମଞ୍ଜସ୍ୟ ରହିଥିବା ଡ. ପରିଡ଼ା ସୂଚନା ଦେଇଛନ୍ତି। ରାଜ୍ୟର ୧୮ଟି ଜିଲାରୁ ସଂଗୃହୀତ ୨୨୫ ନମୁନାକୁ ନେଇ ଗବେଷଣା କରାଯାଇଛି। ଭୁବନେଶ୍ୱରସ୍ଥିତ ଆଇଏଲ୍ଏସ୍‌ରେ ଭୂତାଣୁର ଜେନମ୍ ସିକ୍ୱେନ୍ସ ଆନାଲିସିସ୍ କରାଯାଇଥିଲା। ଗବେଷଣାରେ ସାମିଲ ଥିବା ଆଇଏଲ୍ଏସ୍‌ର ବୈଜ୍ଞାନିକ ସୁନୀଲ ରାଘବ କହିଛନ୍ତି, ଗୁଜରାଟ, ଦିଲ୍ଲୀ, ତାମିଲନାଡ୍ଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, କର୍ନାଟକ, କେରଳ, ଗୋଆ ଆଦି ୧୩ ରାଜ୍ୟରୁ ଓଡ଼ିଶାକୁ ଫେରିଥିବା ପ୍ରବାସୀଙ୍କ ୨୨୫ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଏହି ନମୁନା ସଂଗ୍ରହ କରାଯାଇଥିଲା। ଚିହ୍ନଟ ୫ ଭୂତାଣୁ ମଧ୍ୟରୁ ୨୦ଏ, ୨୦ବି ଓ ୨୦ସି ଅଧିକ ସଂକ୍ରାମକ। ୧୯ଏ ଓ ୧୯ବି ଶ୍ରେଣୀର ଭୂତାଣୁ ଦେଶ ବାହାରୁ ଆସିଥିବାବେଳେ ୨୦ଏ, ୨୦ବି ଓ ୨୦ସି ଶ୍ରେଣୀର ଭୂତାଣୁ ଏଥିରୁ ଉଦ୍ଭବ ହୋଇଛନ୍ତି, ଯାହାକି ସଂକ୍ରମଣ ବଢ଼ିବାରେ ମୁଖ୍ୟ ବାହକ ସାଜିଥିବା ରାଘବ କହିଛନ୍ତି। ଏଥିସହ ଓଡ଼ିଶାକୁ ମୁଖ୍ୟତଃ ୟୁରୋପ ଓ ଦକ୍ଷିଣପୂର୍ବ ଏସିଆରୁ ଭୂତାଣୁ ଆସିଥିବା ଏହି ଷ୍ଟଡିରୁ ଜଣାପଡ଼ିଛି ବୋଲି ଆର୍ଏମ୍ଆର୍‌ସି ନିର୍ଦ୍ଦେଶିକା ଡା. ସଙ୍ଘମିତ୍ରା ପତି କହିଛନ୍ତି।

### ରାଜ୍ୟରୁ ସଂଗୃହୀତ ସାମ୍ପଲ୍




- ୧୮ ଜିଲାରୁ ୨୨୫ ନମୁନାକୁ ନେଇ ହୋଇଥିଲା ଗବେଷଣା
- ୧୯ଏ ଓ ୧୯ବି ଭୂତାଣୁରୁ ସୃଷ୍ଟି ହୋଇଛି ଅନ୍ୟ ୩
- ୨୦ଏ ଓ ବି ଅଧିକ ସକ୍ରିୟ, ୨୦ସି କେବଳ ଓଡ଼ିଶାରୁ ଚିହ୍ନଟ
- ମୂଳ ଭୂତାଣୁ ୟୁରୋପ ଓ ଦକ୍ଷିଣପୂର୍ବ ଏସିଆରୁ ଆସିଛି

ସୂଚନାଯୋଗ୍ୟ, ସର୍ବଭାରତୀୟ ସ୍ତରରେ ଆଇସିଏମ୍ଆର୍ ପକ୍ଷରୁ କରାଯାଇଥିବା ଭାଇରସ ଜେନମ୍ ସିକ୍ୱେନ୍ସ ଆନାଲିସିସ୍ କାର୍ଯ୍ୟକ୍ରମରେ ଦେଶର ମୋଟ ୫ ପ୍ରତିଷ୍ଠାନ ସାମିଲ୍ ରହିଥିବାବେଳେ ଏଥିରେ ଓଡ଼ିଶାରୁ ଭୁବନେଶ୍ୱର ଆଇଏଲ୍ଏସ୍ ରହିଥିଲା। ଦେଶର ବିଭିନ୍ନ ରାଜ୍ୟରୁ ସଂଗୃହୀତ ମୋଟ ୧୦୩୬ ନମୁନାରୁ ଭୂତାଣୁର ଜେନମ ସିକ୍ୱେନ୍ସ ଆନାଲିସିସ୍ ହୋଇଛି। ସେପଟେ ଭୂତାଣୁ ପ୍ରକାର ମିଳିବା ପରେ ଭ୍ୟାକ୍‌ସିନ ପାଇଁ ସୁବିଧା ହେବ ବୋଲି କୁହାଯାଉଛି। ଗୋଟିଏ ପ୍ରକାର ଭ୍ୟାକ୍‌ସିନରେ ସମସ୍ତ ଭୂତାଣୁକୁ ରୋକି ହେବ ନା ଅଲଗା ଅଲଗା ଦରକାର ପଡ଼ିବ ତାହା ସ୍ପଷ୍ଟ ହୋଇପାରିବ। ତେବେ ଜୁଲାଇ ପରଠାରୁ ରାଜ୍ୟରେ ସଂକ୍ରମଣ ନେଇ ପୁଣି ଷ୍ଟଡି କରାଯିବ ବୋଲି ଡ. ପରିଡ଼ା କହିଛନ୍ତି।

### କରୋନା ସଂକ୍ରମଣ ସ୍ଥିତି

(ଶନିବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୭୮,୮୬,୭୩୫ | ୬,୮୫,୫୩୨ | ୧,୧୨,୪୮,୭୫୦ |
| ଭାରତ | ୧୭,୪୯,୭୭୧ | ୩୭,୩୯୦ | ୧୧,୪୪,୨୭୭ |
| ଓଡ଼ିଶା | ୩୩,୪୭୯ | ୧୮୭(+୩୮) | ୨୧,୨୭୪ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ

ଭୁବନେଶ୍ୱର, ୧୮(ବ୍ୟୁରୋ)

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ସାରା ରାଜ୍ୟରେ ଅଗଷ୍ଟ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଶନିବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷର ବିଷୟବସ୍ତୁ ରହିଛି 'ଏକ ସୁସ୍ଥ ବିଶ୍ୱ ପାଇଁ ସ୍ତନ୍ୟପାନକୁ ସମର୍ଥନ ପ୍ରଦାନ'। ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ସଂକ୍ରମଣ ରୋକିବା ଦିଗରେ ମା'କ୍ଷୀର ହେଉଛି ସର୍ବୋତ୍ତମ ବିକଳ୍ପ। ମା'କ୍ଷୀରରେ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ୍, ଜଳ, ପ୍ରୋଟିନ୍, ପୁଷ୍ଟିସାର, ଶ୍ୱେତସାର, ଲୌହ, କ୍ୟାଲ୍‌ସିୟମ୍ ଏବଂ ଭିଟାମିନ୍ 'ଏ' ଏବଂ 'ସି' ଥାଏ, ଯାହା ଶିଶୁର ଶରୀର ବୃଦ୍ଧି ପାଇଁ ଏକାନ୍ତ ଆବଶ୍ୟକ। ବିଶେଷକରି ଶିଶୁଟିଏ ଜନ୍ମ ହେବାର ଅଳ୍ପ କିଛି ଘଣ୍ଟା ମଧ୍ୟରେ ମା'ର ପ୍ରଥମ କଷ କ୍ଷୀର ଶିଶୁ ପାଇଁ ଅତ୍ୟନ୍ତ ହିତକାରୀ ହୋଇଥିବାରୁ ଏ ସମ୍ପର୍କରେ ଗର୍ଭବତୀ ଏବଂ ପ୍ରସୂତିଙ୍କ ମଧ୍ୟରେ ସଚେତନ କରାଯିବ। ଏଥିଲାଗି ପ୍ରତି ସପ୍ତାହରେ ଅନୁଷ୍ଠିତ ମମତା ଦିବସ, ଟିକାକରଣ ଦିବସ, ଛତୁଆ ବଣ୍ଟନ ଦିବସ ଆଦିରେ ସଚେତନତା କାର୍ଯ୍ୟକ୍ରମ କରିବା ନିମନ୍ତେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କରୋନା ସମୟରେ ଶିଶୁଙ୍କ ସୁସ୍ଥତା ଏବଂ ରୋଗ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସ୍ତନ୍ୟପାନର ଉପଯୋଗିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯିବ। ରାଜ୍ୟର ବିଭିନ୍ନ ଆଇସିଡିଏସ୍ ପ୍ରକଳ୍ପରେ ସ୍ତନ୍ୟପାନ ସପ୍ତାହକୁ ଭର୍ଚୁଆଲ୍ ମାଧ୍ୟମରେ ପାଳନ କରିବା ନିମନ୍ତେ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। କୋଭିଡ୍ ନିୟମାବଳୀର ସମ୍ପୂର୍ଣ୍ଣ ଅନୁପାଳନପୂର୍ବକ ସ୍ତନ୍ୟପାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି।

**ଭର୍ଚୁଆଲ ମାଧ୍ୟମରେ ସଚେତନ କରିବେ ସରକାର**

### ସାତକୋଶିଆ ଅଭୟାରଣ୍ୟ



ଜଳାଶୟ ପାର୍ଶ୍ୱରେ ଅଣ୍ଡାରୁ ବାହାରିଥିବା କୁମ୍ଭୀର ଛୁଆମାନେ।

# ଅଣ୍ଡାରୁ ବାହାରିଲେ ୫ ଶହରୁ ଉର୍ଦ୍ଧ୍ୱ କୁମ୍ଭୀର

ବନ୍ତଳା, ୧୮(ଡି.ଏନ୍.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ମହାନଦୀ ଗଣ୍ଡରେ ମଗର କୁମ୍ଭୀର ଦେଇଥିବା ଅଣ୍ଡାରୁ ଜନ୍ମ ନେଇଛନ୍ତି ୫ ଶହରୁ ଉର୍ଦ୍ଧ୍ୱ ଛୁଆ। ଗତ ଜୁଲାଇ ମାସରେ ବିଭିନ୍ନ ସ୍ଥାନରେ ମଗର ଛୁଆ ଅଣ୍ଡାରୁ ବାହାରି ପାଣି ଥିବା ବୁଦା ମୂଳରେ ଲାଗି ରହିଛନ୍ତି। ଆଠମଲ୍ଲିକ ବିନିକେଇଠାରୁ କଟରଙ୍ଗ ପର୍ଯ୍ୟନ୍ତ ଗଣ୍ଡ କୂଳରେ ଖରା ଦିନେ କୁମ୍ଭୀର ଗଣ ଅଣ୍ଡାଦାନ କରିଥିଲେ। ବାଗଧାରା ଖାଲ, ମହଲ ଡିଗା, ବଳଦ ମରା, ଝରଝରି, କୁମ୍ଭୀର ସ୍କିମ ତଳ, ମଝିପଡା ଘାଟ, ମାରଡ଼ା, ପୁରୁଣା ନେଚର କ୍ୟାମ୍ପ ଅଞ୍ଚଳ ବାଲି ଭିତରେ ପ୍ରାୟ ୧୦ଟି କୁମ୍ଭୀର ଅଣ୍ଡା ଆନୁମାନିକ ୪୦ରୁ ୭୦ ଲେଖାଏଁ ଅଣ୍ଡା ଦେଇଥିଲେ। ଛୁଆଗୁଡିକୁ ମା' କୁମ୍ଭୀର ଜଗି ରହିଛନ୍ତି। ଏଥିସହ କୁମ୍ଭୀର ଛୁଆଗୁଡିକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ଏ ବିଷୟରେ ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି କୁହନ୍ତି, ବିଭାଗ ପକ୍ଷରୁ ବୋଟ୍‌ରେ ପାଟ୍ରୋଲିଂ କରାଯାଉଛି। କୁମ୍ଭୀର ଛୁଆ ଥିବା ସ୍ଥାନକୁ କୌଣସି ଲୋକଙ୍କୁ ଛଡ଼ା ଯାଉନାହିଁ। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସେହି ଅଞ୍ଚଳକୁ ଯିବାକୁ ବାରଣ କରାଯାଇଛି। ସୂଚନାଥାଉ କି, ଜାନୁୟାରୀ ୯ରୁ ୧୧ ତାରିଖ ଯାଏ ହୋଇଥିବା ଗଣନାରେ ଅନୁଗୋଳ ବନମଣ୍ଡଳରେ ମୋଟ୍ ୧୩୧ଟି କୁମ୍ଭୀର ଥିବା ଜଣାପଡିଥିଲା।

# ଅନ୍‌ଲାଇନ୍ କ୍ଲାସ୍‌ରେ ଅଶ୍ଳୀଳ ଫଟୋ

କଟକ ଅଫିସ, ୧୮

- ପ୍ରଧାନ ଶିକ୍ଷକଙ୍କ ନାଁରେ ଥାନାରେ ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ ଦେଲେ ଗଣଶିକ୍ଷା ମନ୍ତ୍ରୀ

ଅନ୍‌ଲାଇନ୍ କ୍ଲାସ୍ ଚାଲିଥିଲା। ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ପାଠ ପଢୁଥିଲେ। ହଠାତ୍ ମୋବାଇଲ ସ୍କ୍ରିନରେ ଅଶ୍ଳୀଳ ଫଟୋ ଦେଖାଯିବା ପରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ସମସ୍ତେ ଅସହଜ ହୋଇଗଲେ। କଟକର ଏକ ଶହେବର୍ଷ ପୁରୁଣା ବିଦ୍ୟାଳୟ ପକ୍ଷରୁ ଅନ୍‌ଲାଇନ୍ ପାଠପଢ଼ା ବେଳେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ହିଁ ଏପରି କରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କୁ ମଧ୍ୟ ଏନେଇ ଦାବିପତ୍ର ଦିଆଯିବା ସହ ଅଶ୍ଳୀଳ ଫଟୋ ପକାଇଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଦରଘାବଜାର ଥାନାରେ ମଧ୍ୟ ଏନେଇ ଏତଲା ଦିଆଯାଇଛି। ଗତ ୩୦ ତାରିଖରେ ଏଭଳି ଘଟିଥିବା ଅଭିଯୋଗକାରୀ ଅରୁଣ ସେଠୀ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷକ କହିଛନ୍ତି ଯେ ତାଙ୍କ ଅଜାଣତରେ ଏଭଳି ଘଟିଛି। ପରିବାରର ଛୋଟ ପିଲା ତାଙ୍କ ମୋବାଇଲ ବ୍ୟବହାର କରୁଥିବା ସମୟରେ ଏହା ଭୁଲ୍‌ବଶତଃ ପୋଷ୍ଟ ହୋଇଛି। ସହଯୋଗୀ ଶିକ୍ଷକଙ୍କଠାରୁ ଏହା ଜାଣିବା ପରେ ସେ ପୋଷ୍ଟଟିକୁ ଡିଲିଟ୍ କରି ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଜିଲାପାଳଙ୍କ ଜରିଆରେ ଘଟଣାର ତଦନ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ କହିବା ସହ ସୋମବାର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

ନୟାଗଡ଼ ଅନାହାର ମୃତ୍ୟୁ ମାମଲା

## ଅନୁସନ୍ଧାନ ପାଇଁ ପିସିସି ଟିମ୍ ଗଠିତ

ଭୁବନେଶ୍ୱର, ୧୮(ବ୍ୟୁରୋ): ତାଲା ବନ୍ଦ ସମୟରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅଧୀନ ଯାକେଡ଼ା ପଞ୍ଚାୟତର କାଳନ୍ଧା ଗ୍ରାମର ୪୬ ବର୍ଷୀୟା ଦଳିତ ମହିଳା ଦୁଃଖୀ ଯାନୀଙ୍କର ଅନାହାରରେ ମୃତ୍ୟୁ ହୋଇଛି। ଏହାକୁ ରାଜ୍ୟ କଂଗ୍ରେସ ଅତି ଗୁରୁତର ସହ ନେଇଛି। ଏହି ଘଟଣାର ତଥ୍ୟ ଅନୁଧାନ କରିବାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଶନିବାର ଏକ ୯ ଜଣିଆ ତଥ୍ୟ ଅନୁଧ୍ୟାନକାରୀ ଟିମ୍ ଗଠନ କରିଛନ୍ତି। କଂଗ୍ରେର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ବିପିନ ଦାଶଙ୍କ ନେତୃତ୍ୱରେ ଉକ୍ତ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, ରଞ୍ଜିତ୍ ଦାଶ, ଜିନେଶ ଦାସ, ମନୋଜ ସାହୁ, ମନୋଜ ଆଚାର୍ଯ୍ୟ, ଅମିତା ବିଶ୍ୱାଳ, ଶୁଭଶ୍ରୀ ପଣ୍ଡା ଓ କମଳ ଲୋଚନ ସାହୁ ସଦସ୍ୟ ରହିଛନ୍ତି। ଏହି ଟିମ୍ ଘଟଣାସ୍ଥଳ ଗସ୍ତ କରି ସବିଶେଷ ତଥ୍ୟ ଅନୁଧାନ ପୂର୍ବକ ଆସନ୍ତା ସପ୍ତାହକ ମଧରେ ପିସିସି ସଭାପତିଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

### ପୋଲିସ ନ ଶୁଣିବାରୁ ପୀଡ଼ିତାଙ୍କ ଆତ୍ମହତ୍ୟା ମାମଲା

ଭୁବନେଶ୍ୱର, ୧୮(ବ୍ୟୁରୋ)

ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ଅଞ୍ଚଳରେ ଅସଦାଚରଣର ଶିକାର ଜଣେ ନାବାଳିକା ପୋଲିସଠାରୁ ନ୍ୟାୟ ନ ପାଇ କୀଟନାଶକ ପିଇ ଆତ୍ମହତ୍ୟା କରିବା ମାମଲା ଏବେ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପହଞ୍ଚିଛି। ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏନେଇ ପିଟିଶନ କରିଥିବାବେଳେ ଏନ୍‌ଏଚ୍‌ଆର୍‌ସି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ପିଟିଶନରେ ହିମାଂଶୁ ଉଲ୍ଲେଖ କରିଛନ୍ତି ଯେ, ପୋଲିସର ଅବହେଳା ହେତୁ ଜଣେ ନାବାଳିକାଙ୍କ ଜୀବନ ଯାଇଛି। ଏଥିପାଇଁ ପୋଲିସ ଦାୟୀ ହୋଇଥିବାରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ମୃତ ନାବାଳିକାଙ୍କ ପରିବାରକୁ ଯଥାଶୀଘ୍ର ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ନିବେଦନ କରିଛନ୍ତି। ଏହାସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଏବଂ କୋର୍ଟରେ ଫାଇନାଲ ଚାର୍ଜସିଟ୍ ଦାଖଲ କରି ୩ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କମିଶନ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୬ରେ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ସୁବାସ ମୁଦୁଲି ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏନେଇ ନାବାଳିକା ଓ ତାଙ୍କ ପରିବାର ଲୋକେ ଭାପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଗତ ୨୮ ତାରିଖରେ ନାବାଳିକାଙ୍କ ମା'ବାପା ବିଲକୁ ଯାଇଥିବାବେଳେ ସୁବାସ ପୁଣି ତାଙ୍କ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏହାପରେ ନାବାଳିକାଙ୍କ ପରିବାର ଲୋକେ ଥାନାକୁ ଯାଇଥିଲେ ମଧ୍ୟ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ପୋଲିସ ନ ଶୁଣିବା ଏବଂ ବାରମ୍ୱାର ନିର୍ଯାତନା ଓ ଲୋକଲଜ୍ଜା ସହି ନ ପାରି ପୀଡିତା ନାବାଳିକା ଗତ ବୁଧବାର ରାତି ୧୧ଟାରେ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ଏହାପରେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଢେଙ୍କାନାଳ ଏସ୍‌ପି ଜଣେ ଏଏସ୍ଆଇ ଏବଂ ଅନ୍ୟଜଣେ କନ୍‌ଷ୍ଟେବଲକୁ ନିଲମ୍ବିତ କରିଥିଲେ। ଏହାସହ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁବାସକୁ ମଧ୍ୟ ଗିରଫ କରାଯାଇଥିଲା।



ଭ୍ରୁଣହତ୍ୟା ଅଧିକାର ବିକ୍ଷୋଭକାରୀ ମେକ୍ସିକୋ ସିଟିର ଜୋକାଲୋରେ ଶୋଭାଯାତ୍ରା କରୁଛନ୍ତି।

ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା
ଷ୍ଟ୍ରଙ୍ଗ୍ ଇମ୍ୟୁନିଟି
"ଜୋଲି ତୁଳସୀ 51" ଏକ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ ଅଟେ
ଯାହାର ପରିଣାମ Lab tested ଅଟେ।
କେମିତି କାମ କରିଥାଏ Jolly Tulsi 51
ଯଦି ଇମ୍ୟୁନିଟି ମଜଭୁତ ହୋଇଥାଏ ତେବେ ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଇତ୍ୟାଦିର ଆକ୍ରମଣରୁ ପ୍ରତିରୋଧ କରାଯାଇପାରିବ। ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଲାବ୍ ଟେଷ୍ଟ୍ (Clinical Trial)ରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁ ବ୍ୟକ୍ତିମାନେ ଜୋଲି ତୁଳସୀ 51 ଡ୍ରପ୍‌ସ ନିୟମିତ ଭାବେ ସେବନ କରୁଥିଲେ ସେମାନଙ୍କ ଇମ୍ୟୁନିଟି ବହୁ ମାତ୍ରାରେ ବଢ଼ିଯାଇଛି।
ପାଞ୍ଚ ପ୍ରକାର ତୁଳସୀ ଦ୍ୱାରା ଅତି ବିଶେଷ ବିଧିରେ ପ୍ରସ୍ତୁତ ଅର୍କ




JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...
ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରକୁ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ଯାହା ଗ୍ରାହକମାନଙ୍କ ମଧରେ ଭ୍ରମ ସୃଷ୍ଟି କରୁଛି।
ମନେରଖନ୍ତୁ, ଯେପରି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ନୁହେଁ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ "ଜୋଲି ତୁଳସୀ 51 ଡ୍ରପ୍‌ସ" ଭଳି ହୋଇ ନ ଥାଏ ।
ଏଥିପାଇଁ ଷ୍ଟୋର୍‌ରୁ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ।
ବର୍ଷ ବର୍ଷର ପୁରୁଣା ଓ ପ୍ରସିଦ୍ଧ ଇମ୍ୟୁନିଟି ବୁଷ୍ଟର୍ ଯାହାର ପରିଣାମ ବିଶ୍ୱସନୀୟ ଓ ଲାବ୍ ପ୍ରମାଣିତ ଅଟେ।
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................


ଆଦିତ୍ୟ
ପରିବାରବର୍ଗ


ଗାନ୍ଧାର କୁମାର
ପରିବାରବର୍ଗ


ସୋହମ୍
ପରିବାରବର୍ଗ


ପ୍ରିୟମ୍ବଦା
ପରିବାରବର୍ଗ


ସ୍ୱୀକୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଆଜିର ମନ୍ତବ୍ୟ

"ଗେହଲଟ ସରକାର ହୋଟେଲରୁ ଚାଲିବା ଦୁର୍ଭାଗ୍ୟଜନକ।
-କଲରାଜ ମିଶ୍ର, ରାଜସ୍ଥାନ ରାଜ୍ୟପାଳ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦରହସୁରା, ମୁଖ ଦାନ୍ତୁରା
ମୁହଁଟି ଚେପା;
ଏମାନଙ୍କୁ ପରତେ
ନ ଯିବୁଲୋ ଗେପା!**
ଯେଉଁମାନେ ଦରହସି ସେମାନେ ଅନ୍ତଃକପଟି ହୋଇଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ଦାନ୍ତୁରା ଓ ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ତିନି ଆକୃତିର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଇଥିଲେ ପାଇ
ପଡ଼ିଆ ଜମିରେ ଗୋଧନ ଚରାଇ।**
କର୍ମ ଅନୁସାରେ ଫଳ। ସୌଭାଗ୍ୟ ଆସିଲେ ଆଶା ଯେଉଁଠି ହେଲେ ଫଳବତୀ ହୁଏ। ଅନ୍ୟକୁ ଅଯାଚିତ ଭାବେ ସାହାଯ୍ୟ କରିଥିଲେ ତା'ର ସୁଫଳ ଦିନେ ନା ଦିନେ ପ୍ରାପ୍ତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# କ୍ରେନ୍ ଭୁଶୁଡ଼ି ୧୧ ମୃତ

**ବିଶାଖାପାଟଣା, ୧୮(ପି.ଟି.)**

ବିଶାଖାପାଟଣାସ୍ଥିତ ହିନ୍ଦୁସ୍ଥାନ ଶିପ୍‌ୟାର୍ଡ ଲିମିଟେଡ୍ (ଏଚ୍‌ଏସ୍‌ଏଲ୍)ରେ ଶନିବାର ଲୋଡ୍ ଟେଷ୍ଟ ବେଳେ ୭୦ ଟନ୍ ଓଜନର ଜେଟି କ୍ରେନ୍ ଭୁଶୁଡ଼ିପଡ଼ିବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି। କ୍ରେନ୍ ତଳେ ଚାପିହୋଇ ୪ କର୍ମଚାରୀଙ୍କ ସମେତ ଠିକା କମ୍ପାନୀର ୭ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ କେତେଜଣ ଆହତ ହୋଇଛନ୍ତି। ହିନ୍ଦୁସ୍ଥାନ ଶିପ୍‌ୟାର୍ଡ ଲିମିଟେଡ୍‌ର ୭୫ ବର୍ଷର ଇତିହାସରେ ପ୍ରଥମଥର ଲାଗି ଏଭଳି ଦୁର୍ଘଟଣା ଘଟିଛି। ଦୁଇବର୍ଷ ପୂର୍ବେ ଏଚ୍‌ଏସ୍‌ଏଲ୍‌ରେ ମୁମ୍ବାଇର ଅନୁପମ କ୍ରେନ୍ସ ଏହି କ୍ରେନ୍‌କୁ ସ୍ଥାପନ କରିଥିଲେ ହେଁ ଠିକା ସଂସ୍ଥା ପରିବର୍ତ୍ତନ ଯୋଗୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନ ଥିଲା। ଅନୁପମ କ୍ରେନ୍ସ କମ୍ପାନୀ ବାହାରିଯିବା ପରେ କ୍ରେନ୍ ଅପରେଶନ ଦାୟିତ୍ୱ ଗ୍ରୀନ୍‌ଫିଲ୍ଡ କମ୍ପାନୀକୁ ଦିଆଯାଇଥିଲା। ଏଥିସହିତ ଲିଡ୍ ଇଞ୍ଜିନିୟର୍ସ ଏବଂ ସ୍କାଡ୍‌୭ ଠିକାସଂସ୍ଥାକୁ କ୍ରେନ୍‌ର ମେଣ୍ଟେନାନ୍ସ ଦାୟିତ୍ୱ ଦିଆଯାଇଥିଲା। ଏଚଏସ୍‌ଏଲ୍ କର୍ତ୍ତୃପକ୍ଷ ତିନି ନୂଆ ଠିକା ସଂସ୍ଥା ସହାୟତାରେ କ୍ରେନ୍‌ର ପରୀକ୍ଷାମୂଳକ ଚଳାଚଳ କରାଉଥିବାବେଳେ ଏହାର କ୍ୟାବିନ୍ ଓ ବେସ୍ ଭାଙ୍ଗିଯିବାରୁ ଭୁଶୁଡ଼ି ପଡ଼ିଥିଲା ବୋଲି ଜିଲାପାଳ ଭି. ବିନୟ ଚାନ୍ଦ କହିଛନ୍ତି। ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଜିଲାପାଳ ଏବଂ ବିଶାଖାପାଟଣା ସିଟି କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ବିଶାଖାପାଟଣାର ହିନ୍ଦୁସ୍ଥାନ ଶିପ୍‌ୟାର୍ଡ ପରିସରରେ କ୍ରେନ୍‌ଟି ଭୁଶୁଡ଼ି ପଡ଼ିଛି।

# ଚନ୍ଦ୍ରୟାନ-୨ର ରୋଭର ଅକ୍ଷତ

ବେଙ୍ଗାଲୁରୁ, ୧୮: ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଚନ୍ଦ୍ରୟାନ-୨ ଲ୍ୟାଣ୍ଡର 'ବିକ୍ରମ' ସଫ୍ଟ ଲ୍ୟାଣ୍ଡିଂରେ ବିଫଳ ହେବାର ପାଖାପାଖି ୧୦ ମାସ ପରେ ଏଥିରେ ଥିବା ରୋଭର (ପ୍ରଜ୍ଞାନ) ଅକ୍ଷତ ଥିବା ଚେନ୍ନାଇର ଜଣେ ବ୍ୟକ୍ତି ଦାବି କରିଛନ୍ତି। ଗତବର୍ଷ ନାସା ପ୍ରେରଣ କରିଥିବା କେତେକ ଛବିକୁ ଅନୁଧ୍ୟାନ କରିବା ପରେ ଶାନମୁଗା ସୁବ୍ରମଣି ନାମକ ଏହି ପ୍ରଯୁକ୍ତିବିତ୍ ବିକ୍ରମର ଭଗ୍ନାବଶେଷକୁ ଚିହ୍ନଟ କରି ଇସ୍ରୋକୁ ଇମେଲ୍ ପଠାଇଥିଲେ। ମେ' ମାସରେ ନାସା ପ୍ରେରିତ ଅନ୍ୟ କେତେକ ଛବିରୁ ପ୍ରଜ୍ଞାନକୁ ଚିହ୍ନଟ କରାଯାଇଛି। ଏହା ଅଳ୍ପ କେତେ ମିଟର ଗତି କରିଥିବା ଜଣାପଡୁଛି ବୋଲି ସେ ଦାବି କରିଛନ୍ତି। ଇସ୍ରୋ ଅଧ୍ୟକ୍ଷ କେ. ଶିବନ ଏହି ସୂଚନା ଦେବା ସହ ନାସାଠାରୁ କିଛି ସୂଚନା ମିଳି ନ ଥିବା କହିଛନ୍ତି। ଇସ୍ରୋର

### ନାସା ଛବିକୁ ଅନୁଧ୍ୟାନ କରୁଛି ଇସ୍ରୋ

ବିଶେଷଜ୍ଞମାନେ ଏହାକୁ ଅନୁଧ୍ୟାନ କରୁଥିବାରୁ ବର୍ତ୍ତମାନ ସ୍ଥିତିରେ କିଛି କୁହାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ୨୦୧୯ ନଭେମ୍ବରରେ ନାସାର ଲୁନାର ରିକନ୍‌ସାନ୍ସ ଅର୍ବିଟର (ଏଲ୍‌ଆର୍‌ଓ) ଯେଉଁ ଛବି ପଠାଇଥିଲା ସେଥିରୁ ଲ୍ୟାଣ୍ଡର ବିକ୍ରମର ଭଗ୍ନାବଶେଷକୁ ଚିହ୍ନଟ କରାଯାଇଥିଲା। ଏହା ୨ ମିଟର ଗଭୀର ଏକ ଗର୍ତ୍ତରେ ଖସିପଡ଼ିଥିବାରୁ ଉକ୍ତ ଫଟୋରୁ ରୋଭର ଦୃଶ୍ୟ ହୋଇ ନ ଥିଲା। ତେବେ ଜାନୁୟାରୀ ୪ରେ ନାସା ପଠାଇଥିବା ଅନ୍ୟ ଫଟୋ ଯାହା ମେ' ମାସରେ ସର୍ବସାଧାରଣରେ ପ୍ରକାଶ କରାଯାଇଥିଲା, ସେଥିରୁ ପ୍ରଜ୍ଞାନ ଅକ୍ଷତ ଥିବା ଓ କିଛି ପଥ ଅତିକ୍ରମ କରିଥିବା ଜଣାପଡୁଛି ବୋଲି ଚେନ୍ନାଇ ପ୍ରଯୁକ୍ତିବିତ୍ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସହର ପାଣି ବିପଦ ...

ଜଳସାଥୀମାନେ ସରକାରଙ୍କ ନିକଟରେ ପହଞ୍ଚାଇବେ। ଏହି କାର୍ଯ୍ୟକ୍ରମ ୨୦୧୯ ଡିସେମ୍ବର ୧୮ ତାରିଖରୁ ଆରମ୍ଭ କରାଯାଇଥିଲା। ଏଥିପାଇଁ ୱାଟର କର୍ପୋରେଶନ ଅଫ୍ ଓଡ଼ିଶା (ୱାଟ୍‌କୋ) ଏବଂ ମିହିଳା ସ୍ୱୟଂ ସହାୟକ ମହାସଂଘ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ସମଗ୍ର ରାଜ୍ୟରେ ୫ ହଜାର ଜଳସାଥୀ ନିୟୋଜିତ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ତେବେ କରୋନା ମହାମାରୀ ଯୋଗୁ ଜଳ ନମୁନା ସଂଗ୍ରହ କାର୍ଯ୍ୟ ବନ୍ଦ ରହିଛି। ଅନ୍ୟପକ୍ଷରେ ଭୁବନେଶ୍ୱର ପଳାଶୁଣୀସ୍ଥିତ ପାନୀୟ ଜଳ ବିଶୋଧନାଗାର ବରିଷ୍ଠ ଆନାଲିଷ୍ଟ(ବିଶ୍ଳେଷକ) ଅସୁସ୍ଥତା ଯୋଗୁ ପ୍ରାୟ ୪ମାସ ହେବ ଛୁଟିରେ ରହିଛନ୍ତି। ଫଳରେ ଘରୋଇ ସଂସ୍ଥା ଦ୍ୱାରା କରାଯାଉଥିବା ମାନ ଯାଞ୍ଚ କରିବାକୁ ମଧ୍ୟ କେହି ନାହାନ୍ତି।

ପଳାଶୁଣୀସ୍ଥିତ ପାନୀୟ ଜଳ ବିଶୋଧନାଗାରର ଜଣେ କର୍ମଚାରୀଙ୍କ କହିବା କଥା ହେଲା କରୋନା ମହାମାରୀ ଯୋଗୁ ଘରଘର ବୁଲି ଟ୍ୟାପରୁ ଜଳ ନମୁନା ସଂଗ୍ରହ କରାଯାଇ ପାରୁ ନାହିଁ। କେବଳ ପାଣି ଉଠାଯାଉଥିବା ସ୍ଥାନରୁ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଉଛି। ନଗର ଉନ୍ନୟନ ବିଭାଗ ଜନସ୍ୱାସ୍ଥ୍ୟ ସର୍ବୋଚ୍ଚ ଯନ୍ତ୍ରୀ(ଇଆଇସି) ବସନ୍ତ ସେନାପତି କହିଛନ୍ତି ଯେ, ସହରାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ନମୁନା ନିୟମିତ ପରୀକ୍ଷା କରାଯାଉଛି। ମେଟ୍ରୋ ଲାବ୍ ଏହି ଜଳ ପରୀକ୍ଷା କରୁଛି। ତେବେ କେତେ ପାରାମିଟର ପରୀକ୍ଷା ହେଉଛି ସେ ବିଷୟରେ ଉକ୍ତ ସଂସ୍ଥାକୁ ପଚାରି କହିବେ ବୋଲି କହିଛନ୍ତି। ଅପରପକ୍ଷରେ ଜଳ ନମୁନା ପରୀକ୍ଷା କରୁଥିବା ଘରୋଇ ସଂସ୍ଥାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

### କଟକଣାରେ ଖୋଲିବ ...

ଆର୍ଦ୍ରତା ୪୦ରୁ ୭୦% ମଧ୍ୟରେ ରଖିବା, ନିୟମିତ ମଲ୍‌କୁ ସାନିଟାଇଜ୍ କରିବା, ବ୍ୟବହୃତ ହୋଇଥିବା ମାସ୍କ ଓ ଅନ୍ୟ ପିପିଇ ସାମଗ୍ରୀର ଠିକ୍ ଢଙ୍ଗରେ ପରିଚାଳନା କରିବା ପାଇଁ କୁହାଯାଇଛି। ଏହାବ୍ୟତୀତ ଯଦି କେହି ସନ୍ଦିଗ୍ଧ ମଲ୍ ପରିସରରୁ ଚିହ୍ନଟ ହୁଅନ୍ତି, ତେବେ ତାଙ୍କୁ ଉକ୍ତ ପରିସର ମଧ୍ୟରେ ଥିବା ସ୍ୱତନ୍ତ୍ର ଆଇସୋଲେଶନ ରୁମ୍‌ରେ ରଖିବା ସହ ତାଙ୍କ ମୁହଁରେ ଠିକ୍ ଭାବେ ମାସ୍କ ପିନ୍ଧାଇ ବିଏମ୍‌ସିକୁ ଅବଗତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମଲ୍ ପରିସରରେ କେହି ଛେପ ପକାଇ ପାରିବେ ନାହିଁ। ବିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ଏହି ସମସ୍ତ ସର୍ତ୍ତକୁ ମଲ୍ କର୍ତ୍ତୃପକ୍ଷ ପାଳନ କରୁଛନ୍ତି ନା ନାହିଁ ସେନେଇ ତଦାରଖ କରିବାକୁ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରାଯାଇଛି। ଉକ୍ତ ଟିମ୍ ନିୟମିତ ଯାଞ୍ଚ କରିବେ ବୋଲି ବିଏମ୍‌ସି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ପ୍ରକାଶ ଯେ, କରୋନା କଟକଣା ପାଇଁ ଗତ ମାର୍ଚ୍ଚ ୧୭ରୁ ଭୁବନେଶ୍ୱରର ସବୁ ମଲ୍ ବନ୍ଦ ରହିଛି।

### ଅମର ସିଂଙ୍କ ...

ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଶନିବାର ସକାଳେ ସେ ଟୁଇଟ୍ କରି ସ୍ୱାଧୀନତା ସଂଗ୍ରାମୀ ତଥା ଶିକ୍ଷାବିତ ବାଲ୍ ଗଙ୍ଗାଧର ତିଲକଙ୍କୁ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହିତ ଇଦ୍ ଅବସରରେ ସେ ତାଙ୍କ ଅନୁଗାମୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ୨୦୧୧ରୁ ଅମର କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ୨୦୧୩ ଫେବୃୟାରୀରେ ସେ ମେଡିକାଲ ଚେକ୍‌ଅପ୍ ପାଇଁ ସିଙ୍ଗାପୁର ଯାଉଥିବାବେଳେ ଦୁବାଇ ବିମାନବନ୍ଦରରେ ମୂର୍ଚ୍ଛା ଯାଇଥିଲେ। ସମାଜବାଦୀ ପାର୍ଟିରେ ସେ ଥିଲେ ଅନ୍ୟତମ ପ୍ରମୁଖ ନେତା। ୨୦୦୮ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରରୁ ସିପିଆଇ ସମର୍ଥନ ପ୍ରତ୍ୟାହାର କରିନେବା ପରେ ସମାଜବାଦୀ ପାର୍ଟି ସମର୍ଥନ ଦେବାକୁ ଆଗେଇ ଆସିଥିଲା। ଏଥିରେ ଅମରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେବେ ଦଳବିରୋଧୀ କାର୍ଯ୍ୟ ଯୋଗୁ ୨୦୧୦ ଫେବୃୟାରୀରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ୨୦୧୬ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବରେ ସମାଜବାଦୀ ପାର୍ଟି ସମର୍ଥନରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ।

ଅମର ସିଂଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବରିଷ୍ଠ ନେତା ତଥା ଏମ୍‌ପି ଅମର ସିଂଙ୍କ ପରଲୋକ ଖବର ଶୁଣି ମର୍ମାହତ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଟୁଇଟ୍ କରିଛନ୍ତି। ସାଧାରଣ ଜୀବନରେ ସବୁ ଦଳ ସହ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା ବୋଲି ରାଜନାଥ କହିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଭଗବାନ ଅମର ସିଂଜୀଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟ୍ କରି ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

### ତାଲିମ ଅଛି, ନିଯୁକ୍ତି ...

ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଯୋଜନା କରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ସମ୍ପ୍ରତି ଯେଉଁ ସ୍ଥିତି ଉପୁଜିଛି ସେଥିପାଇଁ ବେକାରିଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେମାନଙ୍କ କହିବା କଥା ହେଲା ଏବର୍ଷ ନିଯୁକ୍ତି ସୁଯୋଗ ବହୁ ପରିମାଣରେ ପ୍ରଭାବିତ ହେବ। ଏବେ ସୁଦ୍ଧା ରାଜ୍ୟ ବାହାରରୁ ୭ ଲକ୍ଷରୁ ଅଧିକ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଫେରିଛନ୍ତି। ସେମାନଙ୍କ ପାଇଁ ଏଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି ବଡ଼ ଆହ୍ୱାନ ରହିବ। ଅପରପକ୍ଷରେ ରାଜ୍ୟ ସରକାର ଆସନ୍ତା ୨ ବର୍ଷ ପାଇଁ ନୂଆ ନିଯୁକ୍ତି ଉପରେ ରୋକ ଲଗାଇଛନ୍ତି। ତେଣୁ ପ୍ରତି ବର୍ଷ ଦକ୍ଷତା ବିକାଶ ତାଲିମ ନେଉଥିବା ଲକ୍ଷାଧିକ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାନ୍ଦାବସ୍ଥା ଯୋଗୁ ବେସରକାରୀ ସଂସ୍ଥାଗୁଡିକ ବି ନିଯୁକ୍ତି ପାଇଁ ଏବେଠାରୁ ମୁହଁ ମୋଡ଼ିବା ଆରମ୍ଭ କଲେଣି। ତେଣୁ ଆଇଆଇଟି, ଡିପ୍ଲୋମା, ଡିଗ୍ରୀ ପାଠ୍ୟକ୍ରମ ଶେଷ କରୁଥିବା ପିଲାଙ୍କୁ କେଉଁଠି ଓ କିଭଳି ନିଯୁକ୍ତି ମିଳିବ ତାହା ସମସ୍ୟା ସୃଷ୍ଟି କରିଛି। ୟୁଏନ୍ ୱିମେନ୍, ସାକ୍ ରୋବୋଟିକ୍ସ,କୋର୍ସେରା ଏବଂ ଟାଇମ୍‌ସ ପ୍ରୋ ଭଳି ସଂସ୍ଥା ସହ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଆଗାମୀ ଦିନରେ ଏହି ସଂସ୍ଥା ପ୍ରଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାରେ ସହାୟକ ହେବେ ବୋଲି ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି।

### ଏଚ୍-୧ ବି ଭିଜା ...

ଆମେରିକାରେ ମୁଖ୍ୟାଳୟ ରହିଥିବା କମ୍ପାନୀଗୁଡ଼ିକ ଏଚ୍-୧ବି ଭିଜା ଦ୍ୱାରା କର୍ମଚାରୀଙ୍କୁ ନିଯୁକ୍ତି ଦେଇଥାନ୍ତି। ଭାରତୀୟମାନେ ଏହା ମଧ୍ୟରେ ସବୁଠାରୁ ଅଧିକ ଭିଜା ଲାଭ କରୁଥିବା ଜଣାପଡିଛି। କେଉଁ ଦେଶକୁ କେତେ ଏଲ୍-୧ ଭିଜା ମିଳିଛି ସେ ନେଇ କୌଣସି ତଥ୍ୟ ମିଳିପାରିନାହିଁ।

ଆମେରିକା ସରକାରଙ୍କ ଅପ୍ରବାସନ ଏଜେନ୍ସି ୟୁଏସ୍ ସିଟିଜେନଶିପ ଆଣ୍ଡ ଇମିଗ୍ରେଶନ ସର୍ଭିସେସ୍ (ୟୁଏସ୍‌ସିଆଇଏସ୍) ସେଠାକାର ସରକାରଙ୍କ ପକ୍ଷରୁ ୧.୨ ବିଲିୟନ ଡଲାରର ଜରୁରିକାଳୀନ ପାଣ୍ଠି ଆବଶ୍ୟକ କରୁଛି। ଏହାର ମୋଟ୍ ଶ୍ରମ ଶକ୍ତି ମଧ୍ୟରୁ ଅଗଷ୍ଟ ଶେଷ ସୁଦ୍ଧା ପ୍ରାୟ ୧୩ ହଜାର କର୍ମଚାରୀଙ୍କୁ ଛଟେଇ ନେଇ ରହିଥିବା ଯୋଜନାକୁ ଏହା ବର୍ତ୍ତମାନ ସ୍ଥଗିତ ରଖିଛି। ବିଦେଶରୁ ଲୋକମାନଙ୍କର ଫାଇଲିଂ ଫିସ୍‌ରୁ ଏହି ଏଜେନ୍ସିକୁ ପ୍ରାୟ ଅର୍ଥ ମିଳିଥାଏ। ବର୍ତ୍ତମାନ ୫୦ରୁ ଅଧିକ କର୍ମଚାରୀ ରଖିଥିବା ସଂସ୍ଥାରେ ଏଚ୍-୧ବି କିମ୍ବା ଏଲ୍-୧ ଷ୍ଟାଟସ ଥିବା କର୍ମଚାରୀଙ୍କ ଅଂଶ ୫୦% ଥିଲେ ଅତିରିକ୍ତ ଦେୟ ପ୍ରଦାନ କରିବାକୁ ପଡିବ। ପ୍ରତି ନୂଆ ଏଚ୍-୧ ବି ଭିଜା ଲାଗି ୪ ହଜାର ଡଲାର(୨.୯୯ ଲକ୍ଷ) ଏବଂ ଏଲ୍-୧ବି ଭିଜା ଲାଗି କମ୍ପାନୀଙ୍କୁ ୪,୫୦୦ ଡଲାର(୩.୩୭ ଲକ୍ଷ)ର ଫି ଦେବାକୁ ପଡିବ। ଏହାବାଦ ବର୍ତ୍ତମାନ ଭିଜା ନବୀକରଣ କିମ୍ବା ସମ୍ପ୍ରସାରଣ ଲାଗି ମଧ୍ୟ ଫିସ୍ ଦେବାକୁ ହେବ। ଏହାଦ୍ୱାରା ପ୍ରାୟ ୨୦୦ ନିୟୁତ ଡଲାର ସଂଗ୍ରହ କରିବା ଲାଗି ୟୁଏସ୍ ସରକାରଙ୍କ ଉକ୍ତ ଏଜେନ୍ସି ଯୋଜନା ଧାର୍ଯ୍ୟ କରିଛି। ଏଚ୍-୧ବି ଭିଜା ଗ୍ରହଣ କରିଥିଲେ ସେମାନଙ୍କ ସ୍ପାଉସ (ସ୍ୱାମୀ କିମ୍ବା ସ୍ତ୍ରୀ)ଙ୍କ ୱାର୍କ ପରମିଟ୍ ଲାଗି ୫୫୦ ଡଲାର (୪୧,୨୧୧.୪୪ ଟଙ୍କା)ଦେୟ ଧାର୍ଯ୍ୟ କରାଯାଇଛି। ଏଥିରେ ୩୪% ବୃଦ୍ଧି ଘଟିଛି। ଯେଉଁମାନେ ଆମେରିକାରେ ନାଗରିକତା ଲାଗି ଆବେଦନ କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଦେୟକୁ ୬୪୦ରୁ ୧୧୭୦ଡଲାର (୮୭,୬୬୭.୯୮ ଟଙ୍କା)କୁ ବୃଦ୍ଧି କରାଯାଇଛି। ଏହି ବର୍ଗରେ ପ୍ରାୟ ୮୩% ବୃଦ୍ଧି ପରିଲକ୍ଷିତ ହୋଇଛି। ଅପରପକ୍ଷରେ ବାୟୋମେଟ୍ରିକ୍ସ ଭଳି ବିଭିନ୍ନ ବର୍ଗରେ ସେବାରେ ଫି ବୃଦ୍ଧି ଘଟିଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବିଭିନ୍ନ କଥାକୁ ନେଇ ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ**
କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ। ସାଂଗଠନିକ କ୍ଷେତ୍ରରେ ଖୋଲା ମନ ନେଇ କାମ କରି ସମ୍ମାନିତ ହେବେ।

**ମିଥୁନ**
ଆର୍ଥିକ ଅନଟନ ଆଜିର ମୁଖ୍ୟ ସମସ୍ୟା ହେବାର ସୂଚନା ରହିଛି। କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**କର୍କଟ**
କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ନିଜର ଖାଇବା ପିଇବା ମଧ୍ୟ ଭୁଲିଯିବେ। ଘରଲୋକଙ୍କୁ ଅବିଶ୍ୱାସ କରିବା ସଙ୍ଗକୁ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। କଚେରୀ ମାମଲାରେ ଟେନସନ୍ ଦୂର ହେବ।

**ସିଂହ**
କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଜଣେ ବନ୍ଧୁ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା**
ଅର୍ଥଲାଭ କାରଣରୁ ଅଟକି ରହିଥିବା ଆପଣଙ୍କ କାମ ସୁବିଧାରେ ହୋଇଯିବ। ବିଦେଶଯାତ୍ରାର ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବିଶତଃ ଯିବା କାଠିକର ପାଠ ହେବ। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବାରୁ ଖୁସୀ ହେବେ। କିନ୍ତୁ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। କଳା, ସାହିତ୍ୟ, ରାଜନୀତି, ସାମ୍ବାଦିକତାରେ ଶୁଭଫଳ ପାଇବେ।

**ବିଛା**
ସାଧାରଣ କଥାରେ ବିରକ୍ତି ପ୍ରକାଶ କରିବା ଦ୍ୱାରା ତାହା ନିଜ ପାଇଁ ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି କାମରେ ବନ୍ଧୁମାନଙ୍କୁ ସାହାଯ୍ୟ କରି ମଧ୍ୟ ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ**
ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମକୁ ଅଣଦେଖା କରିପାରିବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସଙ୍ଗରେ ଯିବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର**
ବହୁତ ଦିନରୁ ରହିଯାଇଥିବା ବକେୟା ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ସ୍ୱାର୍ଥସାଧନ ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ**
ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଯଥାସମ୍ଭବ ଦୂରେଇ ରହିବା ଭଲ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ମୁଣ୍ଡବ୍ୟଥାର କାରଣ ହୋଇପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**ମୀନ**
କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ ରବିବାର, ଅଗଷ୍ଟ ୨ ତାରିଖ, ଅନ୍ତର୍ଜାତୀୟ ବନ୍ଧୁତା ଦିବସ,( ଅଗଷ୍ଟ ପ୍ରଥମ ରବିବାର)ଶିବଶୟନ ଚତୁର୍ଦ୍ଦଶୀ, ରାଶି ନକ୍ଷତ୍ର- ଉତ୍ତରାଷାଢା/ଧନୁ, ଦିବା ଘ.୧୨.୫୭ ମି.ଗତେ ମକର ଚନ୍ଦ୍ର, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୧୮ମି. ଗତେ ଘ.୦୯.୪୪ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୪୮ମି.ଗତେ ଘ.୦୯.୧୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୨୬ମି.ଗତେ ଘ.୦୬.୧୮ମି. ମଧ୍ୟେ, ଘ.୦୧.୧୦ମି.ଗତେ ଘ.୦୨.୦୧ ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୦୩ମି. ଗତେ ଘ.୦୭.୪୮ମି. ମଧ୍ୟେ, ରାତ୍ରି ଘ.୧୨.୧୫ମି. ଗତେ ଘ.୦୩.୧୩ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୪.୪୨ମି. ଗତେ ଘ.୦୬.୧୯ ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302




**BRIDE WANTED**

Looking bride for son age 31 B.Tech NIT Rourkela, MBA Ahmadabad work in Business development professional at Mumbai, salary 30 lakhs, 8144589551. D-17840

Tanti Boy 1990 B.Tech Nationalised Bank Officer settle BBSR. 9861255959. D-17833

**GROOM WANTED**

Govt. Schoolରେ Senior Teacher ଭାବରେ କାର୍ଯ୍ୟରତ ଥିବା ବିଧବା ମହିଳା ପାଇଁ ବରପାତ୍ର ଯୋଗାଯୋଗ କରନ୍ତୁ। ବୟସ-48ବର୍ଷ, (ପାରିବାରିକ ବା ଛାଡ଼ପତ୍ର ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 8895411143. D-68829

Age-36, divorce, Secretariateରେ ଚାକିରି କରିଥିବା ସୁନ୍ଦର ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। Contact: 7327035373. D-17861

Bhubaneswarରେ ଚାକିରି 52ବୟସ୍କା widow ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 9668488654. D-67949

ଜାତି ବାଧକ ନୁହେଁ। 36,5'4", M.A, BED Govt. Teacher. ମାସିକ ଆୟ 42000, ବରପାତ୍ର ଆବଶ୍ୟକ। ଅବିବାହିତ, ଛାଡପତ୍ରପ୍ରାପ୍ତ ଘରଜ୍ୱାଇଁ ଗ୍ରହଣଯୋଗ୍ୟ। 7247766402. D-17859




**SALE**

**Plan approved plot sale near Infocity-2, Gangapada, BBSR, 30' road boundarywall gated comunity, Electricity facility available. Contact: 7978090773.** D-17855

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

**VSS Nagar ହାଟଠାରୁ 50mtr ଦୂରତାରେ BDA road ଥାଇ ଘରବାରି ପ୍ଲଟ୍ sqft. 2500/- ରେ କିଣନ୍ତୁ। 7788888879, 9439006530.** D-69137




2BHK flat main road Soubhagyanagar Unit, 8 for Office, Bachelors. 9000001508. D-17858

Fully furnished single Non- AC room at Damana Square, Bhubaneswar for immediate rent, 7749883585. D-69323




Newly open SPA Centre full body massage Bamikhal, Bhubaneswar. 7205187702. D-59955

**Birthday Wishes**


**Aditya Prasad**
Vadodara, Gujarat
Happy 5th Birthday. You little trouble maker Mr Aditya Prasad. May God bless you forever and be smile always.
-:From:- Papa, Mommy, Bapa, Maa, Aja, Aai.
D-69021

**ପଞ୍ଚଦଶ ଜନ୍ମଦିନ ଶୁଭେଚ୍ଛା**


**ସ୍ୱୀକୃତି ପଟ୍ଟନାୟକ**
ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ତୋର ପଞ୍ଚଦଶ ଜନ୍ମତିଥି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ। -:ଶୁଭେଚ୍ଛା ସହ:- ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକୀ, ଟିଣ୍ଟୁକାକୁ, ସାନକାକୀ, ବୁଲୁ ଭାଇନା, ଅପା, ଗୁଡୁ, ପ୍ରେମ, ରାଜ, ଶ୍ୱେତା, ସିଦ୍ଧେଶ, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୮୬୬


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଶ୍ରୀଲିଙ୍ଗରାଜଙ୍କ ପଇତା ଧୁଆ ନୀତି ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପଇତା ରୋପଣ ପାଇଁ ପଇତା ଧୁଆ ନୀତି ଶନିବାର ସମ୍ପନ୍ନ ହୋଇଛି। ସକାଳୁ ଠାକୁରଙ୍କ ଦୈନିକ ଆଳତି, ଅବକାଶ ନୀତି ହେବା ପରେ ରୋଷ ହୋମ ଠାରୁ ଠାକୁରାଣୀଙ୍କ ସନ୍ଧ୍ୟାଧୂପ ସାରି ବଡୁ ସେବାୟତମାନେ ବିନ୍ଦୁସାଗର ଯାତ୍ରା କରିଥିଲେ। ବ୍ରହ୍ମାଘାଟରେ ପହଞ୍ଚି ଶ୍ରୀଜୀଉଙ୍କ ପଇତାକୁ ବିନ୍ଦୁ ସାଗରରେ ଧୋଇ ମନ୍ଦିରକୁ ସେବାୟତମାନେ ଫେରିଥିଲେ। ମନ୍ଦିର ଭିତର ଆଡ଼କାଠ ନିକଟରେ ଥିବା ବିଲେଇ ଘର ପାଖରେ ପୂଜାପଣ୍ଡା ସେବାୟତ ମୁରୁଜ ପକାଇ ହୋମକାର୍ଯ୍ୟ କରିଥିଲେ। ଉକ୍ତ ପଇତାକୁ ଅଧିବାସ ପୂଜା କରି ଶୁଦ୍ଧ କରାଯାଇ ମନ୍ଦିରରେ ବଡ଼ସିଂହାର, ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା।

## ସଂକ୍ଷେପରେ

### ଗଣଶିକ୍ଷା ମନ୍ତ୍ରୀଙ୍କ ନାଁରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ

ନିମାପଡ଼ା,୧।୮(ଡି.ଏନ୍.ଏ.): ନିମାପଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ନୂତନ କର୍ମୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ହେଲେ ଏହି ଦଳୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାଶ ସରକାରଙ୍କ କୋଭିଡ୍-୧୯ ଗାଇଡଲାଇନ, ନୀତିନିୟମକୁ ଉଲ୍ଲଂଘନ କରିଥିବା ନେଇ ଶନିବାର ଭାଜପା ନିମାପଡ଼ା ମଣ୍ଡଳ ପକ୍ଷରୁ ନିମାପଡ଼ା ଥାନାରେ ଅଭିଯୋଗ କରାଯାଇଛି। ଭାଜପା ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ମିଶ୍ରଣ ପର୍ବରେ ଶତାଧିକରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ତେବେ କର୍ମୀମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିବାବେଳେ ମନ୍ତ୍ରୀ ଦାଶ ମଧ କୋଭିଡ୍ ନିୟମ ଉଲ୍ଲଂଘନ କରି ସେଥିରେ ଯୋଗଦେଇଥିଲେ। ଏ ସମ୍ପର୍କରେ ଏସ୍ଆରସି ଭୁବନେଶ୍ୱର, ପୁରୀ ଜିଲାପାଳ, ଏସ୍‌ପିଙ୍କୁ ଟୁଇଟ୍ କରି ଜଣାଇଥିବା ମଣ୍ଡଳ ସଭାପତି ପ୍ରଧାନ କହିଛନ୍ତି। ଏ ନେଇ ମନ୍ତ୍ରୀ ଦାଶଙ୍କୁ ଫୋନ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ଏହି ମିଶ୍ରଣ ପର୍ବରେ ଯୋଗଦେଇଥିବା ନିମାପଡ଼ା ବିଜେଡି ସଭାପତି ଅଶୋକ ସାହୁ କୁହନ୍ତି, ଅନୁଷ୍ଠିତ କାର୍ଯ୍ୟକ୍ରମରେ ମିଟେଇପୁର ପଞ୍ଚାୟତର ମାତ୍ର ୨୧ଜଣ ନେତୃତ୍ୱଙ୍କ ବ୍ୟତୀତ ଅଧିକ ଉପସ୍ଥିତ ନ ଥିଲେ। ପୁଣି ସମସ୍ତେ କୋଭିଡ ନିୟମକୁ ମାନି ଯୋଗଦେଇଥିଲେ। ତେଣୁ ଭାଜପାର ଏହି ଅଭିଯୋଗ ଏକ ମିଥ୍ୟା, ଭିତ୍ତିହୀନ ବୋଲି ସେ କହିଛନ୍ତି।

### ଦେଶୀ ଭାଲୁ ଲିଜା ଅସୁସ୍ଥ

ବାରଙ୍ଗ,୧।୮(ଡି.ଏନ୍.ଏ.): ନନ୍ଦନକାନନର ତୃଣଭୋଜୀ ସଫାରିରେ ରହୁଥିବା ୮ ବର୍ଷର ମାଈ ଦେଶୀ ଭାଲୁ ଲିଜା ୫ଦିନ ହେବ ଅସୁସ୍ଥ ହୋଇପଡିଛି। ଠିକ୍‌ଭାବେ ଚଲାବୁଲା କରିପାରୁ ନାହିଁ। ତରଳ ଝାଡ଼ାରେ ଆକ୍ରାନ୍ତ ହୋଇଥିବାରୁ ଗୋଟିଏ ଜାଗାରେ ପଡିରହିବା ସହ ଦୁର୍ବଳ ହୋଇପଡୁଛି। ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ତାକୁ ଶୁକ୍ରବାର ଡାକ୍ତରଖାନାକୁ ନିଆଯାଇ ଡାକ୍ତରମାନଙ୍କ ନଜରବନ୍ଦୀରେ ରଖାଯାଇ ଚିକିତ୍ସା କରାଯାଉଛି। ଲିଜା ୨ ବର୍ଷର ହୋଇଥିବାବେଳେ ୨୦୧୪ରେ ଖଲ୍ଲିକୋଟରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିଲା। ଏହି ଭାଲୁଟି ତୃଣଭୋଜୀ ସଫାରିର ୯ନଂ ଏନ୍‌କ୍ଲୋଜରରେ ରହୁଥିଲା। ନନ୍ଦନକାନନରେ ରହିଥିବା ସମୁଦାୟ ୧୬ଟି ଦେଶୀଭାଲୁ ମଧ୍ୟରୁ ତୃଣଭୋଜୀ ସଫାରିରେ ୭ଟି ଭାଲୁ ରହିଛନ୍ତି।

### ପଥରଖଣିରେ ଓଲଟିଲା ମିନିଟ୍ରକ୍: ଡ୍ରାଇଭର ମୃତ

ବେଗୁନିଆ,୧।୮(ଡି.ଏନ୍.ଏ.): ବେଗୁନିଆ ଥାନା ଅନ୍ତର୍ଗତ ରାଉତପଡ଼ା ଅଞ୍ଚଳରେ ଥିବା ବେଆଇନ ମାଙ୍କଡ଼ା ପଥର ଖଣିରେ ଏକ ମିନିଟ୍ରକ୍ ଓଲଟି ପଡ଼ିବାରୁ ଶନିବାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଡିଙ୍ଗର ଗ୍ରାମର ସନ୍ତୋଷ ବେହେରା(୩୩)। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସନ୍ତୋଷ ମିନିଟ୍ରକ୍ ନେଇ ମାଙ୍କଡ଼ା ବୋଝେଇ କରିବା ପାଇଁ ଖଣିକୁ ଯାଇଥିଲେ। କୌଣସି କାରଣରୁ ଖଣି ପରିସରରେ ଥିବା ଖାତ ଭିତର ପାଣିକୁ ଗାଡି ଖସି ପଡ଼ିଥିଲା। ପାଣିରେ ଶ୍ୱାସରୁଦ୍ଧ ହେବା ସହ ଗାଡ଼ି ତଳେ ସନ୍ତୋଷ ଚାପି ହୋଇ ରହିଥିଲେ। ଖବରପାଇ ଶନିବାର ଭୋରରୁ ଅଗ୍ନିଶମ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୫୮/୨୦) ରୁଜୁକରି ତଦନ୍ତ ଚଳାଇଛି।

### ଖୋର୍ଦ୍ଧାରେ ୧୦୦ ପଜିଟିଭ୍

ଖୋର୍ଦ୍ଧା ଅଫିସ,୧।୮: ଖୋର୍ଦ୍ଧା ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଶନିବାର ଜିଲା(ବିଏମ୍‌ସିକୁ ବାଦ୍ ଦେଇ) ରେ ୧୦୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ୮ଜଣ ରହିଛନ୍ତି। ତନ୍ମଧ୍ୟରୁ ଜିଲା ପୋଲିସ କାର୍ଯ୍ୟାଳୟର ଜଣେ ପୋଲିସ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ବାଣପୁରରୁ ସର୍ବାଧିକ ୨୮, ବାଲୁଗାଁରୁ ୧୩, ଟାଙ୍ଗୀରୁ ୪, ହଳଦିଆରୁ ୬, ବେଗୁନିଆରୁ ୮, ବୋଲଗଡ଼ରୁ ୧୪, ଜଟଣୀରୁ ୬, ମେଣ୍ଢାଶାଳରୁ ୮, ବାଲକାଟୀରୁ ଜଣେ ରହିଥିବା ବେଳେ ବାଲିପାଟଣାରୁ ୪ଜଣ ରହିଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୬୭ରେ ପହଞ୍ଚିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ରାତିରେ ଲୁଟ୍, ସକାଳୁ ଅଭିଯୁକ୍ତଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧।୮(ବ୍ୟୁରୋ)

- ଓଭରବ୍ରିଜ ତଳୁ ଉଲଗ୍ନ ମୃତଦେହ ମିଳିଲା
- ମୃତ୍ୟୁକୁ ନେଇ ବଢୁଛି ସନ୍ଦେହ
- ଲୁଟେରାଙ୍କ ପିଛାକରିଥିଲା ପିସିଆର ଭ୍ୟାନ୍

ଖଣ୍ଡଗିରି ଥାନା ଅନ୍ତର୍ଗତ ଫାୟାର ଷ୍ଟେଶନ ଓଭରବ୍ରିଜ ତଳୁ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ଉଲଗ୍ନ ମୃତଦେହକୁ ପୋଲିସ ଜବତ କରିଛି। ମୃତଦେହ ନିକଟରୁ ପ୍ୟାଣ୍ଟ, ଶାର୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଛି। ପ୍ୟାଣ୍ଟ ପକେଟରେ ଦୁଇଟି ଫୋନ୍, ଆଧାରକାର୍ଡ ଓ ମନିପର୍ସକୁ ଜବତ କରି ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ସତ୍ୟନଗରରେ ରହୁଥିବା କଟକ ନିଆଳି ଥାନା ଅଞ୍ଚଳର ରାକେଶ କୁମାର ପଣ୍ଡା(୨୫)। ସେ ଶୁକ୍ରବାର ରାତିରେ ଓଭରବ୍ରିଜ ଉପରେ ଲୁଟ୍‌ପାଟ କରୁଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଲୁଟ୍‌ବେଳେ ପୋଲିସ ଚଢ଼ାଉ କରି ସହଯୋଗୀଙ୍କୁ ଧରିନେଇଥିବାବେଳେ ସେ ଫେରାର ଥିଲେ। ପିସିଆର୍ ଭ୍ୟାନ୍ ମଧ ତାଙ୍କୁ କିଛିବାଟ ଗୋଡ଼ାଇଥିଲା। ହେଲେ ସକାଳେ ରାକେଶଙ୍କ ମୃତଦେହ ଓଭରବ୍ରିଜ ତଳୁ ମିଳିବା ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ କହିବା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ରାକେଶ ଓ ସହଯୋଗୀ ଅସୀମ ଆନନ୍ଦ ଏକ ବୁଲେଟରେ ଆସି ସିଆର୍‌ପି ଛକ ଫ୍ଲାଏ ଓଭରବ୍ରିଜ ଉପରେ ଲୁଟ୍ କରୁଥିଲେ। ଓଡି୦୨ଏଫ୍୩୦୬୯ ନମ୍ବର ବିଶିଷ୍ଟ ଏକ ଟ୍ରକକୁ ଅଟକାଇ ଡ୍ରାଇଭଙ୍କଠାରୁ ୪ହଜାର ୫ଶହ ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଏହାପରେ ସେମାନେ ବରମୁଣ୍ଡା ଓଭରବ୍ରିଜ ନିକଟରେ ଏକ ଅଟୋ ଡ୍ରାଇଭରଙ୍କଠାରୁ ଲୁଟ୍ କରିଥିଲେ। ଇତିମଧ୍ୟରେ ଲୁଟ୍‌ର ଶିକାର ଟ୍ରକ୍ ଡ୍ରାଇଭର ଜଣକ କଣ୍ଟ୍ରୋଲରୁମ୍‌କୁ ଫୋନ୍ କରିବା ପରେ ପିସିଆର ଭ୍ୟାନ୍ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଉଭୟ ରସୁଲଗଡ଼ ଆଡକୁ ଖସି ପଳାଇଥିଲେ। ଅସୀମ ବୁଲେଟ ଚଲାଉଥିବାବେଳେ ପଛରେ ରାକେଶ ବସିଥିଲେ। ହେଲେ ବାଟରେ ଅସୀମ ପୋଲିସ ଉପରେ ଗାଡ଼ି ଚଢାଇବାକୁ ଉଦ୍ୟମ କରି ଭିଏସ୍‌ଏସ୍ ନଗର ଅଭିମୁଖେ ଫେରାର ହୋଇଯାଇଥିଲେ ମଧ ସେତେବେଳେ ରାକେଶ ବୁଲେଟରେ ନ ଥିଲେ। ଏହାପରେ ଅସୀମଙ୍କୁ ଦୁଇଟି ପିସିଆର୍ ଭ୍ୟାନ୍ ପିଛା କରି ଭିଏସ୍‌ଏସ୍ ନଗର ନିକଟରେ କାବୁ କରିଥିଲେ। ଅନ୍ୟପକ୍ଷରେ ରାକେଶଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ହେଲେ ସକାଳୁ ଫାୟାରଷ୍ଟେଶନ ନିକଟ ଓଭରବ୍ରିଜ ତଳ ସୌନ୍ଦର୍ଯ୍ୟକରଣ ସ୍ଥାନରେ ରାକେଶଙ୍କ ଉଲଗ୍ନ ମୃତଦେହ ମିଳିଥିଲା।

ଘଟଣା ସମ୍ପର୍କରେ ଖଣ୍ଡଗିରି ଥାନା ଅଧିକାରୀ କହିଛନ୍ତି, ଓଭରବ୍ରିଜ ଉପରୁ ଯୁବକ ଜଣକ କୌଣସି ଏକ ଗାଡି ଧକ୍କାରେ ତଳକୁ ଖସି ପଡିଥିବା ସନ୍ଦେହ କରାଯାଉଛି। ହେଲେ ସେ କିଭଳି ଉଲଗ୍ନ ହେଲେ ତାହାକୁ ନେଇ ସନ୍ଦେହଜାତ ହୋଇଛି। ପୋଲିସ ପାରିପାର୍ଶ୍ୱିକ ସ୍ଥିତି ଏବଂ ସିସିଟିଭି ଫୁଟେଜ ଆଧାରରେ ମାମଲାର ଯାଞ୍ଚ କରୁଛି। ତେବେ ତାଙ୍କ ଶରୀର କିମ୍ବା ମୁହଁରେ କ୍ଷତ ଚିହ୍ନ ନ ଥିବାରୁ ଦୁର୍ଘଟଣା ଘଟି ନ ଥିବା ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ମାରିଦିଆଯିବା ପରେ ସେଠାରେ ଫିଙ୍ଗି ଦିଆଯାଇଥିବା ଜଣାପଡୁଛି। ଅନ୍ୟପକ୍ଷରେ ନୟାପଲୀ ଓ ଖଣ୍ଡଗିରି ଥାନା ପୋଲିସ ଦୁଇଟି ମାମଲା ରୁଜୁକରି ଅଭିଯୁକ୍ତ ଅସୀମ ଆନନ୍ଦ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅମାନିଆଙ୍କୁ ଧରିବାକୁ ହ୍ୱାଟ୍ସଆପ୍ ନମ୍ବର ଜାରି

ଭୁବନେଶ୍ୱର,୧।୮(ବ୍ୟୁରୋ)

**ନୂଆ ଡିସିପିଙ୍କ ନୂଆ ରଣନୀତି**

- ଉଲ୍ଲଂଘନ ହେଉଥିଲେ ସୂଚନା ଦେବେ ସାଧାରଣ ଲୋକେ
- ରାତି ୯ଟା ପରେ ଦୋକାନ ଖୋଲାଥିଲେ ହେବ କାର୍ଯ୍ୟାନୁଷ୍ଠାନ

କରୋନା କଟକଣାରେ ରାଜ୍ୟର ସାମାଜିକ ତଥା ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଏହାକୁ ଦୃଷ୍ଟିରେ ରଖି ଅଗଷ୍ଟରୁ ରାଜ୍ୟ ସରକାର କଟକଣାରେ ଆହୁରି କୋହଳ କରିଥିଲେ ମଧ ସଂକ୍ରମଣ ରୋକିବା ପାଇଁ ନୂଆ ଗାଇଡ୍‌ଲାଇନ୍ ଜାରି କରି ତାହାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଭୁବନେଶ୍ୱରରେ ଅମାନିଆଙ୍କ ପାଇଁ କମିଶନରେଟ ପୋଲିସର ଚିନ୍ତା ବଢ଼ିଛି। ସେମାନଙ୍କୁ ସାବାଡ୍ କରିବା ପାଇଁ ନୂଆ ଡିସିପି ଉମାଶଙ୍କର ଦାଶ ନୂଆ ରଣନୀତି ଆପଣାଇଛନ୍ତି। ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବାକୁ ସାଧାରଣ ଲୋକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଥିପାଇଁ ଏକ ହ୍ୱାଟ୍ସଆପ୍ ନଂ. ୭୪୪୦୦୬୭୦୦୯ ଜାରି କରିଛନ୍ତି। କେହି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରୁଥିଲେ, ମାସ୍କ ନ ପିନ୍ଧି ବାହାରେ ବୁଲୁଥିଲେ ଓ ଅନ୍ୟ କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିଲେ, ତାହାର ଭିଡିଓ ରେକର୍ଡିଂ ସହ ଆବଶ୍ୟକ ତଥ୍ୟ ଉକ୍ତ ହ୍ୱାଟ୍ସଆପ୍ ନମ୍ବରରେ ଜଣାଇଲେ ତୁରନ୍ତ ପୋଲିସ ଟିମ୍ ପହଞ୍ଚିବ। ଭିଡିଓ ଓ ତଦନ୍ତ ଆଧାରରେ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଇ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଟୁଇଟ୍ କରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜଧାନୀରେ ରାତ୍ରିକାଳୀନ କର୍ଫ୍ୟୁକୁ ମଧ ପୋଲିସ କଡାକଡି ପାଳନ କରିବ। ବିଶେଷକରି ରାତି ୯ରୁ ସକାଳ ୫ ପର୍ଯ୍ୟନ୍ତ ସମସ୍ତ ଯାତାୟାତ ବନ୍ଦ ରହିଛି। କେବଳ ଜରୁରିକାଳୀନ ସେବା ଯୋଗାଉଥିବା ବ୍ୟକ୍ତି ନିଜ ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ଉଲ୍ଲଂଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ରାତି ୯ଟା ପରେ କେହି ଦୋକାନ ଖୋଲିଥିଲେ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଦୋକାନକୁ ସିଲ୍ କରିବ। ରାତି ୯ଟା ପୂର୍ବରୁ ବିଭିନ୍ନ ଥାନା ଗାଡି ଛକ ବଜାର ବୁଲି ଲୋକ, ଦୋକାନୀଙ୍କୁ ରାତ୍ରିକାଳୀନ କର୍ଫ୍ୟୁ ସମ୍ପର୍କରେ ସୂଚାଇବ। ଏହାସତ୍ତ୍ୱେ ଦୋକାନ ଖୋଲା ଥିଲେ ପୋଲିସ ତୁରନ୍ତ ପଦକ୍ଷେପ ନେବ ବୋଲି ଡିସିପି ଦାଶ କହିଛନ୍ତି।





କଟକଣା କୋହଳ ପରେ ଶନିବାର ଭୁବନେଶ୍ୱର ବଜାର ଓ ରାସ୍ତାରେ ଅସମ୍ଭାଳ ଭିଡ଼।

# ଭିଡ଼ରୁ ନିବୃତ୍ତ ରହିବାକୁ ପରାମର୍ଶ

ଭୁବନେଶ୍ୱର, ୧।୮ (ବ୍ୟୁରୋ)

- କମ୍ ଦାମ୍ ପାଇବା ଆଶାରେ କରୋନା କିଣନ୍ତୁ ନାହିଁ
- ନଗଦ ଛାଡ଼ି ଅନ୍‌ଲାଇନ୍ କାରବାର କରନ୍ତୁ
- ଭୁବନେଶ୍ୱରର ୬୦% ବସ୍ତିରେ ନାହାନ୍ତି ଆକ୍ରାନ୍ତ

ବଜାରକୁ ଯାଉଥିଲେ, ଭିଡ଼ରୁ ନିବୃତ୍ତ ରୁହନ୍ତୁ। ସଂକ୍ରମଣରୁ ବର୍ତ୍ତିବାକୁ ହେଲେ ଭିଡ଼ରୁ ଦୂରରେ ରହିବାକୁ ହେବ। ଘରୁ ବାହାରିଲେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ପାଳନକ କରନ୍ତୁ। କେଇଟା ଟଙ୍କା ବଞ୍ଚାଇବା ପାଇଁ ୧୦ ଦୋକାନ ନ ବୁଲି ଗୋଟିଏ ଦୋକାନରୁ ସାମଗ୍ରୀ କିଣିବାକୁ ଚେଷ୍ଟା କରନ୍ତୁ। ଶସ୍ତାରେ ସାମଗ୍ରୀ ପାଇବା ଆଶାରେ କରୋନା କିଣି ଘରକୁ ଆଣନ୍ତୁ ନାହିଁ। ନଗଦ ବଦଳରେ ଅନ୍‌ଲାଇନ୍‌ରେ ଜିନିଷ ଅର୍ଡ଼ କରନ୍ତୁ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଚୌଧାରୀ କହିଛନ୍ତି, ଶନିବାର ପୂର୍ବାହ୍ନରେ ବିଏମ୍‌ସି ସହ ସମସ୍ତ ହାଟ ବଜାର ସଂଘର ସଭାପତି ଓ ସମ୍ପାଦକଙ୍କ ସହ ଆଲୋଚନା ହୋଇଛି। ମାର୍କେଟରେ ବ୍ୟବସାୟୀମାନେ ସମସ୍ତ ନିୟମ ମାନିବାକୁ ସହମତି ପ୍ରକାଶ କରିଛନ୍ତି। ସେହିଭଳି ଶିଳ୍ପାନୁଷ୍ଠାନ ଓ ଘରୋଇ ହସ୍ପିଟାଲରେ ଏବେ କରୋନା ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଅନ୍ୟପକ୍ଷରେ ବିଏମ୍‌ସି ଅଞ୍ଚଳରେ ଟେଷ୍ଟିଂର ପରିମାଣ ବଢ଼ାଯାଇଛି। ଶୁକ୍ରବାର ଏକ ଭ୍ରାମ୍ୟମାଣ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍‌ର ମଧ ଶୁଭାରମ୍ଭ କରାଯାଇଛି। ହେଲେ ୟୁନିଟ-୧, ମାର୍କେଟ ବିଲ୍ଡିଂ, ମାଛ ମାର୍କେଟ ଓ ପନିପରିବା ମାର୍କେଟ ବିଏମ୍‌ସି ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ଆଲୁଗଦିରେ ଜଣଙ୍କ ପାଇଁ ୪୧ଜଣ ସଂକ୍ରମିତ ହେଲେ। ୟୁନିଟ୍-୪ ମାଛ ମାର୍କେଟରୁ ୨୧ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କଲୁ। ସାମାଜିକ ଦୂରତ୍ୱ ପାଳନ ହେଉ ନ ଥିବାରୁ କିଛିଦିନ ପାଇଁ ମାଛ ମାର୍କେଟ ବନ୍ଦ କରିଥିଲୁ। ବଜାରରେ ବ୍ୟବସାୟୀ ଓ ଗ୍ରାହକ କୋଭିଡ୍ ନିୟମ ଠିକ୍ ଭାବେ ମାନିଲେ ସଂକ୍ରମଣ ରୋକାଯାଇପାରିବ। ବସ୍ତିରେ କମିଟି ଗଠନ ଓ ଅନ୍ୟସବୁ ପଦକ୍ଷେପ ପରେ ସେସବୁ ଅଞ୍ଚଳରେ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିଛି। ଏବେବି ୬୦ ପ୍ରତିଶତ ବସ୍ତିରେ ଗୋଟିଏ ବି କରୋନା ପଜିଟିଭ ଚିହ୍ନଟ ହୋଇନାହାନ୍ତି। ଲୋକେ ସଚେତକ ଆପ୍ ଡାଉନ୍‌ଲୋଡ୍ କରି ସ୍ଥିତି ଜାଣିବା ସହ କୌଣସି ଗୁଜବ ଜଣାପଡ଼ିଲେ ଉକ୍ତ ଆପ୍ ସହ ହେଲ୍ପଲାଇନ୍ ନଂ.୧୯୨୯ କିମ୍ବା ଇମେଲରେ ବିଏମ୍‌ସିକୁ ଜଣାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ସତର୍କ ରୁହନ୍ତୁ ଓ କରୋନାକୁ ପ୍ରତିହତ କରିବାରେ ବିଏମ୍‌ସିକୁ ସହଯୋଗ କରନ୍ତୁ ବୋଲି କମିଶନର ଚୌଧାରୀ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି।

# ୧୭ ବାଇକ୍ ଜବତ, ୪ ଗିରଫ

ପୁରୀ ଅଫିସ,୧।୮

ତାଳବଣିଆ ଥାନା ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ୪ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମଗିରି ଥାନା ପଲଙ୍ଗ ଗ୍ରାମର ଆସିକ୍ ଖାନ, କୃଷ୍ଣପ୍ରସାଦ ଅଞ୍ଚଳର ଶେଖ୍ ଆଜମତ୍, ବ୍ରହ୍ମଗିରି ଭାଗବାଣପୁର ବସ୍ତିର ହୁସେନ ରାଜା ଓ ପଣସପଦାର ନିଲୁ ଭୋଇ। ପୋଲିସ ସେମାନଙ୍କଠାରୁ ୧୭ ବାଇକ୍ ଜବତ କରାଯାଇଛି। ଏ ସମ୍ପର୍କରେ ଶନିବାର ଏସ୍‌ପି ଅଖିଳେଶ୍ୱର ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ୨୧ ତାରିଖରେ ସଦର ଥାନା ଚମରକେରା ଗ୍ରାମର ସୁଦର୍ଶନ ଗୁରୁଙ୍କ ବାଇକ୍ ସିଣ୍ଡିକେଟ ବ୍ୟାଙ୍କ ସମ୍ମୁଖରୁ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୧/୨୦) ରୁଜୁ କରି ତଦନ୍ତ ଚଳାଇ ଆସିକ୍‌ଙ୍କୁ ଧରିଥିଲା। ବାଇକ୍ ଚୋରି ମାନିବା ସହ ସେଗୁଡ଼ିକୁ ଶେଖ୍, ହୁସେନ ଓ ନିଲଙ୍କୁ ବିକି ଥିବା କହିଥିଲେ। ଏହି ତଥ୍ୟକୁ ଆଧାର କରି ପୋଲିସ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ସହଯୋଗ ନ କଲେ ଆହୁରି ବିଳମ୍ବ ହେବ: ପୂର୍ବତଟ ରେଳପଥ

ଭୁବନେଶ୍ୱର,୧।୮(ବ୍ୟୁରୋ)

**ହରିଦାସପୁର-ପାରାଦୀପ ଲାଇନରେ ମାଲବାହୀ ଟ୍ରେନ୍ ଚଳାଚଳକୁ ବିରୋଧ ଘଟଣା**

ବହୁ ପ୍ରତୀକ୍ଷିତ ହରିଦାସପୁର-ପାରାଦୀପ ରେଳପଥ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ତେବେ ଏହି ରୁଟ୍‌ରେ ଗତ ୩୧ ତାରିଖରୁ ଟ୍ରାଏଲ୍ ରନ୍ ଆରମ୍ଭ ହୋଇଥିଲା। ପାସେଞ୍ଜର ଟ୍ରେନ୍ ଚଳାଚଳ ପୂର୍ବରୁ ପ୍ରଥମେ ସୁରକ୍ଷା ଦୃଷ୍ଟିକୋଣରୁ ମାଲବାହୀ ଟ୍ରେନ୍‌ର ପରୀକ୍ଷାମୂଳକ ଚଳାଚଳ କରାଯାଇଥିଲା। ମାତ୍ର ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବି କରି କିଛି ଲୋକ ଏଥିରେ ବାଧ ଦେଇଛନ୍ତି। ଶନିବାର ଏନେଇ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ, ପାସେଞ୍ଜର ଟ୍ରେନ୍ ଚଳାଚଳ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉଚ୍ଚାଭିଳାଷକୁ ପୂର୍ବତଟ ରେଳପଥ ପ୍ରଶଂସା କରୁଛି। ହେଲେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବା ନିମନ୍ତେ ବହୁ ନିରାପତ୍ତା ଭିତ୍ତିକ କାର୍ଯ୍ୟର ଆବଶ୍ୟକତା ରହିଛି। ତେଣୁ ଏବେ ପରୀକ୍ଷାମୂଳକ ଭାବେ ମାଲ୍‌ବାହୀ ଟ୍ରେନ୍ ଚଳାଚଳ ହେଉଛି। ପାସେଞ୍ଜର ଟ୍ରେନ୍ ଚଳାଚଳ କରିବା ନିମନ୍ତେ ଏହା ପ୍ରାଥମିକ ପଦକ୍ଷେପ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ମାଲବାହୀ ଟ୍ରେନ୍‌ର ଟ୍ରାଏଲ୍ ରନ୍‌କୁ ବାଧାପ୍ରାପ୍ତ କଲାଭଳି କାର୍ଯ୍ୟ ଯଦି ପୁଣିଥରେ କରାଯାଏ, ତା'ହେଲେ ଏହି ଲାଇନ୍‌କୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଫିଟ୍ କରାଯିବାର ସମସ୍ତ ପ୍ରଣାଳୀରେ ଆହୁରି ବିଳମ୍ବ ହେବ। ତେଣୁ ସ୍ଥାନୀୟ ଜନସାଧାରଣ ବିରୋଧ କରିବା ପରିବର୍ତ୍ତେ ସହଯୋଗ କରିବାକୁ ପୂର୍ବତଟ ରେଳପଥ ନିବେଦନ କରିଛି।

# ଜୁଲାଇରେ ଭୁବନେଶ୍ୱରରୁ ୭୯୮ ସ୍ଥାନୀୟ ସଂକ୍ରମିତ

ଭୁବନେଶ୍ୱର, ୧।୮ (ବ୍ୟୁରୋ)

**ପୁଣି ୧୨୬ ଚିହ୍ନଟ, ୧୩୩ ସୁସ୍ଥ**

ଜୁଲାଇରେ ଭୁବନେଶ୍ୱରରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୭୯୮ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେବେ ୧୭ ତାରିଖରୁ ଏହି ସଂଖ୍ୟା ବହୁଗୁଣିତ ହୋଇଥିଲା। ୧୬ ତାରିଖ ସୁଦ୍ଧା ସହରରେ ମୋଟ ୨୨୭ଜଣ ସ୍ଥାନୀୟ ସଂକ୍ରମିତ ରହିଥିବାବେଳେ ୧୭ରୁ ୩୧ ମଧ୍ୟରେ ୫୭୧ଜଣ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଶେଷ ୨୪ ଘଣ୍ଟାରେ ଚିହ୍ନଟ ୧୨୬ ଜଣ ନୂଆ ଆକ୍ରାନ୍ତ ମଧ୍ୟରୁ ୪୯ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ୟୁନିଟ-୧ ତାରିଣୀ ବସ୍ତିରୁ ୧୦ଜଣଙ୍କ ମଧ୍ୟରୁ ଜଣେ ୪ ବର୍ଷର ଶିଶୁ ରହିଛନ୍ତି। କ୍ୟାପିଟାଲ ଥାନାର ଆଉ ୮ଜଣ ପୋଲିସ କର୍ମଚାରୀ, ୟୁନିଟ-୯ସ୍ଥିତ ବାୟାବାବା ବସ୍ତିରୁ ପୁଣି ୯ଜଣ, ଖଣ୍ଡଗିରି ତପୋବନ ବସ୍ତିରୁ ୬ଜଣ, ବଡ଼ଗଡ଼ ବ୍ରିକ୍‌କଲୋନୀ ଓ ଡୁମୁଡୁମାରୁ ୪ଜଣ ଲେଖାଏ, ଆଇଗିଣିଆ, ନୂଆପଲ୍ଲୀ ନୂଆସାହି, ବରମୁଣ୍ଡା ଓ ଭରତପୁରରୁ ୩ଜଣ ଲେଖାଏ ଏବଂ ୩ଜଣ ଗଣମାଧ୍ୟମ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଶନିବାର ମୋଟ ୧୩୩ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତ ୨୮୬୧ ଓ ସୁସ୍ଥ ୧୫୬୬ରେ ପହଞ୍ଚିଛି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସଂଶୋଧନ**

ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଆର୍-ଟି-୫୦-୨୦-୨୧ ଏବଂ ଇ-ଆର୍-ଟି-୫୧-୨୦-୨୧ ପାଇଁ । ଟେଣ୍ଡର ସମାପ୍ତି ତାରିଖ ତା୦୬।୦୮।୨୦୨୦ରିଖ, ୧୧.୦୦ ଘଟିକା ବଦଳରେ ତା୧୦।୦୮।୨୦୨୦ରିଖ, ୧୧.୦୦ ଘଟିକା ହେବ। ଠିକାର ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଏବଂ ଟେଣ୍ଡର ସମୟସୂଚୀର ବର୍ଣ୍ଣନା ଅପରିବର୍ତ୍ତିତ ରହିବ।

ଡିଭିଜନାଲ ଇଞ୍ଜିନିୟର (ଲାଇନ୍)
PR/R/ENGG/VR/66 ଏସ୍.ଇ.ସି. ରେଳପଥ, ରାୟପୁର
South East Central Railway @Secrail



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୦/୨୮, ତାରିଖ: ୨୮।୦୭।୨୦୨୦

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ । ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧ | ୦୫୨୦୧୨୯୬ଏ | ପାୱାର ସପ୍ଲାଏ ମଡ୍ୟୁଲ୍ | ୨୧।୦୮।୨୦୨୦ | ୦୬ ଗୋଟି |
| ୨ | ୦୬୨୦୨୪୩୪ | ମାନୁଆଲ ମେଟାଲ୍ ଆର୍କ ୱେଲ୍ଡିଂ | ୨୪।୦୮।୨୦୨୦ | ୧୭୧୨୯୯ ମିଟର |

ଟେଣ୍ଡର ସମାପ୍ତି/ଖୋଲାଯିବା ସମୟ: ୧୦.୩୦ ଘଟିକା

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଏସ୍.ଇ.ସି. ରେଳପଥ, ବିଳାସପୁରଙ୍କ ପାଇଁ
CPR/10/181
South East Central Railway @secrail


# ପ୍ରଶାସନର ମୁଣ୍ଡ ବିନ୍ଧାଉଛି ପେଣ୍ଠକଟା

ପୁରୀ ଅଫିସ,୧।୮

- ପଜିଟିଭ ଚିହ୍ନଟ ପରେ ବି ହସ୍ପିଟାଲ ଯାଉନାହାନ୍ତି
- ଫାଇଦା ପାଇଁ ଭ୍ରାନ୍ତଧାରଣା ସୃଷ୍ଟି କରାଯାଉଛି

ମହାମାରୀ କରୋନା କେତେବେଳେ କାହାକୁ ବି କବଳିତ କରିପାରେ। ତେଣୁ ଏଥିପ୍ରତି ସମସ୍ତେ ସଜାଗ ଏବଂ ସତର୍କ ରହିବା ଦରକାର। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଯାଇ ମିଳିମିଶି କରୋନା ବିରୋଧରେ ଲଢେଇ କରିବାକୁ ଜିଲାବାସୀଙ୍କୁ ଏକାଧିକବାର ପରାମର୍ଶ ଦେଇଛନ୍ତି ଜିଲାପାଳ। କୌଣସି ବ୍ୟକ୍ତିଗତ ସ୍ୱାର୍ଥ ଏବଂ ତିକ୍ତତାକୁ ଭୁଲି ଏହି ସମୟରେ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଛନ୍ତି। ହେଲେ ଏହାର ପ୍ରଭାବ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଉପରେ ପଡିନାହିଁ। ବ୍ୟକ୍ତିଗତ ଫାଇଦା ହାସଲ ପାଇଁ ସେମାନେ ଅନ୍ୟମାନଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଛନ୍ତି। ଫଳସ୍ୱରୂପ ପଜିଟିଭ ଚିହ୍ନଟ ପରେ ବି କିଛି ଲୋକ ହସ୍ପିଟାଲ ଯିବାକୁ ରାଜି ହେଉନାହାନ୍ତି। ଏପରି କି ପୋଲିସ ଏବଂ ପ୍ରଶାସନକୁ ମଧ ବିରୋଧ କରୁଛନ୍ତି। ଏହିଭଳି ଘଟଣା କେଉଁ ଉପାନ୍ତ ଅଞ୍ଚଳ ନୁହେଁ ବରଂ ପୁରୀ ସହର ପେଣ୍ଠକଟା ଅଞ୍ଚଳରେ ଏହା ଦେଖିବାକୁ ମିଳୁଛି। ଥରେ ନୁହେଁ ଏକାଧିକଥର ଏଭଳି ଘଟଣା ଘଟିଲାଣି ପେଣ୍ଠକଟାରେ। କରୋନା ସଂକ୍ରମଣ ପ୍ରତିହତ କ୍ଷେତ୍ରରେ ଏବେ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ସାଜିଛି ପେଣ୍ଠକଟା।

ପୁରୀ ପୌରସଂସ୍ଥାର ୨୬ ନଂ. ୱାର୍ଡ ପେଣ୍ଠକଟା ଅଞ୍ଚଳରେ ଜଣେ ୨୨ ବର୍ଷୀୟ ଯୁବକ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଗୁରୁବାର ସେ ସଂକ୍ରମିତ ବୋଲି ଜଣାପଡ଼ିବା ପରେ ସ୍ୱାସ୍ଥ୍ୟକର୍ମୀ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ଆଣିବା ପାଇଁ ଯାଇଥିଲେ। ମାତ୍ର ସେ ରାଜି ହୋଇ ନ ଥିଲେ। ଦୁଇଦିନ ଧରି ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନାକେଦମ୍ କରିଥିଲେ। ସେ କରୋନାରେ ଆକ୍ରାନ୍ତ ନୁହନ୍ତି, ପ୍ରଶାସନ ମିଛ କହି ତାଙ୍କୁ ନେବାକୁ ବସିଛି । ଏମିତି ଭ୍ରାନ୍ତ ଧାରଣା କେହି ତାଙ୍କ ମନରେ ପୂରାଇ ଦେଇଥିଲା। ଫଳରେ ଏହାକୁ ନେଇ କେବଳ ସେ ନୁହନ୍ତି ତାଙ୍କ ସାହି ପଡ଼ିଶା ମଧ ସ୍ୱାସ୍ଥ୍ୟ କର୍ମୀଙ୍କୁ ବିରୋଧ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ, ଏସ୍‌ପିଙ୍କ ସମେତ ୫ଟି ପିସିଆର ଭ୍ୟାନ୍ ପେଣ୍ଠକଟା ଅଞ୍ଚଳରେ ପହଞ୍ଚିଥିଲା। ସେଠାକାର ଲୋକମାନଙ୍କୁ ବୁଝାଶୁଝା କରାଯାଇଥିଲା। ମାତ୍ର ସ୍ଥାନୀୟ ଲୋକେ ପ୍ରଶାସନକୁ ବିରୋଧ କରିଥିଲେ। ପେଣ୍ଠକଟା ଅଞ୍ଚଳରୁ ଯେଉଁମାନେ ପଜିଟିଭ ଚିହ୍ନଟ ହେଉଛନ୍ତି ତାହା ମିଥ୍ୟା। ପ୍ରଶାସନ କେବଳ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି କହିଥିଲେ। ଏହାପରେ ଦୀର୍ଘସମୟ ବୁଝାଶୁଝା କରାଯିବା ପରେ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ସମ୍ପୃକ୍ତ ଯୁବକଙ୍କୁ କୋଭିଡ୍ ହସ୍ପିଟାଲ ନିଆଯାଇଥିଲା। କେବଳ ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ ଜଣେ ପଜିଟିଭ ମହିଳାଙ୍କୁ ହସ୍ପିଟାଲ ନେବା ପାଇଁ ସ୍ୱାସ୍ଥ୍ୟକର୍ମୀ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରୋଶର ଶିକାର ହେବାକୁ ପଡିଥିଲା। ସେହିପରି ୮ ଜଣ କୋଭିଡ୍ ପଜିଟିଭ ହସ୍ପିଟାଲକୁ ଯାଇ ନ ଥିଲେ । ସେମାନଙ୍କ ପଜିଟିଭ ରିପୋର୍ଟ ଦେଖାଇବାକୁ ଜିଦ୍ ଧରିଥିଲେ। ଫଳରେ ଗୋଟିଏ ଦିନ ସେମାନେ ନିଜ ଘରେ ରହିଥିଲେ। ଏହାପରେ ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ଆଲୋଚନା ପରେ ସେମାନେ କୋଭିଡ୍ ହସ୍ପିଟାଲକୁ ଯାଇଥିଲେ । ପେଣ୍ଠକଟା ଅଞ୍ଚଳରେ ରହୁଥିବା ଅଧିକାଂଶ ମତ୍ସ୍ୟଜୀବୀଙ୍କୁ କିଛି ନେତୃସ୍ଥାନୀୟ ବ୍ୟକ୍ତି ସେମାନଙ୍କ ଫାଇଦା ପାଇଁ ବ୍ୟବହାର କରୁଥିବା ଶୁଣିବାକୁ ମିଳୁଛି। ପ୍ରଶାସନ ବିରୋଧରେ ସେମାନଙ୍କୁ ଆଗକୁ ଠେଲି ସମ୍ପୃକ୍ତ ବ୍ୟକ୍ତିମାନେ ପଛରେ ନିଜ ସ୍ୱାର୍ଥ ପୂରଣ ପାଇଁ ଯୋଜନା କରୁଛନ୍ତି । ତେଣୁ ଏହିଭଳି ଅପ୍ରୀତିକର ପରିସ୍ଥିତି ଉପୁଜୁଛି ବୋଲି କୁହାଯାଉଛି।

"ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ଦିବ୍ୟଗୁଣ ଓ କିଛି ସ୍ୱକୀୟ ବିଶେଷତ୍ୱ ରହିଛି। ଯେତେ କ୍ଷୁଦ୍ର ପରିସର ଭିତରେ ଜଣେ ରହିଥାଉ ନା କାହିଁକି, ପୂର୍ଣ୍ଣତା ଓ ସାମଥର୍ଯ୍ୟ ହାସଲ ଲାଗି ତା'ପାଇଁ ମଧ୍ୟ ଏକ ଭଗବତ ସୁଯୋଗ ରହିଛି। ... କର୍ତ୍ତବ୍ୟ ହେଲା– ତାକୁ ଠାବ କରିବା, ବିକଶିତ କରିବା ଓ ପ୍ରୟୋଗ କରିବା। -ଶ୍ରୀମା



# ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ

ଆକାର ପଟେଲ

ମୁଖ୍ୟଧାରାର ଗଣମାଧ୍ୟମ ସାଧାରଣତଃ ସୁପ୍ରତିଷ୍ଠିତ ସମ୍ବାଦସଂସ୍ଥା ମୁଖ୍ୟତଃ ଖବରକାଗଜକୁ ହିଁ ବୁଝାଇଥାଏ। କେତେକାଂଶରେ ଏହା ଟେଲିଭିଜନକୁ ବି ବୁଝାଏ। କିଛି ୱେବ୍‌ସାଇଟ କିମ୍ବା ଆପ୍ସ ଗଣମାଧ୍ୟମର ନୂଆ ଉତ୍ସ ଭାବେ ଉଭା ହୋଇଥିଲେ ବି ଏହାର ଖବରକାଗଜ ଭଳି କୌଣସି ରୂପ ନାହିଁ କିମ୍ବା ଛାପା ଉତ୍ପାଦ(ପ୍ରଡକ୍ଟ) ନାହିଁ। ଏହା ଦୃଢ ସ୍ଥିତିରେ ରହିଥିଲେ ବି ଏହାକୁ ମୁଖ୍ୟଧାରାର ଗଣମାଧ୍ୟମ ଭାବେ ବିବେଚନା କରାଯାଉନାହିଁ। ପ୍ରାୟ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଭାରତରେ ୱାୟର ଏବଂ ସ୍କ୍ରୋଲ୍ ଭଳି ୱେବସାଇଟ୍ ରହି ଆସିଛି ଓ ଏହାର ବହୁ ପାଠକ ମଧ୍ୟ ରହିଛନ୍ତି। ତେବେ ମୁଖ୍ୟଧାରାର ଗଣମାଧ୍ୟମର ଯେଭଳି ରିପୋର୍ଟିଂ ଉତ୍ସ ରହିଛି ଏହି ନୂଆ ୱେବ୍‌ସାଇଟ୍‌ଗୁଡିକର ସେମିତି ନାହିଁ। ଅତିକମ୍‌ରେ ସେମାନେ ବନ୍ଦ ହୋଇଯାଉଥିବା ମୁଖ୍ୟଧାରାର ଗଣମାଧ୍ୟମର ସ୍ଥାନ ଏଯାବତ ପୂରଣ କରି ପାରୁନାହାନ୍ତି। ଭାରତରେ ଗଣମାଧ୍ୟମକୁ ମୁଖ୍ୟତଃ ବିଜ୍ଞାପନ ହିଁ ପାଣ୍ଠି ଯୋଗାଇଥାଏ। ପାଠକ କିମ୍ବା ଦର୍ଶକ ଗ୍ରାହକ ହିସାବରେ ଖୁବ୍ କମ୍ ଦେଇଥାନ୍ତି ଏବଂ ଆମ ଖବରକାଗଜ ବିଶ୍ୱରେ ସବୁଠୁ ଶସ୍ତା। କିନ୍ତୁ ବିଜ୍ଞାପନ ପାଇବାରେ ଛାପା ଗଣମାଧ୍ୟମ ଅଂଶ କମିବାରେ ଲାଗିଛି। ୨୦୧୯ରେ ପ୍ରଥମ କରି ଡିଜିଟାଲ ଗଣମାଧ୍ୟମ ଛାପା ଗଣମାଧ୍ୟମକୁ ଏ କ୍ଷେତ୍ରରେ ବହୁତ ଟପିଯାଇଥିଲା । ବିଜ୍ଞାପନ ବାବଦରେ ଭାରତରେ ଯେତେ ଟଙ୍କା ଖର୍ଚ୍ଚ କରାଯାଇଥିଲା ତା'ର ୨୭ ପ୍ରତିଶତ ଡିଜିଟାଲ ପାଇଥିଲାବେଳେ ଛାପା ଗଣମାଧ୍ୟମ ପାଇଥିଲା ୨୨ ପ୍ରତିଶତ। ଟେଲିଭିଜନ ୪୩ ପ୍ରତିଶତ ପାଇ ଏକ ନମ୍ବରରେ ରହିଥିଲା । କିନ୍ତୁ ୨୦୨୦ରେ ଉଭୟ ଟେଲିଭିଜନର ଓ ଛାପା ଗଣମାଧ୍ୟମର ଅଂଶ ପୁଣି ହ୍ରାସ ପାଇବା ସହ ତାହା ଡିଜିଟାଲକୁ ଚାଲିଯିବ ବୋଲି ଅନୁମାନ କରାଯାଉଛି। ଏହି ପ୍ରକ୍ରିୟାକୁ କୋଭିଡ୍ ସଙ୍କଟ ହିଁ ଆହୁରି ଶୀଘ୍ର କରିଦେଇଛି।

'ଡିଜିଟାଲ' କହିଲେ ମୁଖ୍ୟତଃ ଗୁଗଲ ଓ ଫେସ୍‌ବୁକ କମ୍ପାନୀକୁ ବୁଝାଏ ବୋଲି ଆମେ ଜାଣିବା ଦରକାର । ଏମାନେ ଏବେ ଟାଇମ୍ସ ଅଫ୍ ଇଣ୍ଡିଆ ବା ହିନ୍ଦୁସ୍ଥାନ ଟାଇମ୍ସ କିମ୍ବା ଅନ୍ୟ ବୃହତ୍ ଖବରକାଗଜ ସଂସ୍ଥାଠାରୁ ବିଜ୍ଞାପନ ବାବଦରେ ଅଧିକ ଅର୍ଥ ନେଉଛନ୍ତି। ଜଣାପଡୁଛି ଏହି ପ୍ରକ୍ରିୟା ଲାଗି ରହିବ ଏବଂ ଏହାଦ୍ୱାରା ଖବରକାଗଜଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହୋଇଯିବେ। ଏହା ହେଉଛି ଗୋଟିଏ ଟ୍ରେଣ୍ଡ୍ ବା ଧାରା। ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି ଓ ଆମ ସାମ୍ନାରେ ହିଁ ଘଟିଚାଲିଛି।

ଦ୍ୱିତୀୟ ଧାରାଟି ଆମ ସାମ୍ନାକୁ ଆସିଛି। ତାହା ହେଉଛି, ଗଣମାଧ୍ୟମ ମେଜରିଟାରିଆନ ବା ସଂଖ୍ୟବହୁଳ ହିନ୍ଦୁତ୍ୱ ଧାରାକୁ ଅଗ୍ରାଧିକାର ଦେବା ପନ୍ଥା ଆପଣାଇଛି। ଗୋଟିଏ ବର୍ଗ ବିଶେଷ ସୁବିଧା ପାଇବା ଓ ସେମାନଙ୍କୁ ପ୍ରାଧାନ୍ୟ ଦିଆଯିବା ଚିନ୍ତାଧାରା ଉପରେ ଏହି ହିନ୍ଦୁତ୍ୱ ବା ମେଜରିଟାରିଆନିଜମ ପର୍ଯ୍ୟବସିତ। ଅନ୍ୟପକ୍ଷରେ ଅନ୍ୟମାନେ ଏହାଦ୍ୱାରା ନିଶ୍ଚିତ ପୀଡିତ ହେବେ ଏବଂ ସେମାନଙ୍କୁ ଏହା ସହିବାକୁ ହିଁ ପଡିବ। ତେବେ ରାଜନୈତିକ ପରିବର୍ତ୍ତନ ସହ ତାଳଦେଇ ଏହା ଘଟିଚାଲିଛି ଏବଂ ଭାରତର ଲମ୍ବା ଇତିହାସରେ ରହିଆସିଛି। ଆପଣ ଏକମତ ହୁଅନ୍ତୁ କି ନା, କଂଗ୍ରେସ ଅମଳରେ ଏଭଳି ଧାରା ଓ ଚିନ୍ତାଧାରା ସମାବିଷ୍ଟ ଥିଲା। କିନ୍ତୁ ଏହା ଭାରତୀୟମାନଙ୍କୁ ସେମାନଙ୍କ ଜନ୍ମଗତ ପୃଷ୍ଠଭୂମିକୁ ଆଧାରକରି ଭାଗ ଭାଗ କରିବାକୁ ଚେଷ୍ଟା କରୁ ନ ଥିଲା। କିନ୍ତୁ ଭାଜପାରେ ନିଶ୍ଚିତ ଭାବେ ଏହା ରହିଛି , କାରଣ ବିଭାଜନକୁ ଭିତ୍ତିକରି ଆଗକୁ ଯିବାରେ ଏହି ଦଳ ସଫଳ ହୋଇପାରିଲା। ଖୋଲାଖୋଲି ଭାବେ ଏହା ଧର୍ମାନ୍ଧତାକୁ ଆପଣେଇବାକୁ ଚାହୁଁଛି। ଏହି ଦୃଷ୍ଟିକୋଣ ଆଜି ଗଣମାଧ୍ୟମରେ ବି ପ୍ରମୁଖ ଧାରା ପାଲଟିଛି। ସାରା ପୃଥିବୀକୁ ଭୂତାଣୁ ସଂକ୍ରମିତ କରିବାରେ ଗୋଟିଏ ସମ୍ପ୍ରଦାୟକୁ ଦାୟୀ କରିବା ତା 'ପାଇଁ ଗ୍ରହଣୀୟ ହୋଇଛି। ଭୂତାଣୁ ସଂକ୍ରମଣର ବିପଦ ଥିବା କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କଠାରୁ ଏହା ବି ଦୃଷ୍ଟି ହଟେଇ ନେଇଛି । ଏହାଦ୍ୱାରା ସରକାରଙ୍କ ପ୍ରକୃତ କାର୍ଯ୍ୟର ଅପାରଗତାକୁ ଏବେ ଗଣମାଧ୍ୟମ ଅଣଦେଖା କରିବ। ଶତ୍ରୁ ଆମ ଜମି ମାଡିବସିଲା ଓ ଏହା ବିରୋଧରେ ଲଢେଇ କରି ୧୯୬୨ ଯୁଦ୍ଧରେ ୩,୦୦୦ ସୈନ୍ୟ ଶହୀଦ ହେଲେ । କିନ୍ତୁ ଆମେ ୫ଟି ଯୁଦ୍ଧ ବିମାନ ଅବତରଣ କରିବାରେ ଖୁସି ହେଉଛୁ। ଲୁଣ୍ଠନକାରୀକୁ ତଡିଦେବା ପାଇଁ ତାହା ଏବେ ବ୍ୟବହାର ହେବାକୁ ଯାଉଛି କି? ନା,କଥା ହେଉଛି ତାହା କେବଳ ଏଠାରେ ପହଞ୍ଚିଛି।

ଶନିବାର ଖବର ପ୍ରକାଶ ପାଇଥିଲା ଯେ, ଜୁଲାଇ ୨୦୧୯ ଅପେକ୍ଷା ଜୁଲାଇ ୨୦୨୦ରେ ଏମ୍‌ଏନ୍‌ଆରଇଜିଏ କାମର ଚାହିଦା ୭୦ ପ୍ରତିଶତ ଅଧିକ ଥିଲା। ୩ କୋଟିରୁ ଊର୍ଦ୍ଧ୍ୱ ପରିବାର ଏହା ପାଇଁ କହିଥିଲେ, ଅର୍ଥାତ୍ ଅତି କମ୍‌ରେ ୧୫ କୋଟି ଭାରତୀୟ ଏହା ଉପରେ ନିର୍ଭରଶୀଳ। ଆଉ ଏକ ଖବର ଥିଲା ଯେ, ସରକାର ଖିଲାପ ହୋଇଥିବା ଋଣ ଉପରେ ମୋରାଟୋରିୟମ ଅବଧି ବଢ଼ାଇବାକୁ ବିଚାର କରୁଛନ୍ତି। କମ୍ପାନୀଗୁଡିକୁ ସେମାନଙ୍କ ମିଆଦି ଋଣ ଉପରେ ଇଏମ୍‌ଆଇ ଛାଡିବାକୁ ଅନୁମତି ଦିଆଯାଇଛି ଏବଂ ଘର ଓ ଗାଡି ଋଣ ନେଇଥିବା ଲୋକମାନଙ୍କୁ ଏବେ ଇଏମ୍‌ଆଇ ନ ଦେଇ ପରେ ଅଧିକ ସୁଧ ସହ ଦେବାକୁ ଏହି ସୁବିଧା ମଧ୍ୟ ଦିଆଯାଇଛି। ଅର୍ଥମନ୍ତ୍ରୀ କହିଲେ ଯେ, ଲକ୍‌ଡାଉନର ୪ ମାସ ପରେ ବି ଏବେ ସୁଦ୍ଧା ନିୟମିତ ଦେୟ ଦେବାକୁ ଅକ୍ଷମ କେତେକ ସେକ୍ଟରରୁ ଦାବି ହେବା ପରେ ଏହି ସୁବିଧାକୁ ବଢାଯାଇପାରେ। ଭାରତରେ ଅଟୋମୋବାଇଲ ଏବଂ ଟୁ-ହୁଇଲ୍‌ର ବିକ୍ରି ଗତ ୧୯ ମାସ ହେବ କମି କମି ଚାଲିଛି। ୨୦୧୪ରେ ମୋଦି କ୍ଷମତାକୁ ଆସିବା ପରଠାରୁ ବ୍ୟବସାୟିକ ଯାନର ବିକ୍ରି ମଧ୍ୟ ବୃଦ୍ଧି ହୋଇନାହିଁ। ଅର୍ଥାତ ଶିଳ୍ପ ବିକାଶ ପୂରା ବାଧାପ୍ରାପ୍ତ ହୋଇଛି। କିନ୍ତୁ ଗଣମାଧ୍ୟମ ଜଣେ ଯୁବକଙ୍କ ଆତ୍ମହତ୍ୟା ଉପରେ ଧ୍ୟାନ ଦେଇଛି। ଏପରିକି ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର କାର୍ଯ୍ୟରେ ହସ୍ତକ୍ଷେପ କରିବା ଏକ ସମସ୍ୟା କି ପ୍ରସଙ୍ଗ ହୋଇନି। ଏହା ପଛରେ ବି ଏକ କାହାଣୀ ରହିଛି। ତାହା ହେଲା ଗୋଟିଏ ସମ୍ପ୍ରଦାୟର ଲୋକ ମନୋରଞ୍ଜନ ଶିଳ୍ପକୁ ଅକ୍ତିଆର କରିନେଇଛନ୍ତି। ଏକ ଦଶନ୍ଧି ପୂର୍ବରୁ ଯଦିଓ ଏହି ମାନସିକତାକୁ ଅଧିକାଂଶ ଗଣମାଧ୍ୟମ ଉପଲବ୍ଧି କରିଥିଲେ ତାହା ପ୍ରକାଶ ପାଇପାରି ନ ଥିଲା। ସମ୍ବିଧାନ ପ୍ରତି ଆମ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଥିଲା ଓ ଏଥିରେ ପ୍ରକାଶିତ ନୀତିନିୟମ ତଥା ବିବିଧତା ମଧ୍ୟରେ ଧର୍ମନିରପେକ୍ଷତା ମନ୍ତ୍ରକୁ ମାନିବାର ଏକ ସଂସ୍କୃତି ଥିଲା। ତାହା ଏବେ ରାଜନୀତିରେ ଶେଷ ହୋଇଯାଇଛି ଏବଂ ଏହା ଗଣମାଧ୍ୟମରେ ବି ଶେଷ ହୋଇଯାଇଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | 4 | | 6 | A | | | | | D | | B | | 5 |
| | 6 | | 1 | 4 | 2 | | | | | | 8 | | | |
| | | B | | 8 | | D | 6 | | | | | | A | |
| | 3 | | | | E | 8 | B | 1 | | | | 4 | | |
| D | | 8 | 9 | | | 0 | | | | 2 | | | | |
| | C | E | | A | | 9 | | 0 | 4 | | 3 | | | |
| | | 3 | 7 | | | | A | | | | | | | |
| | | 9 | 2 | | | | 7 | | | 0 | B | 8 | | |
| 4 | | | | E | | 6 | | | | 5 | | | | 1 |
| | | | | D | B | | 5 | | 2 | | C | 3 | | 4 |
| 7 | 2 | | | | | | 1 | | | | | 5 | | |
| | | C | 4 | | 7 | | | | E | | 1 | | | |
| | | | | | 3 | | | 8 | | C | D | | | |
| | B | | | 1 | 8 | 5 | | C | 3 | | | | | |
| 6 | | | | | 5 | | E | A | | | | | 1 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | E | 0 | 6 | 5 | 8 | C | 7 | B | 1 | 4 | 9 | D | 2 | A |
| 6 | 8 | 4 | 2 | 7 | 1 | 0 | A | 5 | D | 3 | C | B | 9 | E |
| A | 7 | 9 | C | D | 3 | 6 | 2 | E | 0 | 8 | B | 5 | 1 | 4 |
| D | C | 1 | A | B | 9 | 3 | 8 | 4 | E | 2 | 5 | 0 | 7 | 6 |
| B | 2 | 5 | 4 | E | 0 | D | 9 | 1 | 6 | 7 | A | C | 3 | 8 |
| 5 | 0 | E | 7 | 9 | C | B | 3 | A | 8 | 1 | 6 | 4 | D | 2 |
| 2 | 6 | B | D | 8 | A | 1 | 0 | 9 | 5 | C | 4 | 3 | E | 7 |
| 1 | 3 | C | E | 0 | 2 | 5 | 4 | D | A | 9 | 7 | 6 | 8 | B |
| 4 | D | 8 | 1 | 3 | 5 | 2 | 6 | 7 | B | E | 0 | 9 | A | C |
| 9 | A | 7 | B | 6 | 4 | 8 | E | C | 3 | D | 2 | 1 | 0 | 5 |
| 7 | 4 | 2 | 5 | A | B | 9 | D | 8 | C | 0 | 3 | E | 6 | 1 |
| C | 5 | A | 8 | 2 | E | 4 | 1 | 3 | 9 | 6 | D | 7 | B | 0 |
| 0 | B | 6 | 3 | 4 | D | E | C | 2 | 7 | A | 1 | 8 | 5 | 9 |
| 8 | 9 | 3 | 0 | 1 | 7 | A | 5 | 6 | 4 | B | E | 2 | C | D |
| E | 1 | D | 9 | C | 6 | 7 | B | 0 | 2 | 5 | 8 | A | 4 | 3 |

ଗତକାଲିର ଉତ୍ତର

# ମାତୃଭାଷାର ଭିନ୍ନ ରୂପ

ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

"ଗତ କେଇଦିନ ଧରି ଓଡ଼ିଶାରେ କରୋନା ସେଞ୍ଚୁରି ମାରି ଚାଲିଛି। ଅଗଷ୍ଟ ପନ୍ଦର ବେଳକୁ କରୋନା ପାଇଁ ଯଦି ଟିକା ବାହାରିଯାଏ ତେବେ ତାହା କରୋନା ନିୟନ୍ତ୍ରଣର ଏକ ଟର୍ନିଂ ପଏଣ୍ଟ ହେବ। କାଳିଆ ଯୋଜନାରେ ଯେଉଁ କେତେଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ଏକ ସେସ୍ ଟଙ୍କା ଦିଆଯାଇଛି ତାକୁ ରିଫଣ୍ଡ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ସ୍ୱିଡେନ୍‌ର ଏକ ସମ୍ମାନଜନକ ପଦବୀରେ ନିଯୁକ୍ତ ହୋଇଥିବା ପି.କେ. ମହାନନ୍ଦିଆ ଅରିଜିନାଲି ଆମ ଓଡ଼ିଶା ଷ୍ଟେଟ୍‌କୁ ବିଲଙ୍ଗ୍ କରନ୍ତି। ପଶ୍ଚିମବଙ୍ଗ ପ୍ରଶାସନରେ ସେଣ୍ଟର ଷ୍ଟେଟ୍ ରିଲେଶନ୍ ଗୁରୁତର ବିଭ୍ରାଟର ସମ୍ମୁଖୀନ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନେ ଭେଜିଟେବଲ ଓ ଗ୍ରସେରି କିଣିଲା ବେଳେ ସୋସିଆଲ୍ ଡିଷ୍ଟାନ୍ସର ଧଜ୍ଜିଆ ଉଡ଼ାଉଛନ୍ତି। ସୁଶାନ୍ତ ସିଂ ରାଜପୁତଙ୍କ ଅନ୍‌ନ୍ୟାଚୁରାଲ ଡେଥ୍‌କୁ ନେଇ ତାଙ୍କ ଫ୍ୟାନ୍‌ମାନେ ଏବେ ଡିପ୍ରେସନରେ।"

ସଦ୍ୟ ସଂଘଟିତ କେତୋଟି ପ୍ରମୁଖ ଖବରକୁ ଉପରୋକ୍ତ ମତେ ପ୍ରସାରଣ କରିଥିଲା ଓଡ଼ିଶାର ଏକ ପ୍ରମୁଖ ଘରୋଇ ଚ୍ୟାନେଲ୍। ଦିନେ ଅଧେ କରିଥିଲା କହିଲେ ଭଲ ହେବ। ବରଂ ଏହାର ଖବର ପ୍ରସାରଣ କରୁଥିବା ଅଧିକାରୀମାନଙ୍କର ଭାଷା ସବୁବେଳେ ପ୍ରାୟତଃ ଏହିପରି। ଓଡ଼ିଶା ଭିତରେ ଓଡ଼ିଆ ଭାଷାର ଏ ପ୍ରକାର ଅଭିନବ ଶ୍ରାବ୍ୟ ସ୍ୱରୂପ କାହା କାନକୁ କେମିତି ଶୁଭେ କେଜାଣି, ଓଡ଼ିଶାରେ ଜନ୍ମ ହୋଇ, ଓଡ଼ିଶାର ପାଣିପବନ ଓ ପଖାଳର ବିଶୁଦ୍ଧ ବାସନାରେ ନିଜ ଶୈଶବକୁ ସମୃଦ୍ଧ କରିଥିବା ଯେ କୌଣସି ଓଡ଼ିଆକୁ ଫେନ୍ସି ଡ୍ରେସ୍ ପରିହିତ ଲୋକଙ୍କୁ ଦେଖିବା ଭଳି ଅନୁଭବ ହୋଇଥିବ।

ପରସ୍ପର ମଧ୍ୟରେ ନିଜ ମାତୃଭାଷାରେ କଥାବାର୍ତ୍ତା ହେଲା ବେଳେ ଓଡ଼ିଆ ଭିତରକୁ ଇଂଲିଶ ପଶି ଆସିବା ଏମିତି କିଛି ବିଚିତ୍ର କଥା ନୁହେଁ। ମାତ୍ର ଏକ ଗଣମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କ ସାମ୍ନାରେ ଏମିତି ଇଂଲିଶ ମିଶା ଓଡ଼ିଆ କହିବାର ଏ ଧାରା ଏହିମାତ୍ର ଆରମ୍ଭ ହୋଇନାହିଁ। ନିଜ ପାଇଁ ଏକ ଅତ୍ୟାଧୁନିକ ପରିଚୟ ଗୋଟାଇବା ଲାଗି ଭାଷା ଭିତରେ ଏହି ଅପମିଶ୍ରଣ ପ୍ରକ୍ରିୟା ବହୁଦିନ ହେଲା ଆଧୁନିକ ବୋଲାଉଥିବା କିଛି ଗଣମାଧ୍ୟମ ଅଧିକାରୀଙ୍କ ମଧ୍ୟରେ ଲାଳିତ ହୋଇ ଆସୁଛି। କେଇ ବର୍ଷ ତଳେ ଓଡ଼ିଶାର ପାଠକମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିବା ଏକ ବହୁଳ ପ୍ରସାରିତ ସାପ୍ତାହିକୀ ପତ୍ରିକାରେ କ୍ରିକେଟିୟର ସଚିନ ତେନ୍ଦୁଲକରଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ମୁଖ୍ୟ ପ୍ରସଙ୍ଗରେ ଯାହା ପ୍ରକାଶ ପାଇଥିଲା, ତାହା ଏବେ ଟିଭିରେ ଶୁଣୁଥିବା ବର୍ଣ୍ଣଶଙ୍କର ଓଡ଼ିଆଠୁ କିଛି କମ୍ ନ ଥିଲା। ଟିଭିରେ ପ୍ରସାରିତ ଆମ ଭାଷାର ଶ୍ରାବ୍ୟ ରୂପ ଭଳି ପତ୍ରିକାରେ ପ୍ରକାଶିତ ପାଠ୍ୟରୂପ ମଧ୍ୟ ଥିଲା ଅତ୍ୟନ୍ତ ଅଭିନବ।

"ରିୟଲି ଏକ ପ୍ରେଟିଲଙ୍ଗ୍ ଜର୍ନି.... । ଏହା ତାଙ୍କ ପାଇଁ ଥିଲା ଏକ ମିଜରେବଲ୍ ଡେ। କ୍ରିକେଟ୍ ପ୍ରତି ସଚିନଙ୍କ କମିଟମେଣ୍ଟ ଓ ଇନ୍‌ଭଲ୍‌ଭମେଣ୍ଟ ଯାହା, ତାହା ଇମାଜିନ୍ କରିହେବ ନାହିଁ। ଦେଶର ପ୍ରାଇଡ୍ ଓ ପ୍ରେଷ୍ଟିଜ୍‌କୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଛନ୍ତି ସଚିନ। ଏହାକୁ ନାଇସ୍‌ଲି ନିଜ ବ୍ଲେଜରର ଇନ୍‌ସାଇଡ୍ ପକେଟ୍‌ରେ ସେ ରଖିଥିଲେ। ତାଙ୍କୁ ଡିଫରେଣ୍ଟଲି ଟ୍ରିଟ୍ ନ କରିବା ପାଇଁ ସେ ୟଙ୍ଗଷ୍ଟରମାନଙ୍କୁ ସବୁବେଳେ ପରାମର୍ଶ ଦେଉଥିଲେ। ତାଙ୍କୁ ଇଣ୍ଡିଆର ବିଜୟ ବ୍ୟତୀତ ଅନ୍ୟ କିଛି ଥ୍ରିଲ୍ କରେ ନାହିଁ। ପ୍ରତି ସିକ୍‌ସର ପରେ ସେ ଆକାଶକୁ ଚାହିଁ ସେଇ ଅନ୍‌ସିନ୍ ଈଶ୍ୱରଙ୍କୁ ନିଜର ଗ୍ରାଟିଚ୍ୟୁଡ୍ ଜଣାଉଥିଲେ...।"

ଉପର ବର୍ଣ୍ଣିତ ଟିଭି ଚ୍ୟାନେଲ୍‌ରୁ ଯେଉଁ ଭାଷାରେ ଖବର ପ୍ରସାରିତ ହେଲା ବା କଥିତ ସାପ୍ତାହିକ ପତ୍ରିକାରେ ଯେଉଁ ଭାଷାରେ ସେତେବେଳେ ସଚିନଙ୍କ ସମ୍ପର୍କରେ ପଢ଼ିବାକୁ ମିଳିଥିଲା, ସେଇ ଭାଷାକୁ କ'ଣ ଓଡ଼ିଆ କହିପାରିବା? ଲାୟନ ଓ ଟାଇଗର ମିଶି 'ଟାଇଗ୍ରେନ୍' ବା 'ଲାଇଗର୍' ହେଲା ପରି ଇଂଲିଶ ମିଶା ଓଡ଼ିଆର ସେମିତି "ନାମଟିଏ ରହିବା ଦରକାର, ଯେମିତି କି 'ଆଙ୍ଗ୍ଲୋଡିଆ' ଅବା 'ଓଡିଲିଶ୍'। ଏ ପ୍ରକାର ଆଙ୍ଗ୍ଲୋଡିଆ ବା ଓଡିଲିଶ୍ ଶୁଣି କି ପଢ଼ି ଯଦି ଶ୍ରୋତା ବା ପାଠକମାନଙ୍କୁ କିଛି ଅଡୁଆ ନ ଲାଗିଲା, ତା' ହେଲେ ବୁଝିବାକୁ ହେବ ଯେ ଆଧୁନିକତାର ଆହ୍ୱାନ ମଧ୍ୟରେ ମାନବ ସଭ୍ୟତାର ଅନ୍ୟ ବହୁ ଚିଜ୍ ପରି ଭାଷା ମଧ୍ୟ ବିବର୍ତ୍ତନ ପଥରେ ଯାଇ ଆଗକୁ ଗତି କରୁଛି। ଭାଷାର ବିବର୍ତ୍ତନ କଳେବରକୁ ବ୍ୟବହାର କରି ସଭ୍ୟ, ସମ୍ଭ୍ରାନ୍ତ ଓ ଆଧୁନିକ ବୋଲାଉଛି ଏ ବେକାର ମଣିଷ। ବାପା ଅଜା ଅମଳରୁ ବ୍ୟବହୃତ ହୋଇ ଆସିଥିବା ମାତୃଭାଷାର ଅନ୍ୟ ନାମ ଯଦି ମାଆର ଭାଷା, ତେବେ ଆଗଯୁଗର କୋଣପଶା, ଓଢ଼ଣାଦିଆ ମାଆଙ୍କ ପରି ନୁହେଁ ତ ଏବେକାର ଆଧୁନିକ ମାଆମାନେ। ସୁତରାଂ, ମାତାଙ୍କ ପରି ମାତୃଭାଷାର ଆଧୁନିକ କଳେବର ହେଲେ କ୍ଷତି କ'ଣ!!"

ହଁ, ବେଶ୍ ପ୍ରାଚୀନ ହୋଇଗଲାଣି ଆମ ମାତୃଭାଷା ଓଡ଼ିଆ। ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ପରିଚିତି ଲାଭ କରିବାର ଯଥେଷ୍ଟ ପୂର୍ବରୁ ଏ ଭାଷାର ଜନ୍ମ। 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' – ବଙ୍ଗାଳୀ ବଡ଼ପଣ୍ଡାଙ୍କ ଏ ଔଦ୍ଧତ୍ୟପୂର୍ଣ୍ଣ ଉଚ୍ଚାରଣକୁ ସମୁଚିତ ଜବାବ ଦେଇ ଓଡ଼ିଶା ଭାଷାକୁ ପ୍ରତିଷ୍ଠିତ କରିବା ପାଇଁ ଯେଉଁ କତିପୟ ଓଡ଼ିଆ ସଂଗ୍ରାମ କରିଥିଲେ, ସେଇ ସଂଗ୍ରାମ ଓ ସାଧନାର କାହାଣୀ କେବେଠୁଁ ପୁରୁଣା ହୋଇଗଲାଣି। ପୁଣି ବଙ୍ଗଳା ଭାଷାକୁ ପଛରେ ପକାଇ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ଭଳି ଗୌରବ ଅର୍ଜନ କରି ସାରିଲାଣି କେଇ ବର୍ଷ ତଳୁ। ସୁତରାଂ ନବ୍ୟ ଆଧୁନିକତାର ଭବ୍ୟ ଆହ୍ୱାନ ମଧ୍ୟରେ ଭାଷାର ମୌଳିକ ଆବରଣ ମଧ୍ୟରୁ ମୁକୁଳି ଆସି ଇଂଲିଶ କିମ୍ବା ହିନ୍ଦୀର ପୋଷାକ ପିନ୍ଧି ଭିନ୍ନ ଚେହେରାରେ ପରିଚିତ ହେବାର ପ୍ରବଣତା ପ୍ରକାଶ ପାଉଛି ଆମ ଭାଷା ଓ ସଂସ୍କୃତିର ଉତ୍ତରଦାୟାଦ ଭାବେ ପରିଚିତ ଯୁବବର୍ଗଙ୍କ ପାଖରେ। ସେଥିପାଇଁ ତ 'ଶତକ ଭଳି ବିକଳ୍ପଟିଏ ମହଜୁଦ ଥାଇ ବି ସେମାନେ 'ସେଞ୍ଚୁରି' କରୁଛନ୍ତି ତ 'ଫେରାଇବା ବଦଳରେ 'ରିଫଣ୍ଡ' କହି ଆମ ମାତୃଭାଷାର 'ଧଜ୍ଜିଆ' ଉଡ଼ାଉଛନ୍ତି!

ପ୍ରତ୍ୟେକ ମଣିଷର ମାଆଟିଏ ଥାଏ, ମାତୃଭାଷାଟିଏ ବି ଥାଏ। ଜଣଙ୍କ ଗର୍ଭରୁ ଜନ୍ମ ନେଇ ସେ ସଂସାରକୁ ଆସେ, ଅନ୍ୟଟିକୁ କଣ୍ଠସ୍ଥ କରି ସେ ନିଜର ଏକ ପରିଚୟ ସୃଷ୍ଟିକରେ। ଉଭୟ ମାତା ଓ ମାତୃଭାଷା ଯେମିତି ଯେଉଁ ରୂପରେ ଥାଆନ୍ତୁ ନା କାହିଁକି, ସେମାନଙ୍କୁ ନେଇ ସ୍ୱର୍ଦ୍ଧିତ ସନ୍ତାନଟିଏ ଗର୍ବ ଓ ଗୌରବ ବୋଧକରେ। ଏ ଦୁଇଟି ଆଦିଶକ୍ତିର ଆଶୀର୍ବାଦ ଲାଭ କରି ସେ ଚଢ଼ିଚାଲେ ସକଳ ଉତ୍ତରଣର ପାହାଚ ପରେ ପାହାଚ। ଅଥଚ ସମୟର ଦୁର୍ଭାଗ୍ୟ, ଆଧୁନିକତାର ମିଥ୍ୟା ମୋହରେ ପଡ଼ି ଏଇ ସନ୍ତାନମାନଙ୍କ ମଧ୍ୟରୁ କେତେକ ନିଜକୁ ଭିନ୍ନ ଭାବେ ଉପସ୍ଥାପିତ କରିବାକୁ ଯାଇ ଆପଣା ସଂସ୍କାରକୁ ବିସ୍ମରି ଯାଆନ୍ତି। ନିଜ ମାଆ ଓ ମାତୃଭାଷା ଉଭୟଙ୍କ ଦେହରୁ ପରିଚୟର ପୁରୁଣା ପୋଷାକ ଓହ୍ଲାଇ ଦେଇ ପଶ୍ଚିମା ପୋଷାକରେ ସଜାଇ ଦିଅନ୍ତି। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। ମାଆ ଓ ମାତୃଭାଷା ଉଭୟ ନିଜ ନିଜର ମୌଳିକତା ହଜାଇ ବିକୃତ ଓ ବିକଳାଙ୍ଗ ଦିଶନ୍ତି। ଓଡ଼ିଆ ବାପାମା' ଡାଡି ମମି ହୋଇଯାନ୍ତି, ଓଡ଼ିଶାର ବାଡ଼ି ବାଇଗଣ ଭେଜିଟେବୁଲ ହୋଇଯାଏ ଓ ଡାଲି ଚାଉଳ ଆଦି ନିତ୍ୟ ବ୍ୟବହାର୍ଯ୍ୟ ତେଜରାତି ସଉଦା ହୋଇଯାନ୍ତି ଗ୍ରସେରି ଆଇଟମ୍ !

ଭାଷା ଏକ ପ୍ରବହମାନ ସ୍ରୋତ ପରି। କଥନ ଓ ଲିଖନର ସୁଅ ମୁହଁରେ ସବୁ ଭାଷା ଗଢ଼ିଚାଲନ୍ତି ଆଗକୁ ଆଗକୁ। ପ୍ରତ୍ୟେକ ଭାଷାର ଆରମ୍ଭ ଅଛି, ଅନ୍ତ ବି ଅଛି। ମାନବ ସଭ୍ୟତାର ବିକାଶ ହେବା ଦିନଠୁଁ କେତେ ଭାଷା ଅତୀତର ଅନ୍ଧାରି ଗର୍ଭରେ ବିଲୟ ଲଭିଲେଣି ତ ଅନ୍ୟ କେତେକ ଭବିଷ୍ୟତରେ ହଜିଯିବେ ବୋଲି ଭବିଷ୍ୟବାଣୀ ହେଲାଣି। ଭାଷାର ଦୁଇଟି ମୁଖ୍ୟ ଉପଜୀବ୍ୟ କଥନ ଓ ଲିଖନ କୌଣସି କାଳରେ ସ୍ୱଳ୍ପାୟୁ ନୁହନ୍ତି। କଥନ ଜିହ୍ୱା ଅଭ୍ୟନ୍ତରରୁ ସୃଷ୍ଟି ହୋଇ ଶୂନ୍ୟରେ ମିଳାଇ ଯାଏନା କି ଲିଖନର ମୁଦ୍ରିତ ରୂପ ନିମିଷକେ ହଜିଯାଏନା। ଏହା ପଢ଼ିରହେ କାଳକାଳକୁ ସମୟ, ସଭ୍ୟତା ଓ ସଂସ୍କୃତିର ଦସ୍ତାବିଜ୍ ହୋଇ। ପୁଣି କଥନ ହେଉ କି ଲିଖନ, ଯେତେବେଳେ ଭାଷା ଏକ ସୀମିତ ପରିସରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭାବ ଯୋଗାଯୋଗର ମାଧ୍ୟମ ନ ହୋଇ ଏକ ବିଶାଳ ପରିସରରେ ଗଣମାଧ୍ୟମ ପାଲଟିଯାଏ, ସେତେବେଳେ ଏହାର ପ୍ରଭାବ ହୁଏ ବେଶ୍ ସୁଦୂର ପ୍ରସାରୀ। ଯେତେ ଲିଭାଇଲେ ବି ଏହାର ଅକ୍ଷରସବୁ ସହଜରେ ଲିଭି ଯାଏନା। ବ୍ୟକ୍ତି ଚେତନାରୁ ବ୍ୟାପ୍ତ ହୁଏ ଗଣ ଚେତନା !

ଏହି ଆଲେଖ୍ୟର ଉପକ୍ରମଣିକାରେ କୁହାଯାଇଥିବା ଓଡ଼ିଆ ଟିଭି ଚାନେଲର ଖବର ପାଠ ହେଉ କି ସାପ୍ତାହିକ ପତ୍ରିକାର ପ୍ରଚ୍ଛଦ କାହାଣୀ, ପ୍ରତ୍ୟେକ ଗଣମାଧ୍ୟମ ଏକ ବିସ୍ତୃତ ପରିସରରେ ଗଣଚେତନାକୁ ବିସ୍ତାରିତ କରିବାର ଏକ ପ୍ରମୁଖ ପ୍ରବାହ। ଗଣମାଧ୍ୟମ ତଥ୍ୟ ବଜାରରେ କିଛି ଅର୍ଥ ଅର୍ଜନ କରିବାର ଏକ ମାମୁଲି ବାଣିଜ୍ୟିକ ପ୍ରଚେଷ୍ଟା ନୁହେଁ। ସମାଜର କଲ୍ୟାଣ ପାଇଁ ବୃହତ୍ତର ପରିସରରେ ଏକ ଅଙ୍ଗୀକୃତ ଗୋଷ୍ଠୀ ଚେତନା ଗଢ଼ି ତୋଳିବା ପ୍ରତ୍ୟେକ ଗଣମାଧ୍ୟମର ପବିତ୍ର କର୍ତ୍ତବ୍ୟ। ଏମିତି ଏକ ସାମାଜିକ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଇଂଲିଶ ଭାଷାର ପ୍ରଭାବରୁ ମୁକ୍ତ ରହି ନ ପାରି ଆମ ମାତୃଭାଷା ଓଡ଼ିଆର ମୂଳ ଚେହେରାକୁ ବିକୃତ ବିକଳାଙ୍ଗ କରିବା କେତେଦୂର ନ୍ୟାୟୋଚିତ, ତାହା ବିଚାର କରିବାର ସମୟ ଆସିଛି। ଆଜି ଯଦି ବ୍ୟାସକବି ଫକୀର ମୋହନ ବଞ୍ଚିଥାନ୍ତେ, ତେବେ ନିଜ ମାତୃଭାଷାର ଏମନ୍ତ ନବ୍ୟ ପ୍ରବାହକୁ ଲକ୍ଷ୍ୟ କରି ଏକଦା ଲେଖିଥିବା ନିଜ କବିତାକୁ ସୁର ଦେଇ ବୋଲିଥାନ୍ତେ–

"ଇଂରେଜ ଇଂରେଜୀ ବିଦ୍ୟା ରଖିଯିବେ ନାହିଁ
ସେତେବେଳେ ରହିଥିବ ଜଳ ଜଳ ଚାହିଁ।
ପଢ଼ ଇଂରାଜୀ କେହି ମନା କରୁନାହିଁ
କିନ୍ତୁ ବାପା କାମକର ଜାତିକୁଳ ଚାହିଁ।"

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ: ୮୮୯୫୬୭୨୪୧୦୫

# ଶିକ୍ଷାନୀତି ରୂପକାର

ନିକଟରେ ଭାରତ ସରକାରଙ୍କ ଦ୍ୱାରା ନୂତନ ଶିକ୍ଷା ନୀତି-୨୦୨୦ ଘୋଷିତ ହୋଇଛି। ପୁରୁଣା ଢାଞ୍ଚାରେ ପରିବର୍ତ୍ତନ କରାଯାଇ ଅଣାଯାଇଥିବା ନୂଆ ବ୍ୟବସ୍ଥାର ଗାଣିତିକ ଅଭିବ୍ୟକ୍ତି ୫+୩+୩+୪ ରଖାଯାଇଛି। ପ୍ରାକ୍ ବିଦ୍ୟାଳୟ ବା ଅଙ୍ଗନୱାଡି ଶିକ୍ଷାଠାରୁ ଦ୍ୱାଦଶ ଶ୍ରେଣୀ ଯାଏ ୧୫ ବର୍ଷର ଶିକ୍ଷାକୁ ଏହି ନୂତନ ନୀତିରେ ସନ୍ନିବେଶିତ କରାଯାଇଛି। ଏଥିରେ ଶିକ୍ଷାର ଫଳାଫଳ ଓ ଧନ୍ଦାମୂଳକ ପ୍ରଶିକ୍ଷଣକୁ ପ୍ରାଧାନ୍ୟ ଦିଆଯାଇଛି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ବଦଳାଯାଇ ତାହାକୁ ଶିକ୍ଷା ମନ୍ତ୍ରଣାଳୟ ରଖାଯାଇଛି। ତେବେ ଏହି ନୂଆ ନୀତି ଭାରତୀୟ ଶିକ୍ଷା ଢାଞ୍ଚାରେ ଅନେକ ପରିବର୍ତ୍ତନ ଆଣିବ ବୋଲି ଏହାକୁ ପସନ୍ଦ କରିଥିବା ଲୋକେ କହୁଥିବା ବେଳେ ସମାଲୋଚକମାନେ ଏଥିରେ ନୂତନତ୍ୱର ଆଭାସ ପାଉନାହାନ୍ତି ବୋଲି କହିଲେଣି। ତଥାପି ୩୪ ବର୍ଷ ପରେ ଶିକ୍ଷା କ୍ଷେତ୍ରରେ ଯେଉଁ ପରୀକ୍ଷଣ କରାଯାଇଛି, ତାହାର ସମଗ୍ର ସ୍ୱରୂପକୁ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ତେବେ ଏହି ନୀତିରେ ଯାହା ପରିବର୍ତ୍ତନ କରାଯାଇଛି ତାହାର ଆଦ୍ୟ ରୂପକାର ଥିବା ବ୍ୟକ୍ତି କେ. କସ୍ତୁରୀରଙ୍ଗନ ଦେଶର ଜଣେ ଚିହ୍ନା ମୁହଁ ହୋଇଥିଲେ ହେଁ ତାଙ୍କ ବ୍ୟକ୍ତିତ୍ୱ ଏବେ ଅଧିକ ଚର୍ଚ୍ଚାକୁ ଆସିଛି।

ବ୍ୟକ୍ତିତ୍ୱ



କେ. କସ୍ତୁରୀରଙ୍ଗନ

କ୍ରିଷ୍ଣାସ୍ୱାମୀ କସ୍ତୁରୀରଙ୍ଗନ କେରଳର ଏର୍ନାକଲମ୍‌ରେ ୨୪ ଅକ୍ଟୋବର ୧୯୪୦ରେ ଜନ୍ମଗ୍ରହଣ କରିଥିଲେ। ସେଠାକାର ଏସ୍‌ଆର୍‌ଭି ସରକାରୀ ହାଇସ୍କୁଲରୁ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ସେ କେନ୍ଦ୍ରୀୟ ବମ୍ବେର ମାଟୁଙ୍ଗାସ୍ଥିତ ରାମନାରଏନ୍ ରୁଇଆ କଲେଜରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ବମ୍ବେ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ କସ୍ତୁରୀରଙ୍ଗନ ଉଚ୍ଚତର ଗବେଷଣାରେ ମନୋନିବେଶ କରିଥିଲେ। ଅହମଦାବାଦସ୍ଥିତ ଫିଜିକାଲ ରିସର୍ଚ୍ଚ ଲାବରେଟୋରିରୁ ୧୯୭୧ରେ ଏକ୍ସପେରିମେଣ୍ଟାଲ୍ ହାଏ ଏନର୍ଜି ଆଷ୍ଟ୍ରୋନମି ଉପରେ ସେ ଡକ୍ଟରେଟ୍ ଡିଗ୍ରୀ ଅର୍ଜନ କରିଥିଲେ। ଆଷ୍ଟ୍ରୋନମି, ମହାକାଶ ବିଜ୍ଞାନ ଓ ଏହାର ପ୍ରୟୋଗ ସଂକ୍ରାନ୍ତ ତାଙ୍କ ୨୪୪ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି। ଫଳରେ ସେ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ରେ ୧୯୯୪ରୁ ୨୦୦୩ ଯାଏ ୯ ବର୍ଷ ଅଧ୍ୟକ୍ଷ ରହିବାର ଗୌରବ ଅର୍ଜନ କରିଥିଲେ। ଏଥିସହିତ ମହାକାଶ କମିଶନର ଅଧ୍ୟକ୍ଷ ଓ ମହାକାଶ ବିଜ୍ଞାନ ବିଭାଗରେ ଭାରତ ସରକାରଙ୍କ ସଚିବ ମଧ୍ୟ ରହିଥିଲେ। ଇସ୍ରୋରେ କାର୍ଯ୍ୟ କଲା ବେଳେ ସେ ଇସ୍ରୋ ଉପଗ୍ରହ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ନୂଆ ପିଢ଼ିର ସ୍ପେସ୍‌କ୍ରାଫ୍ଟ, ଇଣ୍ଡିଆନ୍ ନ୍ୟାଶନାଲ ସାଟେଲାଇଟ୍ (ଇନ୍‌ସାଟ୍-୨), ଇଣ୍ଡିଆନ୍ ରିମୋଟ୍ ସେନ୍‌ସିଂ ସାଟେଲାଇଟ୍ (ଆଇଆର୍‌ଏସ୍-୧ଏ ଏବଂ ୧ବି) ତଥା ସାଇଣ୍ଟିଫିକ୍ ସାଟେଲାଇଟ୍‌ର ବିକାଶ ଦିଗରେ କାର୍ଯ୍ୟ କରି ବୈଜ୍ଞାନିକ ପ୍ରତିଭା ପ୍ରଦର୍ଶନ କରିଥିଲେ। ଭାରତର ପ୍ରଥମ ଦୁଇଟି ଏକ୍ସପେରିମେଣ୍ଟାଲ ଆର୍ଥ ଅବଜରଭେଶନ ସାଟେଲାଇଟ୍ ଭାସ୍କର-୧ ଓ ୨ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କଲା ବେଳେ ବରିଷ୍ଠ ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଇସ୍ରୋର ନେତୃତ୍ୱ ନେବା ବେଳେ ସେ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ପିଏସ୍‌ଏଲ୍‌ଭି) ଏବଂ ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ଜିଏସ୍‌ଏଲ୍‌ଭି)ର ସଫଳ ଉତ୍କ୍ଷେପଣ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲେ। ଜିଏସ୍‌ଏଲ୍‌ଭି, ଜିଏସ୍‌ଏଲ୍‌ଭିଏମ୍‌କେ-୩ର ବିକଶିତ ସଂସ୍କରଣ ତାଙ୍କ କାର୍ଯ୍ୟକାଳ ଭିତରେ ଶିଖର ଛୁଇଁପାରିଥିଲା। ଏଥିସହିତ ବିଶ୍ୱର ଶ୍ରେଷ୍ଠ ସିଭିଲିଆନ୍ ରିମୋଟ୍ ସେନ୍‌ସିଂ ସାଟେଲାଇଟ ଆଇଆର୍‌ଏସ୍-୧ସି ଓ ଆଇଆର୍‌ଏସ୍-୧ଡି, ସାମୁଦ୍ରିକ ପର୍ଯ୍ୟବେକ୍ଷଣ ଉପଗ୍ରହଠାରୁ ଯୋଗାଯୋଗ ଉପଗ୍ରହର ନୂଆ ପିଢ଼ିକୁ ବିକଶିତ କରିବାରେ କସ୍ତୁରୀରଙ୍ଗନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏପରି କି ଚନ୍ଦ୍ରୟାନ-୧ ସୂତ୍ରପାତ କରିବାରେ ତାଙ୍କ ପ୍ରଚେଷ୍ଟା ଭାରତକୁ ମହାକାଶ କାର୍ଯ୍ୟକ୍ରମ ନେଇ ଅନେକ ସଫଳତା ପାଇଥିବା ବିଶ୍ୱର ଶ୍ରେଷ୍ଠ ୬ ରାଷ୍ଟ୍ର ମଧ୍ୟରେ ରଖିପାରିଛି। ମହାକାଶ ବିଶାରଦ ଭାବେ କସ୍ତୁରୀରଙ୍ଗନଙ୍କ ନୂଆ କିଛି କରିବାର ଆଗ୍ରହ ଉଚ୍ଚ ଶକ୍ତିଯୁକ୍ତ ଏକ୍ସ-ରେ ଏବଂ ଗାମା-ରେ ଦିଗରେ ଅଧିକ ଗବେଷଣା କରିବାକୁ ପଥ ଦେଖାଇଥିଲା।

କସ୍ତୁରୀରଙ୍ଗନଙ୍କ ବିଶେଷତ୍ୱ କେବଳ ବିଜ୍ଞାନ ଗବେଷଣା କ୍ଷେତ୍ରରେ ସୀମିତ ରହିନାହିଁ। ଶିକ୍ଷାକୁ ନୂଆ ରୂପ ଦେବାରେ ନିରନ୍ତର ପ୍ରୟାସ ତାଙ୍କୁ ବିଭିନ୍ନ ସମୟରେ ଶିକ୍ଷାନୁଷ୍ଠାଗୁଡ଼ିକର ମୁରବି ସ୍ଥାନରେ ବସାଇଛି। ସେ ଏବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ରାଜସ୍ଥାନ ଓ ଏନ୍‌ଆଇଆଇଟିର ଚାନ୍‌ସେଲର ଅଛନ୍ତି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାୟର ଚାନ୍‌ସେଲର ଓ କର୍ନାଟକ ନଲେଜ୍ କମିଶନ୍‌ର ମଧ୍ୟ ସେ ଅଧ୍ୟକ୍ଷ ଥିଲେ। କସ୍ତୁରୀରଙ୍ଗନ ୨୦୦୪ରୁ ୨୦୦୯ ଯାଏ ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ୍ ଷ୍ଟଡିଜ୍‌ର ମଧ୍ୟ ନିର୍ଦ୍ଦେଶକ ରହିଥିଲେ। ବିଜ୍ଞାନ ଓ ଶିକ୍ଷା କ୍ଷେତ୍ରକୁ ଅଶେଷ ଅବଦାନ ଲାଗି ସେ ୨୦୦୩ରୁ ୨୦୦୯ ଯାଏ ରାଜ୍ୟ ସଭା ସଦସ୍ୟ ହୋଇପାରିଥିଲେ। ଯୋଜନା କମିଶନର ପୂର୍ବତନ ସଦସ୍ୟ ଭଳି ବହୁ ମର୍ଯ୍ୟାଦାଜନକ ପଦବୀରେ ଆସୀନ ରହିଆସିଥିବା କସ୍ତୁରୀରଙ୍ଗନଙ୍କୁ ଭାରତ ସରକାରଙ୍କ ପ୍ରମୁଖ ବେସାମରିକ ସମ୍ମାନ ପଦ୍ମଶ୍ରୀ(୧୯୮୨), ପଦ୍ମଭୂଷଣ(୧୯୯୨) ଏବଂ ପଦ୍ମବିଭୂଷଣ(୨୦୦୦) ମିଳିଛି। ତେବେ ଏବର ନୂତନ ଶିକ୍ଷା ନୀତି ପ୍ରଣୟନ ଦିଗରେ ମାର୍ଗଦର୍ଶନ ତାଙ୍କୁ ଅଧିକ ଚର୍ଚ୍ଚିତ କରିଛି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜୀବନ ଧଳା କି କଳା ନୁହେଁ, ଭଲ କି ମନ୍ଦ ବି ନୁହେଁ, ଏହା କେବଳ ତୁମ ପସନ୍ଦ ଓ ତୁମ କାର୍ଯ୍ୟର ସମଷ୍ଟି । ତୁମେ ଯେମିତି ଚାହିଁବ ସେମିତି ବଞ୍ଚିବ ଓ କାମ ବି କରିପାରିବ, ଯାହା କରୁଛନ୍ତି କୋଲକାତାର ଡ. ଶ୍ୟାମଳ ଚାଟାର୍ଜୀ। ତାଙ୍କୁ ଏବେ ବୟସ ୮୩। ସେ ୫ ଟଙ୍କା ଦେୟ ନେଇ ଚିକିତ୍ସା କରନ୍ତି। ୧୯୬୪ରେ ସେ କଲିକତା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଏମ୍‌ବିବିଏସ୍ ପାସ୍ ପରେ ମ୍ୟୁନିସିପାଲ କର୍ପୋରେଶନ ହସ୍ପିଟାଲରେ ଚାକିରିରେ ଯୋଗ ଦେଇଥିଲେ। ସେ ଘରେ ସକାଳ ୮ଟାରେ ରୋଗୀ ଦେଖନ୍ତି ଓ ୧୦ଟାରେ ହସ୍ପିଟାଲକୁ ଯାଆନ୍ତି । ସେଠାରୁ ଫେରିବା ପରେ ପୁଣି ସନ୍ଧ୍ୟା ୫ଟାରେ ରୋଗୀଙ୍କ ପାଇଁ ସମୟ ଦେଇଥାନ୍ତି। ୩୪ ବର୍ଷ ଚାକିରି କରି ୧୯୯୮ରେ ଅବସର ନେବା ପରେ ବି ୨୦୧୮ ପର୍ଯ୍ୟନ୍ତ ସେ ଏଭଳି ରୋଗୀ ଚିକିତ୍ସା କରିଆସୁଥିଲେ। ଦରକାର ପଡିଲେ ସେ ଚାଲି ଚାଲି କିମ୍ବା ସାଇକେଲରେ ରୋଗୀଙ୍କ ଘରକୁ ବି ଯାଇଥାନ୍ତି। ବୟସାଧିକ୍ୟ ହେତୁ ଏବେ ରୋଗୀ ଦେଖିବା କମ୍ କରିଦେଇଛନ୍ତି । ତାଙ୍କ ପାଖକୁ କାରଖାନା ଶ୍ରମିକ, ଦିନ ମଜୁରିଆ, ପ୍ରବାସୀ ଶ୍ରମିକମାନେ ହିଁ ଆସିଥାନ୍ତି। ୫୦ ବର୍ଷ ଧରି ସେ ଗରିବମାନଙ୍କୁ ୫ ଟଙ୍କାରେ ଚିକିତ୍ସା କରିଥିବାରୁ ଲୋକଙ୍କ ନିକଟରେ ସେ 'କୋଲକାତାର ୫ ଟଙ୍କିଆ ଡାକ୍ତର' ଭାବେ ଜଣାଶୁଣା।

## ୨୫ ବର୍ଷ ତଳର ଧରିତ୍ରୀ

୨ ଅଗଷ୍ଟ ୧୯୯୫

- ଅବୈଧ ଡ୍ରଗ୍ସ ସେବନ କରି ଆନ୍ତର୍ଜାତିକ କଟକଣାର ଶିକାର ହେଉଥିବା ଆଥ୍‌ଲେଟଙ୍କ ପ୍ରତି କୋହଳ ନୀତି ପ୍ରଣୟନ କରିବାକୁ ଇଣ୍ଟରନ୍ୟାଶନାଲ୍ ଆମାଚୁର ଆଥ୍‌ଲେଟିକ୍ ଫେଡେରେଶନ (ଆଇଏଏଫ୍)ର ନିଷ୍ପତ୍ତି।
- ଢାକା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ସୂର୍ଯ୍ୟାସ୍ତ ପରେ ନିଜ ନିଜ ହଷ୍ଟେଲ କୋଠରିକୁ ଫେରିଆସିବା ନେଇ ପ୍ରଚଳିତ ଥିବା ଆଇନର ଉଚ୍ଛେଦ ଲାଗି ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ କରିଥିବା ଦାବିକୁ କର୍ତ୍ତୃପକ୍ଷ ମାନି ନେଇଛନ୍ତି।

## ଚିରନ୍ତନୀ

ଜାଗିଥିଲା ତହିଁ ସହସା ମୋ କବି-ପାଗଳ
ମାନସର ଶିଶୁ ନାଚିଥିଲା ଅତି ଚପଳ
ସେଇ ପାହାଡ଼ର ଚୂଳେ ହୋଇ ଠିଆ-
ଡାକିବାକୁ ମୋର ଲୋଡ଼ିଥିଲା ହିଆ
ଜଗତ ଭିତରେ ଅକୁହା ବାରତା ସକଳ
କୁଟିଳ ଘାଟିରେ ଉଠିଥିଲା ହୋଇ ବିକଳ।
(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଐତିହାସିକ ଗାଁକୁ ରାସ୍ତା ହେଉ

ମହାଶୟ,

ଜଟଣୀ ସହରଠାରୁ ମାତ୍ର ୪ କି.ମି. ଦୂରରେ ଅବସ୍ଥିତ ଅରାଗଡ଼। ଏହା ଏକ ଐତିହ୍ୟ ସମ୍ପନ୍ନ ଗାଁ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମ ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଅରାଗଡ଼ ପାହାଡ଼ରେ ବୌଦ୍ଧ କୀର୍ତ୍ତିରାଜିମାନ ଐତିହାସିକମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଛି। ଉକ୍ତ କୀର୍ତ୍ତିରାଜିର ପୁନରୁଦ୍ଧାର ଏବଂ ପର୍ଯ୍ୟଟକମାନଙ୍କ ଯିବା ଆସିବା ପାଇଁ ସର୍ବନିମ୍ନ ସୁବିଧା ନାହିଁ । ଗ୍ରାମର ଅଧିକାଂଶ ଲୋକ କୃଷକ। ପ୍ରତ୍ୟହ ପନିପରିବା ଧରି ଜଟଣୀ ବଜାରରେ ବିକ୍ରିକରି ଫେରିଥାନ୍ତି। ରାତିବିକାଳି ମେଡିକାଲ ଯିବାକୁ ହେଲେ ରାସ୍ତାର ଅବସ୍ଥା ଦେଖି ଗାଡ଼ିବାଲା ମଧ୍ୟ ମନା କରିଦେଉଛନ୍ତି। ସରକାରଙ୍କୁ ନିବେଦନ ଲୋକମାନଙ୍କ ପାଇଁ ଅନେକ ଯୋଜନା, ଅନେକ ରାସ୍ତା, ବ୍ରିଜମାନ ଗଢ଼ୁଛନ୍ତି, ଆମ ଗ୍ରାମର ଲୋକମାନଙ୍କ ସର୍ବନିମ୍ନ ସୁବିଧା ପାଇଁ ପକ୍କା ରାସ୍ତାଟିଏ ନିର୍ମାଣ ପାଇଁ ବ୍ୟବସ୍ଥା କରନ୍ତୁ।

ପ୍ରକାଶ ସାମନ୍ତରାୟ, ଅରାଗଡ଼, ହରିପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଗଷ୍ଟ ୩୧ ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

**ଭୁବନେଶ୍ୱର,୧।୮(ବ୍ୟୁରୋ):** କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାରୁ ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଏହି ସମୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଗର୍ଭବତୀ ଓ ପ୍ରସୂତି ଏବଂ ଶିଶୁଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅତିରିକ୍ତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଯେଭଳି ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କୁହାଯାଇଛି। ବିଭାଗ ସୂଚନା ଦେଇଛି ଯେ, ଅଗଷ୍ଟ ମାସ ପାଇଁ ଶୁଖିଲା ରାଶନ ହିତାଧିକାରୀଙ୍କ ଘରେ ପହଞ୍ଚାଇ ଦିଆଯାଇଛି। କୋଭିଡ୍-୧୯ ନିୟମାବଳୀକୁ ପାଳନ କରି ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ରାଶନ ପ୍ରଦାନ କରିଛନ୍ତି। ରାଜ୍ୟର ୩୩୮ଟି ଆଇସିଡିଏସ୍ ପ୍ରକଳ୍ପ ଅଧୀନରେ ସମନ୍ୱିତ ପୁଷ୍ଟିସାଧନ ଯୋଜନାରେ ୪୨ ଲକ୍ଷ ମହିଳା ଓ ଶିଶୁ ଉପକୃତ ହେଉଛନ୍ତି। ଓଡ଼ିଶାକୁ ଫେରିଥିବା ପ୍ରବାସୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ଏହି ଯୋଜନାରେ ଶୁଖିଲା ରାଶନ ଯୋଗାଇ ଦିଆଯାଇଛି।

### କୋରାପୁଟ ଜିଲାରେ ୮ଶହ ଉପରେ ସଂକ୍ରମିତ

### ୧୪ ଯାଏ ଲକ୍‌ଡାଉନ

**କୋରାପୁଟ/କୁନ୍ଦୁରା/ଦଶମନ୍ତପୁର, ୧।୮(ସ୍ୱ.ପ୍ର./ଡି.ଏନ.ଏ.):** କୋରାପୁଟ ଜିଲାରେ ଶନିବାର ପୁଣି ୪୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮ ଶହ ପାର ହୋଇଛି। ସ୍ଥିତିର ମୁକାବିଲା ପାଇଁ ଜିଲାରେ ପୁଣି ଲକ୍‌ଡାଉନ ଘୋଷଣା କରିଛନ୍ତି ଜିଲାପାଳ ମଧୁସୂଦନ ମିଶ୍ର। ଶନିବାର ମଧ୍ୟରାତ୍ରିରୁ ୧୪ ତାରିଖ ମଧ୍ୟରାତ୍ରି ଯାଏ ଏହି ଲକ୍‌ଡାଉନ ଜାରି ରହିବ ବୋଲି ଜିଲାପାଳ କହିଛନ୍ତି। ଶନିବାର ଚିହ୍ନଟ ହୋଇଥିବା ୪୬ ଜଣଙ୍କ ମଧ୍ୟରେ ୨୨ ମହିଳା ଓ ୨୪ ଜଣ ପୁରୁଷ ଅଛନ୍ତି। ଚିହ୍ନଟଙ୍କ ମଧ୍ୟରେ ଟିଏମ୍‌ସି କ୍ୱାରାଣ୍ଟାଇନରୁ ୩ ଜଣ, ଘରୋଇ କ୍ୱାରାଣ୍ଟାଇନରୁ ୧୦ ଜଣ ଏବଂ ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୩୩ ଜଣ ଆକ୍ରାନ୍ତ ହୋଇଛନ୍ତି। ଚିହ୍ନଟଙ୍କ ଟ୍ରାଭେଲ ହିଷ୍ଟ୍ରି ରହିଛି। ୭ ଜଣ ଆନ୍ଧ୍ର ଫେରନ୍ତା,୩ ଜଣ ଗଞ୍ଜାମ ଫେରନ୍ତା, ଜଣେ ମୁମ୍ବାଇ ଫେରନ୍ତା, ଜଣେ ଉତ୍ତରପ୍ରଦେଶ ଫେରନ୍ତା, ଜଣେ କଟକ ଫେରନ୍ତା ରହିଛନ୍ତି। କୋରାପୁଟ ମ୍ୟୁନିସିପାଲିଟିରୁ ୪ ଜଣ, କୋରାପୁଟ ବ୍ଲକରୁ ୪ ଜଣ,ଜୟପୁର ମ୍ୟୁନିସିପାଲିଟିରୁ ୧୨ ଜଣ, ସୁନାବେଡ଼ା ମ୍ୟୁନିସିପାଲିଟିରୁ ୨ ଜଣ,କୋଟପାଡ ଏନ୍‌ଏସିରୁ ୨ ଜଣ,କୋଟପାଡ ବ୍ଲକରୁ ଜଣେ, ବନ୍ଧୁଗାଁ ବ୍ଲକରୁ ୧୧ ଜଣ,ବୋରିଗୁମ୍ମା ବ୍ଲକରୁ ୪ ଜଣ,ଦଶମନ୍ତପୁର ବ୍ଲକରୁ ଜଣେ,ପଟ୍ଟାଙ୍ଗୀ ବ୍ଲକରୁ ୨ ଜଣ,ଲକ୍ଷ୍ମୀପୁର ବ୍ଲକରୁ ଜଣେ ଏବଂ କୁନ୍ଦୁରା ବ୍ଲକରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୁନ୍ଦୁରା ବ୍ଲକ ସଦର ମହକୁମାରୁ ଜଣେ ଓ ଡଙ୍ଗରପାଉଁଶୀ ପଞ୍ଚାୟତରୁ ଜଣେ ଚିହ୍ନଟ ହୋଇଛନ୍ତି। ବ୍ଲକ ସଦର ମହକୁମାରୁ ଚିହ୍ନଟ ବ୍ୟକ୍ତି ଜଣକ କ୍ୱାରାଣ୍ଟାଇନରେ ରହି ଗତ ୩ ଦିନ ତଳେ ଫେରିଥିଲେ। ତାଙ୍କୁ ଜୟପୁର କୋଭିଡ୍ ହସ୍ପିଟାଲ ପଠାଯାଇନାହିଁ। ବ୍ଲକରେ କରୋନା ପଜିଟିଭ ବାହାରିବା ପରେ ବିଡିଓ ସ୍ନେହପ୍ରଭା ମାଝି, ତହସିଲଦାର ଆୟୁବ ମଣ୍ଡଳ, ସରପଞ୍ଚ ଚନ୍ଦ୍ରିକା ଭତ୍ରା ପ୍ରମୁଖ ପହଞ୍ଚି ପଞ୍ଚାୟତକୁ ଶଟଡାଉନ ଘୋଷଣା କରି ସିଲ୍ କରିଦେଇଛନ୍ତି। ଜିଲାରେ ଆର୍ଟିଫିସିଆଲ ଓ ଆଣ୍ଟିଜେନ୍ ଟେଷ୍ଟ ବୃଦ୍ଧି କରାଯାଇଥିବାରୁ କୋରନା ପଜିଟିଭଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିବା କୁହାଯାଉଛି।

# ବଢ଼ି ବଢ଼ି ହେଲାଣି ୩ କୋଟି

**ଅନୁଗୋଳ ଅଫିସ, ୧।୮**

ପ୍ରତି ପ୍ରକୋଷ୍ଠରେ ଏସି, ଚକ୍‌ଚକ୍ ଆଲୁଅ। ଏଥିପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ୍‌ଶକ୍ତି। ହେଲେ ଏ ବାବଦ ବିଲ୍ ପଇଠ କରୁନି କାର୍ଯ୍ୟାଳୟ। ଫଳରେ ବକେୟା ବଢ଼ି ବଢ଼ି ଆସି ୩ କୋଟି ହେଲାଣି। ସାଧାରଣ ଉପଭୋକ୍ତା ଠିକ ସମୟରେ ବିଲ୍ ନ ଦେଲେ ସେମାନଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଥିବାବେଳେ ଅନୁଗୋଳ ସହରର ବିଭିନ୍ନ ସରକାରୀ ଅଫିସ୍‌ରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସହରର ଅନେକ ସରକାରୀ କାର୍ଯ୍ୟାଳୟରେ ଅନାବଶ୍ୟକ ଭାବେ ଶୀତତାପ ନିୟନ୍ତ୍ରକ ଯନ୍ତ୍ର ମଧ୍ୟ ଲଗାଯାଇଛି। ଏଥିପାଇଁ ବିଲ୍ ଦେବାକୁ ପଡୁ ନ ଥିବାରୁ ମନଇଚ୍ଛା ବିଦ୍ୟୁତ୍ ବ୍ୟବହାର କରୁଛନ୍ତି ଅଧିକାରୀ। ଦେୟ ଆଦାୟ ପାଇଁ ପୂର୍ବରୁ ଥିବା ସେସୁ ବର୍ତ୍ତମାନର ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିସିଓଡିଏଲ) କର୍ତ୍ତୃପକ୍ଷ ମଧ୍ୟ ଏଥିପାଇଁ ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଅନୁଗୋଳର ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଉପରେ ଗତ ଏପ୍ରିଲ ୩ ତାରିଖ ସୁଦ୍ଧା ମୋଟ ୩ କୋଟି ୫ ଲକ୍ଷ ୭୬ ହଜାର ୭୪୮ ଟଙ୍କା ବିଦ୍ୟୁତ ବିଲ୍ ଅନାଦାୟ ରହିଛି। ମୋଟ ୧୦୮୧ ସରକାରୀ ଉପଭୋକ୍ତାଙ୍କ ଉପରେ ଏହି ବିଲ୍ ବାକି ରହିଛି। ଅନୁଗୋଳ ଗ୍ରାମ୍ୟ ଉନ୍ନୟନ(ଆରଡି) କାର୍ଯ୍ୟାଳୟ ଉପରେ ସର୍ବାଧିକ ୯୩ ଲକ୍ଷ ୭୨ ହଜାର ୩୯୬ ଟଙ୍କା ବାକି ରହିଥିବାବେଳେ ଗୃହ ଓ ନଗର ଉନ୍ନୟନ କାର୍ଯ୍ୟାଳୟ ଉପରେ ୫୬ ଲକ୍ଷ ୪୨ ହଜାର ୮୦୫, ସ୍କୁଲ ଓ ଗଣଶିକ୍ଷା କାର୍ଯ୍ୟାଳୟ ଉପରେ ୨୯ ଲକ୍ଷ ୫୦ ହଜାର ୨୪୬, ପଞ୍ଚାୟତ ବିଭାଗ ଉପରେ ୨୬ ଲକ୍ଷ ୨୬ ହଜାର ୪୭୮, ଉଚ୍ଚ ଶିକ୍ଷା ବିଭାଗ କାର୍ଯ୍ୟାଳୟ ଉପରେ ୨୧ ଲକ୍ଷ ୪୩ ହଜାର ୬୯୭, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧୀନରେ ଥିବା ମେଡିକାଲ ଉପରେ ୨୧ଲକ୍ଷ ୧୪ ହଜାର ୪୫୦, ପୋଲିସ ବିଭାଗ ଉପରେ ୧୪ ଲକ୍ଷ ୧୪ ହଜାର ୨୧୯, ବିପର୍ଯ୍ୟୟ ଓ ପରିଚାଳନା କାର୍ଯ୍ୟାଳୟ ଉପରେ ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କା ବାକି ରହିଛି। ଏତେ ଟଙ୍କା ବାକି ଥିଲେ ମଧ୍ୟ ବିଲ୍ ଆଦାୟ ପାଇଁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ କିମ୍ବା ସରକାରୀ କାର୍ଯ୍ୟାଳୟ ବିଲ୍ ଦେବା ପାଇଁ ଆନ୍ତରିକତା ମଧ୍ୟ ଦେଖାଉନାହିଁ।

ଘଟଣା ସମ୍ପର୍କରେ ଟିପିସିଓଡିଏଲ ମ୍ୟାନେଜର ସୁବ୍ରତ ସାହୁଙ୍କୁ ପଚାରିବାରେ କହିଛନ୍ତି, ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟକୁ ଚିଠି ଲେଖାଯାଇଛି। ମାତ୍ର କୌଣସି ଅଫିସ ବିଲ୍ ପଇଠ ପାଇଁ ପଦକ୍ଷେପ ନେଉନାହାନ୍ତି। ବର୍ଷକୁ ଥରେ ମାର୍ଚ୍ଚ ମାସରେ କିଛି ବିଲ୍ ପ୍ରଦାନ କରୁଛନ୍ତି। ନିକଟରେ ଅନୁଗୋଳ ପୌରପାଳିକା ସର୍ବାଧିକ ବକେୟା ବିଲ୍ ପ୍ରଦାନ କରିଛି। ଏହି ସରକାରୀ କାର୍ଯ୍ୟାଳୟଗୁଡିକରେ ଥିବା ବକେୟା ବିଲ୍ ସମ୍ପର୍କରେ ସଂସ୍ଥା କ'ଣ ପଦକ୍ଷେପ ଗ୍ରହଣ କରିବ କିଛି ସ୍ପଷ୍ଟ ହୋଇନାହିଁ। ଆଗକୁ ଯେଉଁ ନିର୍ଦ୍ଦେଶ ଆସିବ ତାକୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଚିଠି କରି ଦିଆଯିବ ବୋଲି ମ୍ୟାନେଜର ସାହୁ କହିଛନ୍ତି।

### ବାବୁ ଦେଉନାହାନ୍ତି ବିଦ୍ୟୁତ୍ ବିଲ୍

| କାର୍ଯ୍ୟାଳୟ | ବକେୟା |
|---|---|
| ସମବାୟ | ୪,୮୫,୫୫୩.୯୮ |
| ଗଣଶିକ୍ଷା | ୨୯,୫୦,୨୪୬.୬୯ |
| ଉଚ୍ଚଶିକ୍ଷା | ୨୧,୪୩,୬୯୭.୩୩ |
| କୌଶଳ ବିକାଶ-ବୈଷୟିକ ଶିକ୍ଷା | ୧,୫୦୧.୦୪ |
| ଅବକାରୀ | ୧,୪୯୨.୪୯ |
| ମତ୍ସ୍ୟ ଓ ପଶୁସମ୍ପଦ | ୫,୯୪,୭୭୪.୮୦ |
| ଫାଇନାନ୍ସ | ୪୨,୯୭୬.୭୩ |
| ଜଙ୍ଗଲ ଓ ପରିବେଶ | ୪୪,୫୨୦.୬୨ |
| ଗ୍ରୀଡ୍‌କୋ | ୨,୫୧,୬୮୯.୭୯ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୧,୧୪,୪୫୦.୩୧ |
| ଗୃହ | ୧୪,୧୪,୨୧୯.୮୮ |
| ଗୃହ-ନଗର ଉନ୍ନୟନ | ୫୬,୪୨,୮୦୫.୧୦ |
| ଶିଳ୍ପ | ୫୭,୦୬୮.୨୭ |
| ସୂଚନା ଓ ଲୋକ ସମ୍ପର୍କ | ୩୫,୦୧୩.୯୮ |
| ଆଇନ | ୫,୧୮,୧୮୫.୪୦ |
| ଶ୍ରମ ଓ ନିଯୁକ୍ତି | ୫,୨୭୧.୧୦ |
| ଯୋଜନା ଓ ସମନ୍ୱୟ | ୪୮,୨୯୦.୨୦ |
| ପଞ୍ଚାୟତିରାଜ | ୨୬,୨୬,୪୭୮.୮୨ |
| ସୂଚନା ଓ ଲୋକ ସମ୍ପର୍କ ବିଭାଗ(ପିଆର୍‌ଓ) | ୯,୪୬୪.୮୬ |
| ଗ୍ରାମ୍ୟ ଉନ୍ନୟନ(ଆର୍‌ଡ଼ି) | ୯୩,୭୨,୩୯୬.୩୧ |
| ରାଜସ୍ୱ ଓ ବିପର୍ଯ୍ୟୟ | ୧୨,୦୫,୧୬୪.୦୦ |
| ଯୋଗାଣ ଓ ଖାଉଟି କଲ୍ୟାଣ | ୧୫,୮୩୮.୬୩ |
| ୱାଟର ରିସୋର୍ସ | ୪,୮୮,୪୧୨.୮୪ |
| ବାଣିଜ୍ୟ-ପରିବହନ | ୭୭,୫୮୧.୧୮ |
| ମହିଳା ଓ ଶିଶୁ ବିକାଶ | ୧୯,୨୭୦.୮୦ |
| ଏସ୍‌ସିଏସ୍‌ଟି ଡେଭେଲପମେଣ୍ଟ | ୨,୪୮,୯୩୯.୯୩ |
| ୱାର୍କ ବିଭାଗ | ୪୫,୭୫୪.୩୬ |
| କୃଷି | ୧,୧୫,୬୮୯.୩୪ |

■ ଗ୍ରାମ୍ୟ ଉନ୍ନୟନରେ ସର୍ବାଧିକ ୯୩ ଲକ୍ଷ ବାକି
■ ଗୃହ ଓ ନଗର ଉନ୍ନୟନରେ ଅଧ କୋଟି



# ଅଗଷ୍ଟ ଆରମ୍ଭରୁ ଡରାଇଲା କରୋନା

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

### ଦିନକରେ ୧,୬୦୨ ଆକ୍ରାନ୍ତ, ୧୦ ମୃତ

■ ମୋଟ ନମୁନା ପରୀକ୍ଷଣ ୫,୨୮,୭୦୮
■ ପଜିଟିଭ୍ ଚିହ୍ନଟ ୬.୩୩%
■ ଜାତୀୟ ସ୍ତରରେ ଓଡ଼ିଶାର ହାର ୨.୦୪%

ରାଜ୍ୟରେ କରୋନା ମହାମାରୀ ହାହୁତାଶ ସ୍ଥିତି ସୃଷ୍ଟି କରିଛି। କେବଳ ଜୁଲାଇରେ ସଂକ୍ରମଣ ୫ଗୁଣ ଓ ମୃତ୍ୟୁ ସଂଖ୍ୟା ୭ଗୁଣ ବଢ଼ିଥିବାବେଳେ ଅଗଷ୍ଟ ଆରମ୍ଭରୁ କରୋନା ଡରାଇଛି। ଶେଷ ୨୪ ଘଣ୍ଟାରେ ପୂର୍ବର ସବୁ ରେକର୍ଡ ଭାଙ୍ଗିଛି। ୨୯ ଜିଲାରୁ ସର୍ବାଧିକ ୧,୬୦୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୩,୪୭୯ରେ ପହଞ୍ଚିଛି। ସେହିଭଳି ଏହି ଘାତକ ଭୂତାଣୁ ଆଉ ୧୦ଜଣଙ୍କ ଜୀବନ ନେଇଥିବାରୁ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୮୭ ଛୁଇଁଛି। ବିଶେଷକରି କଟକଣା କୋହଳ ଓ ଅସ୍ୱାଭାବିକ ମୌସୁମୀ ପାଇଁ ରାଜ୍ୟରେ ସଂକ୍ରମଣ ଶିଖର ଛୁଇଁପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ତେବେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୩୦୮ଜଣ ଥିବାବେଳେ ଖୋର୍ଦ୍ଧା ୨୮୫, ରାୟଗଡ଼ା ୧୬୪, ଗଜପତି ୧୦୮, ସୁନ୍ଦରଗଡ଼ ୬୨, କଟକ ୫୪, ପୁରୀ ୫୦, ଢେଙ୍କାନାଳ ୪୯, କୋରାପୁଟ ୪୬, କନ୍ଧମାଳ ୪୫, ଯାଜପୁର ୪୪, ମୟୂରଭଞ୍ଜ ଓ ସମ୍ବଲପୁରରୁ ୩୯ଜଣ ଲେଖାଏ, ବଲାଙ୍ଗୀର ୩୮, ନୟାଗଡ଼ ୩୩, କେନ୍ଦୁଝର ୩୧, କଳାହାଣ୍ଡି ଓ ମାଲକାନଗିରିରୁ ୩୦ଜଣ ଲେଖାଏ, ବାଲେଶ୍ୱର ୨୯, ଭଦ୍ରକ ୨୦, ଜଗତ୍‌ସିଂହପୁର ୧୯, ଅନୁଗୋଳ ଓ କେନ୍ଦ୍ରାପଡ଼ାରୁ ୧୫ଜଣ ଲେଖାଏ, ବରଗଡ଼ ୧୩, ବୌଦ୍ଧ ଓ ନବରଙ୍ଗପୁରରୁ ୯ଜଣ ଲେଖାଏ, ଝାରସୁଗୁଡ଼ା ୭, ସୋନପୁର ୬ ଓ ନୂଆପଡ଼ାରୁ ୫ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୯୯୩ଜଣଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ କରାଯାଇଥିବାବେଳେ ୬୦୯ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଇତିମଧ୍ୟରେ ରାଜ୍ୟରେ କରୋନା ନମୁନା ପରୀକ୍ଷା ସଂଖ୍ୟା ୫,୨୮,୭୦୮ରେ ପହଞ୍ଚିଛି। ଏହାର ୬.୩୩ ପ୍ରତିଶତ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସର୍ବଭାରତୀୟସ୍ତରରେ ରାଜ୍ୟର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମାତ୍ର ୨.୦୪ ପ୍ରତିଶତ ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ସେପଟେ ରାଜ୍ୟରେ କରୋନା ମୃତ୍ୟୁ ଦ୍ୱିଶତକ ଆଡ଼କୁ ମୁହାଁଇଛି। କରୋନାରେ ଆଉ ୧୦ଜଣଙ୍କ ମୃତ୍ୟୁ ହେବା ପରେ ସଂଖ୍ୟା ୧୮୭ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ୫ଜଣ ଥିବାବେଳେ ଖୋର୍ଦ୍ଧାରୁ ୩, ସୁନ୍ଦରଗଡ଼ ଓ ଗଜପତିରୁ ଜଣେ ଲେଖାଏ ରହିଛନ୍ତି। ଗଞ୍ଜାମରୁ ଜଣେ ମହିଳା ଓ ଅନ୍ୟମାନେ ହେଉଛନ୍ତି ପୁରୁଷ। ତେବେ ମୋଟ ମୃତକଙ୍କ ମଧ୍ୟରେ କେବଳ ଗଞ୍ଜାମରୁ ୯୯ଜଣ ରହିଛନ୍ତି। ସେହିଭଳି ଖୋର୍ଦ୍ଧାରେ ୨୪, କଟକ ଓ ଗଜପତିରେ ୧୧ଜଣ ଲେଖାଏ, ସୁନ୍ଦରଗଡ଼ରେ ୯, ରାୟଗଡ଼ାରେ ୭, ନୟାଗଡ଼, ପୁରୀ ଓ ବାଲେଶ୍ୱରରେ ୩ଜଣ ଲେଖାଏ, ମାଲକାନଗିରି, କେନ୍ଦ୍ରାପଡ଼ା, କନ୍ଧମାଳ, ଭଦ୍ରକ ଓ ଅନୁଗୋଳରେ ୨ଜଣ ଲେଖାଏ, ସମ୍ବଲପୁର, ଝାରସୁଗୁଡ଼ା ଓ ଯାଜପୁରରେ ଜଣେ ଲେଖାଏ ଆକ୍ରାନ୍ତ କରୋନାରେ ମରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହୋଇଛି। ନୟାଗଡ଼ର ଜଣେ ୩୦ବର୍ଷୀୟ ଆକ୍ରାନ୍ତଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ରାଜ୍ୟରେ ଏବେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୩୮ରେ ପହଞ୍ଚିଛି।

# ବ୍ରହ୍ମପୁରରେ ୨ ନୂଆ କୋଭିଡ୍ ହସ୍ପିଟାଲ

**ଭୁବନେଶ୍ୱର,୧।୮(ବ୍ୟୁରୋ)/ ବ୍ରହ୍ମପୁର ଅଫିସ**



ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନ କରୁଛନ୍ତି।

ବ୍ରହ୍ମପୁରରେ ଆଉ ଦୁଇଟି ନୂଆ କୋଭିଡ୍ ହସ୍ପିଟାଲ ଶନିବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୧୫୦ ଲେଖାଏ ମୋଟ ୩୦୦ ଶଯ୍ୟା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଗଞ୍ଜାମ ଜିଲାରେ ସଂକ୍ରମଣ ହାର କ୍ରମାଗତ ଭାବରେ କମୁଛି। ସେହିଭଳି ଆରୋଗ୍ୟ ହାର ଜାତୀୟ ହାରଠାରୁ ଅଧିକ ରହିଛି। ଜିଲାର ୮୫ ପ୍ରତିଶତ ଗ୍ରାମାଞ୍ଚଳ ଗ୍ରୀନ୍ ଜୋନ୍ ବା ସବୁଜ ଅଞ୍ଚଳରେ ରହିଛି। ମାତ୍ର ଯେପର୍ଯ୍ୟନ୍ତ ଟିକା ବା କୋଭିଡ୍-୧୯ର ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ନ ବାହାରିଛି ସେପର୍ଯ୍ୟନ୍ତ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ଓ ସରକାରଙ୍କ କୋଭିଡ୍ ନିୟମାବଳୀର ପାଳନ ଏହି ମହାମାରୀ ବିରୋଧରେ ଲଢେଇର ଏକମାତ୍ର ଉପାୟ। ଜନସାଧାରଣ କୋଭିଡ ନିୟମାବଳୀକୁ ହାଲୁକା ଭାବରେ ନ ନେଇ ଏହାର ଗୁରୁତ୍ୱକୁ ଭଲ ଭାବରେ ବୁଝନ୍ତୁ। ନିଜର ତଥା ପରିବାରର ସୁରକ୍ଷା ଦୃଷ୍ଟିରୁ ନିୟମକୁ କଡାକଡି ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଗହଳି ସ୍ଥାନକୁ ନ ଯିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇ ସେ କହିଲେ, ଅନ୍‌ଲକ୍-୧ ପରେ ଦେଶର ହଟ୍‌ସ୍ପଟ୍ ଅଞ୍ଚଳରୁ ବହୁ ଓଡ଼ିଆ ନିଜ ଘରକୁ ଫେରିଛନ୍ତି। ଆମ କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ, ନିଷ୍ଠା ଓ ବିଶେଷକରି ଜନସାଧାରଣଙ୍କ ସହଯୋଗ ଯୋଗୁ ଗଞ୍ଜାମ ଜିଲା ଏବେ ମହାମାରୀ ବିରୋଧରେ ସଫଳତାର ସହ ଲଢେଇ ଜାରି ରଖିଛି। ଏଥିପାଇଁ ଜିଲା ପ୍ରଶାସନ ଓ ଗଞ୍ଜାମବାସୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। କରୋନା ମହାମାରୀ କବଳରୁ ଲୋକଙ୍କ ଜୀବନରକ୍ଷା ନିମନ୍ତେ ସରକାର ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ନିୟମ ମାନିବାକୁ ଆହ୍ୱାନ

ଉକ୍ତ ଦୁଇ କୋଭିଡ୍ ହସ୍ପିଟାଲ ମଧ୍ୟରୁ ଗୋଟିଏ ବ୍ରହ୍ମପୁରର କନିଷ୍ଠିତ ଅମିତ୍ ହସ୍ପିଟାଲରେ ସ୍ଥାପନ କରାଯାଇଛି। ଏଠାରେ କଟକର ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ୧୫୦ ଶଯ୍ୟାର ବ୍ୟବସ୍ଥା ରହିଥିବାବେଳେ ୨୪ଟି ଆଇସିୟୁ ଶଯ୍ୟା ରହିଛି। ସେହିଭଳି ଅନ୍ୟଟି ଏମ୍‌କେସିଜି ହସ୍ପିଟାଲର ଶିଶୁ ୱାର୍ଡରେ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ମଧ୍ୟ ୧୫୦ଟି ଶଯ୍ୟା ଓ ୨୪ ଶଯ୍ୟା ବିଶିଷ୍ଟ ଆଇସିୟୁ ରହିଛି। କନିଷ୍ଠ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅତିଥି ଭାବେ ଉପସ୍ଥିତ ଥିଲେ। ଏମ୍‌କେସିଜିରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଦକ୍ଷିଣାଞ୍ଚଳ ଆର୍‌ଡିସି ଟି.ଆଓ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ବିଜେଡି ଜିଲା ସଭାପତି ଡ଼ା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଏମ୍‌କେସିଜି ମେଡିକାଲ କଲେଜ ଡିନ୍ ପ୍ରଫେସର ଡ଼ା.ଦୀପ୍ତିମୟୀ ତ୍ରିପାଠୀ, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ଼ା.ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏପଟେ ଭୁବନେଶ୍ୱରଠାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ବ୍ରହ୍ମପୁରର ଶୀତଳାପଲ୍ଲୀଠାରେ ଟାଟା କୋଭିଡ୍ ହସ୍ପିଟାଲ କାର୍ଯ୍ୟ କରୁଛି।

# ପାଣିରେ ବୁଡ଼ି ଜଣେ ମୃତ

**ମାହାଙ୍ଗା,୧।୮(ସ୍ୱ.ପ୍ର.)**

ପାଣିରେ ବୁଡ଼ି ମାହାଙ୍ଗା ଥାନା ଅନ୍ତର୍ଗତ ବରାହିପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଗନ୍ଧର୍ବ ସେଠୀଙ୍କ ପୁଅ ଇନ୍ଦ୍ରମଣି ସେଠୀ (୫୦)। ସକାଳେ ସେ ଘର ନିକଟ ଜରିଆ ଝିଲ୍ଲୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଥିଲେ । ଘର ଲୋକେ ଖୋଜାଖୋଜି କରି ନ ପାଇବା ପରେ କୁଆଁପାଳ ଦମକଳବାହିନୀକୁ ଖବର ଦେଇଥିଲେ । ଖବର କୁଆଁପାଳ ଦମକଳବାହିନୀ ଟିମ୍ ସେଠାରେ ପହଞ୍ଚି ଜରିଆ ଝିଲ୍ଲୀରେ ଖୋଜା ଖୋଜି କରି ଇନ୍ଦ୍ରମଣିଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ ତୁରନ୍ତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ଇନ୍ଦ୍ରମଣିଙ୍କୁ ମୃତ ଘୋଷଣା କରିଥିଲେ ।

SHREE JAGANNATH TEMPLE OFFICE, PURI
Invitation Bids No. 5919 Dt.31.07.20
For providing Management, Maintenance, House Keeping Service, Security Arrangement for Three Guest Houses at Grand Road, Puri under Shri Jagannath Temple Administration.
Visit Website: www.jagannath.nic.in, Last Date: 25.08.2020.
Sd./- Administrator (Niti)
Shri Jagannath Temple, Puri

CLASSIFIED DISPLAY
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

SMS
SENDING WORK
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7326805892

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅନ୍ଧକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ - ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137


ଇଦ୍-ଉଜ୍-ଜୁହା ଅବସରରେ ନୂଆଦିଲ୍ଲୀସ୍ଥିତ ଜାମା ମସ୍‌ଜିଦ୍‌ରେ ଶନିବାର ସମୂହ ନମାଜ ପାଠ।

# ୬ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧।୮(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୬ଟି ଜିଲାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହି ଜିଲାଗୁଡ଼ିକ ହେଲା ମାଲକାନଗିରି, ସୁନ୍ଦରଗଡ଼, ରାୟଗଡ଼ା, ଗଜପତି, କୋରାପୁଟ ଓ କେନ୍ଦୁଝର। ତେବେ ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, କଟକ, ଦେବଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଦୁର୍ବଳ ରହିଛି। କେଉଁଠି କେମିତି କାଁ ଭାଁ ବର୍ଷା ହେଉଥିବା ବେଳେ ଅଧା ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲାଣି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୧୬ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ଭାବେ ରାଜ୍ୟରେ ୫୭୩.୪ ମିଲିମିଟର ହେବା ଜାଗାରେ ହୋଇଛି ୪୭୮.୮ ମିଲିମିଟର । ତେବେ ଅଗଷ୍ଟ ୪ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇପାରେ। ଲଘୁଚାପ ପ୍ରଭାବରେ ଅଗଷ୍ଟ ୩ରୁ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହୋଇପାରେ। ଅଗଷ୍ଟ ୪ରୁ ୬ ତାରିଖ ମଧ୍ୟରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି । ବିଶେଷକରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଶ୍ୱଶୁର ଘର ଯାଇ କରୋନା ପଜିଟିଭ୍

ଚୌଦ୍ୱାର, (ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ମୁଣ୍ଡମାଳ ଗ୍ରାମରେ ଜଣେ ବ୍ୟକ୍ତି କରୋନା ସଂକ୍ରମିତ ହୋଇଛନ୍ତି। ଚିହ୍ନଟ ବ୍ୟକ୍ତି ଜଣକ ଗଞ୍ଜାମ ଜିଲାର ହୋଇଥିବାବେଳେ ଗତ ସୋମବାର ମୁଣ୍ଡମାଳସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଆସିଥିଲେ। ତାଙ୍କୁ ଏଠାରେ ଜ୍ୱର ହେବାରୁ ପରିବାର ଲୋକେ କଟକ ବଡ଼ ମେଡ଼ିକାଲ ନେଇଥିଲେ। ସେଠାରେ ତାଙ୍କ ନମୁନା ପରୀକ୍ଷା କରାଯିବାରୁ ପଜିଟିଭ ବାହାରିଥିଲା। ପୌରପାଳିକା ତରଫରୁ ଉକ୍ତ ଘରକୁ ସାନିଟାଇଜ୍ କରାଯିବା ସହ ପରିବାରର ସମସ୍ତେ ଗୃହ ସଙ୍ଗରୋଧରେ ରହିବାକୁ ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୬ ଗିରଫ

**ପୁରୀ ଅଫିସ,୧।୮:** ବାସେଳି ସାହି ଥାନା ପୋଲିସ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଚଢ଼ାଉ କରି ଏକ ଡକାୟତି ଯୋଜନା ପଣ୍ଡ କରିଛି। ପୋଲିସ ଡକାୟତି ଯୋଜନା କରୁଥିବା ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗୋଖା ସାହିର ଅଜୟ ବେହେରା, ସର୍ବେଶ୍ୱର ବେହେରା, ଚନ୍ଦନପୁର ଥାନା ଅନ୍ତର୍ଗତ ନଉଡିକେରାର ରାମଚନ୍ଦ୍ର ମହାପାତ୍ର, ପୁରୀ ସଦର ଥାନା ଅନ୍ତର୍ଗତ ଚମାରକେରାର ଚନ୍ଦ୍ରଶେଖର ସାହୁ, ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁରର ସୁଶୀଲ ରାଉତ ଓ ଚନ୍ଦନପୁର ଥାନା ଅନ୍ତର୍ଗତ ବେଦରପଡ଼ାର କାଳିଆ ମୁଦିଲି। ପୋଲିସ ସେମାନଙ୍କଠାରୁ ଲୁହାରଡ, ୩ ଖଣ୍ଡା, ୧୦ଟି ମଦ ବୋତଲ ସହ ଡକାୟତି ପାଇଁ ବ୍ୟବହୃତ ଅନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ଶନିବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଶୁକ୍ରବାର ରାତିରେ ଲୋକନାଥ ମନ୍ଦିର ନିକଟ କାଜୁ ଜଙ୍ଗଲ ଭିତରେ ପଶି ନିଶାପାନ କରିବା ସହ ଡକାୟତି ପାଇଁ ଯୋଜନା କରୁଥିଲେ। ଏକ ବିଶେଷ ସୂତ୍ରରୁ ବାସେଳି ପୋଲିସ ଖବରପାଇଥିଲା। ଏ ସମ୍ପର୍କରେ ସେହି ଜାଗାରେ ରାତିରେ ପାଟ୍ରୋଲିଂରେ ଯାଇଥିବା ପୋଲିସକୁ ଜଣାଇବା ପରେ ଉକ୍ତ ସ୍ଥାନରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି।

### ରାଖୀ ଦୋକାନ ସିଲ୍

**କଟକ ଅଫିସ,୧।୮:** ଗତ ୧୪ଦିନ ଧରି ଦୋକାନ ବନ୍ଦ ଥିବାରୁ ରାଖୀ କିଣା ହୋଇପାରି ନ ଥିଲା। ରାଖୀ ପୂର୍ଣ୍ଣିମାକୁ ଆଉମାତ୍ର ଗୋଟିଏ ଦିନ ବାକି ଥିବାବେଳେ କଟକଣା କୋହଳ ହେବା ପରେ କଟକ ବଜାରରେ ଲୋକଙ୍କ ଭିଡ଼ ଜମିଥିଲା। ସେଥିପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ଦରଘା ବଜାର, ଚୌଧୁରୀ ବଜାର ପରି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଛି। ସିଏମ୍‌ସି ଏନଫୋର୍ସମେଣ୍ଟ ଟିମ ଶନିବାର ପୁରୀଘାଟ ଥାନା ପୋଲିସ ସହଯୋଗରେ ୩ଟି ଦୋକାନ ସିଲ୍ କରିଛି। ସେଥିରୁ କେଉଟ ସାହି ଅଞ୍ଚଳର ୨ଟି ରାଖୀ ଦୋକାନ ଓ ଗୋଟିଏ ଦଉଡ଼ି ଗୋଦାମ ରହିଛି। ଉକ୍ତ ଦୋକାନରେ ସାମାଜିକ ଦୂରତ୍ୱ ପାଳନ ହେଉ ନ ଥିବାରୁ ସିଲ୍ କରାଯାଇଥିବା ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ କହିଛନ୍ତି।

### ଡକାୟତି ଯୋଜନା, ୨ ଗିରଫ

**ପୁରୁଣା ଭୁବନେଶ୍ୱର,୧।୮(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜ ଥାନା ଅଧୀନ ପୁରୁଣା ଭୁବନେଶ୍ୱର ମଶାଣି ପଡ଼ିଆରେ ଡକାୟତି ଯୋଜନା କରୁଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ କୁଞ୍ଜପାଟଣା ସାହିର ସୁଶାନ୍ତ କୁମାର ନାୟକ ଓରଫ ବାବୁନି(୩୪) ଏବଂ କପିଳେଶ୍ୱର ପାଟଣାସାହିର ବୃନ୍ଦାବନ ପ୍ରଧାନ(୨୮)। ଏମାନଙ୍କ ନିକଟରୁ ଲୁହାରଡ ଓ ଛୁରି ଜବତ୍ ହୋଇଛି। ସୂଚନା ମୁତାବକ, ପୁରୁଣା ଭୁବନେଶ୍ୱରର ମଶାଣି ପଡ଼ିଆରେ ଡକାୟତି ଯୋଜନା ହେଉଥିବା ନେଇ ପୋଲିସ ବିଶେଷସୂତ୍ରରୁ ଖବର ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତ ସେଠାରୁ ଖସିଯାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୧/୨୦)ରୁଜୁକରି ତଦନ୍ତ ଚଳାଇଛି।

# ସେବାଶ୍ରମରେ କ୍ରାଇମବ୍ରାଞ୍ଚର ଖୋଳତାଡ଼

**ଆଦିତ୍ୟ ମୃତ୍ୟୁ ମାମଲା**

- ଆଶ୍ରମର ଆର୍ଥିକ କାରବାର ଉପରେ ଛାନ୍‌ଭିନ୍
- ଲାଏଡିଟେକ୍ଟରର ଟେଷ୍ଟ ପାଇଁ ଦାବି କଲେ ଆଦିତ୍ୟଙ୍କ ବାପା

ଭୁବନେଶ୍ୱର,୧।୮(ବ୍ୟୁରୋ)

ମାନବପ୍ରେମୀ ଆଦିତ୍ୟ ଦାଶ ମୃତ୍ୟୁ ମାମଲାରେ ଶନିବାର କ୍ରାଇମବ୍ରାଞ୍ଚର ୪ ଜଣିଆ ଟିମ୍ ସୁନ୍ଦରପଦାସ୍ଥିତ ପିପୁଲ ଫର୍ ସେବାଶ୍ରମକୁ ଯାଇ ଛାନଭିନ୍ କରିଛି। ସେବାଶ୍ରମରେ ଥିବା ଆଦିତ୍ୟଙ୍କ ଚାମ୍ବରରେ ଅଧିକାରୀମାନେ ଆବଶ୍ୟକ ଯାଞ୍ଚ ପରେ ସେ ବ୍ୟବହାର କରିଥିବା କିଛି ସାମଗ୍ରୀ ନେଇଥିବା ଜଣାପଡ଼ିଛି। ବିଶେଷକରି ଆଶ୍ରମର ଆର୍ଥିକ କାରବାର ଉପରେ କ୍ରାଇମବ୍ରାଞ୍ଚର ଫୋକସ୍ ରହିଛି। ତେଣୁ ସେବାଶ୍ରମ ଫଣ୍ଡରେ କେତେ ଟଙ୍କା ରହିଥିଲା, କେତେ ଟଙ୍କା କେଉଁଠୁ ଆସିଛି ଓ କେତେବେଳେ ଉଠାଯାଇଛି ତାହା ଜାଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଅର୍ଥ କାରବାର ନେଇ କାଗଜପତ୍ର ଯାଞ୍ଚ କରିଛନ୍ତି ତଦନ୍ତକାରୀ ଟିମ୍। ଏହାସହ ଆଦିତ୍ୟଙ୍କ ସହଯୋଗୀ ବିକାଶର ଭଉଣୀଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରାଯାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଜବତ ଡାଏରୀରେ ଲେଖା ହୋଇଥିବା ସୁଇସାଇଡ୍ ନୋଟ୍ ଆଦିତ୍ୟ ନିଜେ ଲେଖିଥିବା ନେଇ ଷ୍ଟେଟ୍ ହ୍ୟାଣ୍ଡ ରାଇଟିଂ ବ୍ୟୁରୋ ରିପୋର୍ଟ ଦେଇଥିଲେ ମଧ୍ୟ ପରିବାର ଲୋକେ ଏହାକୁ ବିଶ୍ୱାସ କରୁନାହାନ୍ତି। ଏନେଇ ଆଦିତ୍ୟଙ୍କ ବାପା କହିଛନ୍ତି, ତାଙ୍କୁ ଜବରଦସ୍ତି କେହି ଏହି ଡାଏରୀ ଲେଖିବାକୁ କହିଛନ୍ତି। ତାପରେ ପଡ଼ି ଆଦିତ୍ୟ ତାହାକୁ ଲେଖିବା ପରେ ତାଙ୍କୁ ହତ୍ୟା କରାଯାଇ ଟ୍ରେନ୍ ଲାଇନ୍‌ରେ ଫିଙ୍ଗି ଦିଆଯାଇଛି। ଆଦିତ୍ୟ କେବେ ଆତ୍ମହତ୍ୟା କରିପାରିବେ ନାହିଁ। ଅନେକ ଭିଡିଓରେ ସେ ଆତ୍ମହତ୍ୟା ନ କରିବା ପାଇଁ ପ୍ରେରଣା ଦେଇଛନ୍ତି। ଯିଏ ଏହି ଭିଡିଓ ଦେଖିବ ସେ ଆତ୍ମହତ୍ୟା କରିବାକୁ ଯାଉଥିଲେ ପଳାଇ ଆସିବ। କିନ୍ତୁ ସମସ୍ତେ ଏଠାରେ ଭିନ୍ନ ଭିନ୍ନ କଥା କହୁଛନ୍ତି। ତେଣୁ ସହଯୋଗୀ ବିକାଶ, ପପୁ, ପ୍ରୀତମ୍ ଓ ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀଙ୍କର ଲାଏଡିଟେକ୍ଟର ଟେଷ୍ଟ କରାଯିବା ଆବଶ୍ୟକ। ପୂର୍ବରୁ ଜିଆରପି ଉପରେ ମୋର ଭରସା ନ ଥିଲା। ତେଣୁ କ୍ରାଇମବ୍ରାଞ୍ଚ ମାମଲା ହାତକୁ ନେଇ ୩ ଦିନରେ ଏକାଧିକ ବ୍ୟକ୍ତିଙ୍କୁ ଖୋଳତାଡ଼ କରୁଥିବାରୁ ଖୁବ୍‌ଶୀଘ୍ର ମାମଲାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

### ଆଦିତ୍ୟଙ୍କ ବସ୍ତ୍ର ଗାଏବ, ଲୁଚିଛି ରହସ୍ୟ

ଆଦିତ୍ୟଙ୍କ ମୃତ୍ୟୁକୁ ନେଇ ଆଉ ଗୋଟିଏ ରହସ୍ୟ ଏବେ ସାମ୍ନାକୁ ଆସିଛି। ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଆଦିତ୍ୟ ପିନ୍ଧିଥିବା ଧୋତି ଓ ନାଲି ରଙ୍ଗର ଟି-ଶାର୍ଟ ତାଙ୍କ ଘରୁ କୁଆଡେ ଗାଏବ ହୋଇଯାଇଛି। ଘଟଣାଦିନ ତାହାକୁ ପିନ୍ଧି ଆଦିତ୍ୟ ଓ ବିଦ୍ୟାଶ୍ରୀ ସେଦିନ ମନ୍ଦିର ଯାଇଥିଲେ। ଆଦିତ୍ୟଙ୍କ ମୃତ୍ୟୁ ପରଠୁ ଏହି ବସ୍ତ୍ର ଆଉ ମିଳୁନି। ତେଣୁ ତଦନ୍ତ କରି ଏହି ବସ୍ତ୍ରକୁ ବାହାର କରିବାକୁ କ୍ରାଇମବ୍ରାଞ୍ଚକୁ ନିବେଦନ କରିଛନ୍ତି ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀ। ଏହି ବସ୍ତ୍ରରେ ଆଦିତ୍ୟଙ୍କ ମୃତ୍ୟୁର ରହସ୍ୟ ଲୁଚି ରହିଥିବା କୁହାଯାଉଛି। କ୍ରାଇମବ୍ରାଞ୍ଚ ଜେରାବେଳେ ବିଦ୍ୟାଶ୍ରୀ ଆଦିତ୍ୟଙ୍କ ସହଯୋଗୀ ପପୁ ଓ ବିକାଶ ଉପରେ ଅନେକ ଦୋଷ ଲଦିଛନ୍ତି। ସେବାଶ୍ରମର ଆର୍ଥିକ ସ୍ଥିତି ଖରାପ ହେବା ପଛରେ ଏହି ଦୁଇ ସହଯୋଗୀ ଦାୟୀ ବୋଲି ସେ କହିଛନ୍ତି।


ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ସର୍ଜରୀ ଓଟି ପରିସରକୁ ବିଶୋଧନ କରାଯାଉଛି।

# ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓଟି ସିଲ୍

- ଡାକ୍ତର, ଷ୍ଟାଫନର୍ସଙ୍କୁ କରୋନା ପରେ ପଦକ୍ଷେପ
- ହଇରାଣ ହେଉଛନ୍ତି ରୋଗୀ

ପୁରୀ ଅଫିସ,୧।୮

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁ ପରେ ଏବେ ଅପରେଶନ ଥିଏଟର (ଓଟି) ସିଲ୍। ସ୍ତ୍ରୀ ଓ ପ୍ରସୂତି ବିଭାଗର ଜଣେ ଡାକ୍ତର, ଷ୍ଟାଫନର୍ସ, ଏଏନ୍‌ଏମ୍ ଏବଂ ସିକ୍ୟୁରିଟି ଗାର୍ଡ କରୋନା ପଜିଟିଭ ଚିହ୍ନଟ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ତେବେ ଓଟି ସିଲ୍ ହେବା ପରେ ହସ୍ପିଟାଲ ପରିସରରେ ଅଭାବନୀୟ ପରିସ୍ଥିତି ଉପୁଜିଛି। ରୋଗୀ ଓ ସମ୍ପର୍କୀୟମାନେ ହନ୍ତସନ୍ତ ହେଉଛନ୍ତି। ଏପରି କି ଶନିବାର ସକାଳେ ଓଟି ବାହାରେ ରୋଗୀ ଏବଂ ସମ୍ପର୍କୀୟ ଦୀର୍ଘସମୟ ବସି ରହିଥିଲେ। ପରେ ଓଟିକୁ ସାନିଟାଇଜ୍ କରାଯାଇଥିଲେ ମଧ୍ୟ ଏହାକୁ ବନ୍ଦ କରି ଦିଆଯାଇଛି। ଗୁରୁତର ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ଯିବା ଲାଗି ହସ୍ପିଟାଲ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଗରିବ ଶ୍ରେଣୀର ରୋଗୀମାନେ କେଉଁଆଡ଼େ ଯିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

ସ୍ତ୍ରୀ ଓ ପ୍ରସୂତି ବିଭାଗ ନବଜାତକ ଶିଶୁଙ୍କ ସହିତ ଜଡ଼ିତ ଥିବାରୁ ଏଥିପ୍ରତି ସେହିଭଳି ଯତ୍ନବାନ ହେବା ଆବଶ୍ୟକ। ବର୍ତ୍ତମାନ କରୋନାର ପ୍ରକୋପ ଅଧିକ ରହିଛି। କମ୍‌ସମୟ ମଧ୍ୟରେ ବି କରୋନା ଟେଷ୍ଟ ହୋଇପାରୁଛି। ହସ୍ପିଟାଲକୁ ଆସୁଥିବା ପ୍ରସୂତିଙ୍କ ଆଣ୍ଟିଜେନ୍ ଟେଷ୍ଟ କରି ଅଳ୍ପ ସମୟ ମଧ୍ୟରେ ରିପୋର୍ଟ ଜାଣିବାର ସୁଯୋଗ ରହୁଛି। ତେଣୁ କର୍ତ୍ତୃପକ୍ଷ ଏହାକୁ ନ ଆପଣାଇବା ଫଳରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ସ୍ଥିତି ଉପୁଜିଛି ବୋଲି କେତେଜଣ କର୍ମଚାରୀ କହୁଛନ୍ତି। ହସ୍ପିଟାଲ କର୍ମଚାରୀ ଯଦି କରୋନାରେ ଆକ୍ରାନ୍ତ ହୁଅନ୍ତି ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେବ। ତେଣୁ ଏଦିଗରେ କର୍ତ୍ତୃପକ୍ଷ ସଚେତନ ହେବା ଦରକାର ବୋଲି କୁହାଯାଉଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀ ପଜିଟିଭ ଚିହ୍ନଟ ହେବାପରେ କେତେକ ରୋଗୀ ଅନ୍ୟତ୍ର ପଳାଇ ଯାଇଛନ୍ତି। ସେହିପରି କେତେଜଣ ଡାକ୍ତର ଏବଂ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ରହିବା ପାଇଁ କୁହାଯାଇଛି। ବର୍ତ୍ତମାନ ଆଇସିୟୁ ଏବଂ ଓଟି ସିଲ୍ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। ସୂଚନାଥାଉ କି, ଗତ ୨୪ତାରିଖରେ ଆଇସିୟୁରେ ଚିକିତ୍ସିତ ଜଣେ ରୋଗୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହା ପରଠାରୁ ଆଇସିୟୁକୁ ସିଲ୍ କରିଦିଆଯାଇଛି।

# ଏକାଦଶୀରେ ଗଡ଼ଖୋର୍ଦ୍ଧାରୁ ଯାଏ ତୁଳସୀ

ଖୋର୍ଦ୍ଧା ଅଫିସ,୧।୮

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ତୁଳସୀକୁ ନେଇ ପ୍ରାଚୀନ କାଳରୁ ବିଶେଷ ମହତ୍ତ୍ୱ ରହି ଆସିଛି। ମହାପ୍ରଭୁଙ୍କ ମଇଲମ ନୀତି, ଭୋଗ ନୀତି, ଶ୍ରୀଅଙ୍ଗ ଭଳି ପ୍ରତିଟି କାର୍ଯ୍ୟରେ ତୁଳସୀ ବ୍ୟବହାର ହୋଇଥାଏ। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳସୀ ଉପବନ ରହିଛି। ଏହା ସହ ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ଏବଂ ବିଭିନ୍ନ ସ୍ଥାନରୁ ମହାପ୍ରଭୁଙ୍କ ଲାଗି ତୁଳସୀ ଶ୍ରୀମନ୍ଦିରକୁ ଆସିଥାଏ। ଗଡ଼ଖୋର୍ଦ୍ଧାରେ ରହୁଥିବା ପ୍ରଫୁଲ୍ଲ ସାହୁ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ଗତ ୧୪ବର୍ଷ ଧରି ମହାପ୍ରଭୁଙ୍କ ଏକାଦଶୀ ଲାଗି ତୁଳସୀ ଯୋଗାଇ ଆସୁଛନ୍ତି। ନିଷ୍ଠା ଏବଂ ରୀତିନୀତିରେ ବିଭିନ୍ନ ସ୍ଥାନରୁ ତୁଳସୀ ସଂଗ୍ରହ କରି ଶ୍ରୀମନ୍ଦିରକୁ ପଠାଇଥାନ୍ତି।

ପ୍ରଫୁଲ୍ଲଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ମାସରେ ମୁଁ ଓ ସୌଦାମିନୀ ମହାପ୍ରଭୁଙ୍କ ଏକାଦଶୀ ଦର୍ଶନ ଲାଗି ପୁରୀ ଯାଇଥାଉ। ୨୦୦୬ ମସିହାରେ ଦିନେ କେଇଲି ବୈକୁଣ୍ଠରେ କେତେଜଣ ଫୁଲ ଗୁହାଳି ମହାପ୍ରଭୁଙ୍କ ଲାଗି ଫୁଲ ଗୁନ୍ଥୁଥିବା ଦେଖି ଆମେ ଫୁଲ ଗୁନ୍ଥିବାକୁ ସେମାନଙ୍କୁ କହିଥିଲୁ। ସେମାନେ ମନା କରିଥିଲେ। ଆପଣ ଚାହିଁଲେ ଫୁଲ ତୁଳସୀ ଆଣି ଦେଇପାରିବେ ବୋଲି କହିଥିଲେ। ଏହା ପରେ ମହାପ୍ରଭୁଙ୍କୁ ଗୁହାରି ଜଣାଇ ଫେରିଥିଲୁ। ପର ଦିନ ସକାଳେ ବିଭିନ୍ନ ସ୍ଥାନରୁ ତୁଳସୀ ସଂଗ୍ରହ କରି ଏକ ବ୍ୟାଗରେ ଶ୍ରୀକ୍ଷେତ୍ର ତୁଳସୀ ନାମରେ ବସରେ ପୁରୀ ପଠାଇଥିଲି। ପରେ ଗଡ଼ଖୋର୍ଦ୍ଧା ମଠ ପରିସରରେ ଏକ ତୁଳସୀ ଉପବନ ଆରମ୍ଭ କରି ଦୈନିକ ତୁଳସୀ ପଠାଇଲୁ। ପରେ ଏହି ସେବାରେ ବନ୍ଧୁ ଶିଶିର ପରିଡା, ବିନାୟକ ଦଳସିଙ୍ଗରାୟ ଓ ବହୁ ପରିବାରର ମହିଳା ସାମିଲ ହୋଇଥିଲେ। ଠାକୁରଙ୍କ ଆଶୀର୍ବାଦରୁ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ ବୋଲି ପ୍ରଫୁଲ୍ଲ କହିଛନ୍ତି।


ମହିଳା ଶ୍ରଦ୍ଧାଳୁମାନେ ତୁଳସୀ ତୋଳୁଛନ୍ତି।

- ମହାପ୍ରଭୁଙ୍କ ସେବାରେ ୧୪ବର୍ଷ
- ବିଭିନ୍ନ ସ୍ଥାନରୁ ତୁଳସୀ ସଂଗ୍ରହ ହୋଇଥାଏ

# ଚିକିତ୍ସା ନ ପାଇ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

- ସିଏମ୍‌ସି ଗାଡ଼ି ନ ଆସିବାରୁ କୋଭିଡ୍ ହସ୍ପିଟାଲ ଯାଇପାରିଲେନି

କଟକ ଅଫିସ,୧।୮

କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ରିପୋର୍ଟ ଆସିବାର ଗୋଟିଏ ଦିନ ପରେ କଟକ ସହରର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ଘରୋଇ ଡାକ୍ତରଖାନାରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲ ପଠାଯିବା କଥା। କିନ୍ତୁ ସିଏମ୍‌ସି ଗାଡ଼ି ତାଙ୍କୁ ନେବା ପାଇଁ ଆସିଲା ନାହିଁ କି ସେ କୋଭିଡ୍ ହସ୍ପିଟାଲ ଯାଇପାରିଲେ ନାହିଁ। ଫଳରେ ସେହି ଘରୋଇ ହସ୍ପିଟାଲରେ ହିଁ ଶନିବାର ତାଙ୍କର ମୃତ୍ୟୁ ହୋଇଛି। ସିଏମ୍‌ସିର ଦାୟିତ୍ୱହୀନତା ଓ ଚିକିତ୍ସା ଅଭାବରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ପରିବାର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କଟକ ସହର ଥୋରିଆ ସାହିର ଜଣେ ବ୍ୟକ୍ତି ଶ୍ୱାସକ୍ରିୟା ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଶୁକ୍ରବାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ତାଙ୍କର କୋଭିଡ୍ ଟେଷ୍ଟ କରାଯିବା ପରେ ରିପୋର୍ଟ ପଜିଟିଭ ଆସିଥିଲା। ତେଣୁ ତାଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯିବା ସହ ସିଏମ୍‌ସିକୁ ଖବର ଦିଆଯାଇଥିଲା। କିନ୍ତୁ ଗୋଟିଏ ଦିନ ବିତିଯିବା ପରେ ମଧ୍ୟ ସିଏମ୍‌ସିର ସ୍ୱତନ୍ତ୍ର ଗାଡ଼ି ତାଙ୍କୁ ନେବା ପାଇଁ ଆସି ନ ଥିଲା। ଫଳରେ କୋଭିଡ୍ ହସ୍ପିଟାଲ ଯାଇ ନ ପାରି ଚିକିତ୍ସା ଅଭାବରୁ ଶନିବାର ପୂର୍ବାହ୍ନ ୧୧ଟାରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ଭାଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀକରି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପରେ ମୃତଦେହ ସିଏମ୍‌ସିର ସ୍ୱତନ୍ତ୍ର ଗାଡ଼ିରେ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶୁକ୍ରବାର ବେଡ୍ ଖାଲି ନ ଥିବାରୁ ତାଙ୍କୁ କୋଭିଡ୍ ହସ୍ପିଟାଲ ନେବା ପାଇଁ ବ୍ୟବସ୍ଥା କରାଗଲା ନାହିଁ। ଶନିବାର ପୂର୍ବାହ୍ନ ୧୦ଟାରେ ବେଡ୍ ଖାଲି ହେଲା ବୋଲି ମେଡିକାଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# କୋଭିଡ୍ ଆଇସିୟୁରେ ଆଖିବୁଜିଲେ ଆହତ ବୃଦ୍ଧା

**ଛୁରି ଭୁସି ସୁନା ଅଳଙ୍କାର ଲୁଟ୍ ଘଟଣା**

ଭୁବନେଶ୍ୱର,୧।୮ (ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଏନ୍-୪ରେ ରହୁଥିବା ବରିଷ୍ଠ ନାଗରିକ ତୁଳସୀ ଦେଇ(୭୧)ଙ୍କ ଘରେ ପଶି ଲୁଟେରାମାନେ ତାଙ୍କୁ ଛୁରିରେ ଆକ୍ରମଣ କରି ସୁନାଗହଣା ଲୁଟି ନେଇଥିଲେ। ଛୁରାମାଡ଼ ଯୋଗୁ ମହିଳାଙ୍କ ଆଙ୍ଗୁଠି ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ କାନ ଛିଣ୍ଡିଯାଇଥିଲା। ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରାଯାଉଥିଲା। ଏହି ସମୟରେ ସେ କରୋନା ପଜିଟିଭ୍ ଚିହ୍ନଟ ହେବାରୁ ତାଙ୍କୁ କୋଭିଡ଼ ହସ୍ପିଟାଲ ସ୍ଥାନାନ୍ତର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଛି।

ଅନ୍ୟପକ୍ଷରେ ତୁଳସୀଙ୍କର କୋଭିଡ଼ରେ ନା ଛୁରାମାଡ଼ ଯୋଗୁ ମୃତ୍ୟୁ ଘଟିଛି, ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି ନୟାପଲ୍ଲୀ ପୋଲିସ। ତେଣୁ ଡାକ୍ତରୀ ରିପୋର୍ଟକୁ ଅପେକ୍ଷା କରିଛି। ଏହି ଘଟଣାରେ ପୋଲିସ ମାମଲା ନଂ.୨୭୫/୨୦ ରୁଜୁ କରିଛି। ଯଦି ଛୁରାମାଡ଼ ଯୋଗୁ ମୃତ୍ୟୁ ହୋଇଥିବା ରିପୋର୍ଟ ଆସିବ ତେବେ ତାହାକୁ ହତ୍ୟା ମାମଲାରେ ପରିଣତ କରାଯିବ ବୋଲି ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି। ତେବେ ଏହି ଘଟଣାରେ ଏବେବି ଲୁଟେରା ଗ୍ୟାଙ୍ଗକୁ ଠାବ କରିପାରିନି ପୋଲିସ। ଫଳରେ ସହରର ବରିଷ୍ଠ ନାଗରିକମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୨୬ ତାରିଖ ରାତି ୯ଟାରେ ତୁଳସୀ ଦେଇଙ୍କ ସ୍ୱାମୀ ବାହାରକୁ ଚାଲିଯାଇଥିବାବେଳେ ଘରେ ସେ ଏକୁଟିଆ ଶୋଇଥିଲେ। ପୂର୍ବରୁ ତାଙ୍କ ଉପରେ ନଜର ରଖୁଥିବା ଲୁଟେରା ଗ୍ୟାଙ୍ଗ୍ ଘର ଭିତରକୁ ପଶି ତୁଳସୀଙ୍କୁ ଛୁରି ଭୁସି ସୁନାଗହଣା ଲୁଟି ନେଇ ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁଳସୀ ତଳେ ପଡି ଚିତ୍କାର କରୁଥିବାବେଳେ ପଡୋଶୀମାନେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ପ୍ରେମିକଙ୍କୁ ବାହାହେବା ଜିଦ୍‌ରେ ନବବିବାହିତାଙ୍କ ଧାରଣା

ମାହାଙ୍ଗା, ୧।୮(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକରେ ଜଣେ ନବବିବାହିତା ତାଙ୍କ ପ୍ରେମିକଙ୍କୁ ବାହାହେବାକୁ ଜିଦ୍ କରି ଶୁକ୍ରବାର ରାତିରେ ଧାରଣାରେ ବସିଥିଲେ। ହେଲେ ପ୍ରେମିକଙ୍କ ଘର ଲୋକ ନ ଶୁଣିବାରୁ ନବବିବାହିତାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ ମାହାଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଗତ ଜୁଲାଇ ୧୩ରେ ଯାଜପୁର ଜିଲା ବଡ଼ଚଣା ମଉରା ଅଞ୍ଚଳର ଜଣେ ଯୁବକଙ୍କ ସହ ବିବାହ ହୋଇଥିଲା। ଶୁକ୍ରବାର ଷୋହଳ ମଙ୍ଗଳାରେ ନବବିବାହିତା ଜଣଙ୍କ ତାଙ୍କ ବର ସହ ବାପଘରକୁ ବୁଲିବାକୁ ଆସିଥିଲେ। ଘରେ ପହଞ୍ଚିବାର କିଛି ସମୟ ପରେ ଗାଁ ବୁଲିବାକୁ କହି ନବବିବାହିତା ଜଣକ ବିବାହ ପୂର୍ବରୁ ପ୍ରେମ କରୁଥିବା ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ପ୍ରାୟ ୪ଘଣ୍ଟା ପରେ ନବବିବାହିତା ଜଣକ ତାଙ୍କ ପ୍ରେମିକଙ୍କ ଘରକୁ ଫେରିଥିଲେ। ଏହାଦେଖି ପ୍ରେମିକଙ୍କ ପରିବାର ସଦସ୍ୟ ଉଭୟଙ୍କ ବିବାହ ପାଇଁ ରାଜି ହେବା ସହ ନବବିବାହିତାଙ୍କୁ ବୁଝାଇଶୁଝାଇ ତାଙ୍କ ଘରକୁ ପଠାଇ ଦେଇଥିଲେ। ଏହି ବିଷୟ ଜଣାପଡ଼ିବାପରେ ନବବିବାହିତାଙ୍କ ପରିବାରଲୋକେ ବାଧ୍ୟ ହୋଇ ଜ୍ୱାଇଁ ଓ ତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିଲେ। ସନ୍ଧ୍ୟାରେ ନବବିବାହିତା ଜଣକ ପୁଣି ଥରେ ପ୍ରେମିକଙ୍କ ଘରକୁ ଯାଇଥିଲେ। ମାତ୍ର ସେତେବେଳକୁ ପ୍ରେମିକ ଓ ତାଙ୍କ ପରିବାର ଲୋକେ ଘର ତାଲା ପକାଇ ଅନ୍ୟତ୍ର ଚାଲିଯାଇଥିଲେ। ଏହାଦେଖି ଅନ୍ୟକୌଣସି ଉପାୟ ନ ପାଇ ନବବିବାହିତା ପ୍ରେମିକଙ୍କୁ ବିବାହ କରିବାକୁ ଜିଦ୍‌କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘର ଆଗରେ ଧାରଣା ଦେଇଥିଲେ। ଶନିବାର ନବବିବାହିତାଙ୍କ ବାପା ଜୟପୁର ଫାଣ୍ଡିରେ ପ୍ରେମିକଙ୍କ ପରିବାର ବିରୋଧରେ ଅଭିଯୋଗ କରିଛନ୍ତି।

# ୩୮ ହଜାର ନମୁନା ପରୀକ୍ଷା ହେଲାଣି

- ସହରାଞ୍ଚଳରେ ଅଧିକ ଟେଷ୍ଟିଂ, ଟ୍ରେସିଂକୁ ପ୍ରାଥମିକତା
- କରୋନା ସ୍ଥିତି ସମୀକ୍ଷା କଲେ କୋଭିଡ୍ ପର୍ଯ୍ୟବେକ୍ଷକ

କଟକ ଅଫିସ,୧।୮

କଟକ ଜିଲାରେ କରୋନା ନିୟନ୍ତ୍ରଣକୁ ଆସିଥିବା ବେଳେ କଟକ ସହରରେ କିନ୍ତୁ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ପ୍ରତିଦିନ ଯେତିକି ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି, ସେମାନଙ୍କ ମଧ୍ୟରେ ଅଧିକାଂଶ ଆକ୍ରାନ୍ତ ସହରାଞ୍ଚଳର। ଏଣୁ ସହରାଞ୍ଚଳରେ ଅଧିକରୁ ଅଧିକ କରୋନା ପରୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଶନିବାର ପୂର୍ବାହ୍ନରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲା ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ଶାସନ ସଚିବ ସୁଶାନ୍ତ ମହାପାତ୍ର ଅନ୍‌ଲକ୍-୩କୁ କଡ଼ାକଡ଼ି ପାଳନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ରଖାଯାଇଥିବା ତଥ୍ୟ ଅନୁଯାୟୀ, ଶୁକ୍ରବାର ସୁଦ୍ଧା ୩୭ ହଜାର ୯୪୨ଟି ନମୁନା ପରୀକ୍ଷା କରାଯାଇଛି। ଏଥିରେ ଆର୍‌ଟିପିସିଆର୍‌ରେ ୩୫ ହଜାର ୨୭୦ ଓ ଆଣ୍ଟିଜେନ୍‌ରେ ୨୬୭୨ଟି ପରୀକ୍ଷା ହୋଇଛି। ଗ୍ରାମାଞ୍ଚଳର ୧୧୬୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୯୦୭ ଜଣ ସୁସ୍ଥ ହୋଇଛନ୍ତି। କରୋନା ଯୋଗୁ ୬ ଓ ଅନ୍ୟ ରୋଗ ଯୋଗୁ ୨ ଜଣଙ୍କ ପ୍ରାଣହାନି ଘଟିଛି। ୨୪୯ ଜଣ ଚିକିତ୍ସାଧୀନ ରହିଛନ୍ତି। ସେହିଭଳି କଟକ ସହରରେ ୯୦୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୪୮୦ ଜଣ ସୁସ୍ଥ ହୋଇଛନ୍ତି। କରୋନା ଯୋଗୁ ୪ ଓ ଅନ୍ୟ ରୋଗ ଯୋଗୁ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୧୯ ଜଣ ଚିକିତ୍ସାଧୀନ ଅଛନ୍ତି। ଜିଲାରେ ମୃତ୍ୟୁହାର ମାତ୍ର ୦.୦୧ ପ୍ରତିଶତ ଓ ସୁସ୍ଥ ହାର ୬୬.୯୭ ପ୍ରତିଶତ ରହିଛି। ଜିଲାରେ କରୋନା ସଂକ୍ରମଣ ଜନିତ ଚିକିତ୍ସା ବ୍ୟାପକ କରିବା, ଟ୍ରେସିଂ, ଅଧିକ ଟେଷ୍ଟିଂ (ସ୍ୱାବ୍ ଓ ଆଣ୍ଟିଜେନ) ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଦୀର୍ଘଦିନ ହେଲା ଠପ୍ ହୋଇଥିବା ବ୍ୟବସାୟକୁ ପୁଣି ଥରେ ଗତିଶୀଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, କଟକ ଡିସିପି ପ୍ରତୀକ ସିଂ, ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ଡିନ୍ ଓ ଅଧକ୍ଷ ଡା. ପ୍ରଫେସର ଦତ୍ତେଶ୍ୱର ହୋତା, ଡିଆର୍‌ଡିଏ ପିଡି ଅବଦଲ ଅଖତର, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ କାନ୍ଥ କାହାଣୀ

ପୁରୀ ଅଫିସ,୧।୮

ଶ୍ରୀକ୍ଷେତ୍ରର ପ୍ରତିଟି କୋଣ ଅନୁକୋଣରେ ଭରିରହିଛି ଇତିହାସର ଗାଥା। ବର୍ଷତମାମ୍ ଏଠାକୁ ଦେଶ ବିଦେଶର ଯାତ୍ରୀ ଓ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସେମାନଙ୍କୁ ଆକୃଷ୍ଟ କରିବା ତଥା ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏବେ ସଜେଇ ହେଉଛି ରାସ୍ତାକଡ଼ ପ୍ରାଚୀର କାନ୍ଥ। ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଭିଆଇପି ରୋଡ଼ ପାଚେରି କାନ୍ଥରେ ପେଣ୍ଟିଂ ଆରମ୍ଭ ହୋଇଛି। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ର ଏବଂ ଅଧ୍ୟାପକମାନେ ଭିଆଇପି ରୋଡ୍ ଆୟୁର୍ବେଦ ମହାବିଦ୍ୟାଳୟ ପାଚେରିରେ ପେଣ୍ଟିଂ କରୁଛନ୍ତି। ଏ ସମ୍ପର୍କରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପୁରୀର ଅଧ୍ୟକ୍ଷ ଦୁର୍ଗାମାଧବ କର କହିଛନ୍ତି, ମ୍ୟୁନିସିପାଲିଟି ନିର୍ଦ୍ଦେଶରେ ଏହି ପେଣ୍ଟିଂ ଆରମ୍ଭ ହୋଇଛି। କିଛିବର୍ଷ ପୂର୍ବେ ଭିଆଇପି ରୋଡ୍ ଉଭୟ ପାର୍ଶ୍ୱ ପାଚେରିକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ମାତ୍ର ତାହା ନଷ୍ଟ ହୋଇଯିବାରୁ ଏବେ ପୁଣି ପେଣ୍ଟିଂ କରାଯାଉଛି। ଏଥିରେ ପୁରୀ ସହରର ଐତିହ୍ୟ, ସଂସ୍କୃତି ସହ ବିଭିନ୍ନ ପର୍ବପର୍ବାଣିକୁ ସ୍ଥାନ ଦିଆଯିବ। ସେହିପରି ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇବ। ବର୍ତ୍ତମାନ ରେଳ ବଗି ସହ ବେଳାଭୂମିରେ ଓଟ ଚାଲୁଥିବାର ପେଣ୍ଟିଂ କରାଯାଉଛି। ଆଗକୁ ରଥଯାତ୍ରାର ସମ୍ପୂର୍ଣ୍ଣ କାହାଣୀ ମଧ୍ୟ ଦର୍ଶାଯିବ।

୨୦୧୭ରେ ଭିଆଇପି ରୋଡ୍‌ରେ ଏହି ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ମାତ୍ର ଅନେକ ସ୍ଥାନରେ ପେଣ୍ଟିଂରୁ ରଙ୍ଗ ଛାଡ଼ି ତାହା ବିକୃତ ଦେଖାଯାଉଛି। ଆଉ କେତେକ ଜାଗାରେ ଆଦୌ ଚିତ୍ର ଦେଖାଯାଉନି। ପୁନଶ୍ଚ ପ୍ରଶାସନ ସୌନ୍ଦର୍ଯ୍ୟକରଣ କାମ ପ୍ରତି ମନ ବଳାଇବାକୁ ସହରବାସୀ ସ୍ୱାଗତ କରିଛନ୍ତି। କିନ୍ତୁ ଏଥିରେ ଉନ୍ନତ ମାନର ରଙ୍ଗ ବ୍ୟବହାର କରାଯିବା ଦରକାର, ଯାହାଫଳରେ ଏହା ଦୀର୍ଘସ୍ଥାୟୀ ହୋଇପାରିବ। କେବଳ ଭିଆଇପି ରୋଡ୍ ପାର୍ଶ୍ୱ ପାଚେରି କାନ୍ଥ ନୁହେଁ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱ ପାଚେରିରେ ଏଭଳି ପାରମ୍ପରିକ ଚିତ୍ରକଳା କରାଗଲେ ନିଶ୍ଚିତ ଏହା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଶିଳ୍ପୀ ଦେବୀପ୍ରସନ୍ନ ନନ୍ଦ କହିଛନ୍ତି।



## ଭାରତ ହେବ ମୋବାଇଲ ମାନୁଫାକଚରିଂ ହବ୍

ଭାରତ ମୋବାଇଲ ଉତ୍ପାଦନରେ ଏକ ହବ୍ ହେବାକୁ ଯାଉଛି। ଉତ୍ପାଦନ ଲାଗି ସରକାର ପ୍ରଦାନ କରୁଥିବା ପ୍ରୋତ୍ସାହନ ଯୋଜନାର ଲାଭ ନେବାକୁ ୨୨ ନୂଆ କମ୍ପାନୀ ଆଗ୍ରହ ଦେଖାଇଛନ୍ତି। ଏହି କମ୍ପାନୀଗୁଡିକ ଦେଶ ମଧ୍ୟରେ ପ୍ରାୟ ୧୧ ହଜାର କୋଟି ଟଙ୍କା ନିବେଶ କରିବେ। ଆଗାମୀ ୫ ବର୍ଷରେ ଦେଶ ମଧ୍ୟରୁ ପ୍ରାୟ ୧୧.୫ ଲକ୍ଷ କୋଟି ମୋବାଇଲ ଉତ୍ପାଦନ ହେବ। କମ୍ପାନୀଗୁଡିକରେ ୧୨ ଲକ୍ଷ ଲୋକଙ୍କୁ ରୋଜଗାର ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ ରବିଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ଭେଣ୍ଟିଲେଟର ରପ୍ତାନିକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ,୧।୮:** କେନ୍ଦ୍ର ସରକାର ଭେଣ୍ଟିଲେଟର ରପ୍ତାନିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ବର୍ଗର ରପ୍ତାନି କ୍ଷେତ୍ରରେ ଏହା ବଡ ନିଷ୍ପତ୍ତି ବୋଲି କୁହାଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ କହିଛନ୍ତି ଯେ, ଦେଶରେ କରୋନା ମୃତ୍ୟୁହାର ବର୍ତ୍ତମାନ ୨.୫% ରହିଛି। ୩୧ ଜୁଲାଇ ସୁଦ୍ଧା କେବଳ ୦.୨୨% କରୋନା ସଂକ୍ରମିତ ଭେଣ୍ଟିଲେଟରରେ ରହିଥିଲେ। ଅପରପକ୍ଷରେ ଭାରତରେ ଭେଣ୍ଟିଲେଟର ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକ ସଂଖ୍ୟାରେ ବୃଦ୍ଧି ଘଟିଥିବା ଜଣାପଡିଛି। ଜାନୁୟାରୀ ମାସ ତୁଳନାରେ ଦେଶ ମଧ୍ୟରେ ଭେଣ୍ଟିଲେଟର ନିର୍ମାତାଙ୍କ ସଂଖ୍ୟାରେ ୨୦% ବୃଦ୍ଧି ହୋଇଛି। ଭାରତରେ ପ୍ରସ୍ତୁତ ହେଉଥିବା ଭେଣ୍ଟିଲେଟର କରୋନା ବିରୋଧୀ ଲଢେଇରେ ଯୋଗଦାନ ରଖିବ ବୋଲି କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ଟୁଇଟଯୋଗେ ସୂଚନା ଦେଇଛନ୍ତି। ଏହି କ୍ଷେତ୍ରରେ ଦେଶରେ କମ୍ପାନୀଗୁଡିକ ଅଧିକ ସଂଖ୍ୟାରେ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବେ ବୋଲି ସେ ଆଶାବାଦୀ ରହିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ଭେଣ୍ଟିଲେଟର ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲେ।

### ଓମ୍ନି ଚ୍ୟାନେଲ ବିକ୍ରି ଉପରେ ସେନ୍‌କୋର ଗୁରୁତ୍ୱ

**ଭୁବନେଶ୍ୱର,୧।୮:** କରୋନା ମହାମାରୀ ସମୟରେ କମ୍ପାନୀର ବ୍ୟବସାୟ ବୃଦ୍ଧି ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ଦେଶର ପ୍ରମୁଖ ଜୁଏଲେରି ବ୍ରାଣ୍ଡ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଓମ୍ନି ଚ୍ୟାନେଲ ଉପରେ ଅଧିକ ଗୁରୁତ୍ୱ ଦେଉଛି। ବର୍ତ୍ତମାନ ସମୟରେ ଗ୍ରାହକମାନେ କିପରି ଘରେ ରହି ସୁରକ୍ଷିତ ଭାବରେ ଶପିଂ କରିପାରିବେ ତାକୁ ନଜରରେ ରଖି କମ୍ପାନୀ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାହକମାନେ ଭିଡିଓ କଲିଂ ଜରିଆରେ କମ୍ପାନୀର ବିଭିନ୍ନ ଷ୍ଟୋର ସହ ସମ୍ପର୍କ ସ୍ଥାପନ କରିପାରିବେ। ସେହିଭଳି ଜୁଏଲେରି ଶପ୍‌ର ହେଲ୍ପଲାଇନ ନମ୍ବରରେ ମଧ ଫୋନ୍ କରି ଆପଏଣ୍ଟମେଣ୍ଟ ବୁକ୍ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଏସ୍‌ଟି ଆଦାୟ ୮୭,୪୨୨ କୋଟିକୁ ହ୍ରାସ




**ନୂଆଦିଲ୍ଲୀ,୧।୮**

ଜୁଲାଇ ମାସରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ କେନ୍ଦ୍ର ସରକାର ୮୭,୪୨୨ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଜୁନ୍ ମାସରେ ୯୦,୯୧୭ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିବା ବେଳେ ଏହା ଜୁଲାଇରେ ହ୍ରାସ ଘଟିଥିବା ଅର୍ଥ ମନ୍ତ୍ରଣାଳୟ ଦେଇଥିବା ରିପୋର୍ଟରୁ ସାମ୍ନାକୁ ଆସିଛି। ମାତ୍ର ଜୁଲାଇ ମାସର ପରୋକ୍ଷ ଟିକସ ସଂଗ୍ରହକୁ ଦେଖିଲେ ଏହା ଏପ୍ରିଲ ଏବଂ ମେ ମାସ ତୁଳନାରେ ଉନ୍ନତ ରହିଛି। ଏହି ଦୁଇ ମାସରେ ଯଥାକ୍ରମେ ୩୨,୨୯୪ କୋଟିଏବଂ ୬୨,୦୦୯ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିଲା। ଜୁଲାଇରେ ଆଦାୟ ହୋଇଥିବା ମୋଟ ଟିକସ ମଧ୍ୟରେ କେନ୍ଦ୍ର ଜିଏସ୍‌ଟି ବାବଦ(ସିଜିଏସ୍‌ଟି) ବାବଦ ୧୬,୧୪୭ କୋଟି, ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ବାବଦ ୨୧,୪୮୧ କୋଟି, ସମନ୍ୱିତ ଜିଏସ୍‌ଟି ବାବଦ(ଆଇଜିଏସ୍‌ଟି) ବାବଦ ୪୨,୫୯୨ କୋଟି ଟଙ୍କା ରହିଛି। ଏହି ସମୟ ମଧ୍ୟରେ ୭୨୬୫ କୋଟି ଟଙ୍କାର ସେସ୍ ବା ଉପକର ଆଦାୟ ହୋଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

ଗତ ବର୍ଷ ଜୁଲାଇ ମାସରେ ଯେତେ ପରିମାଣରେ ଜିଏସ୍‌ଟି ସଂଗ୍ରହ ହୋଇଥିଲା ଚଳିତ ବର୍ଷ ସମାନ ସମୟରେ ସଂଗ୍ରହ ୮୬% ରହିଛି। ଅର୍ଥାତ୍ ଟିକସ ସଂଗ୍ରହ ୧୪% ଖସିଛି। ଜୁନ୍ ମାସ ତୁଳନାରେ ଜୁଲାଇ ମାସରେ ଟିକସ ଆଦାୟ କମିଥିବା ମନ୍ତ୍ରଣାଳୟ କହିଛି। କୋଭିଡ୍ ଯୋଗୁ ଲାଗିଥିବା କଟକଣା କୋହଳ ହେବା ଯୋଗୁ ଲୋକମାନେ ଫେବୃୟାରୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସର ଜିଏସ୍‌ଟି ଜୁଲାଇରେ ପଇଠ କରିଛନ୍ତି। ୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା ବ୍ୟକ୍ତିବିଶେଷଙ୍କୁ ରିଟର୍ନ ଫାଇଲିଂରେ ସେପ୍ଟେମ୍ବର ପର୍ଯ୍ୟନ୍ତ ଆଶ୍ୱସ୍ତି ପ୍ରଦାନ କରାଯାଇଛି।

### ଓଡ଼ିଶାରେ ଆଦାୟ ୧୩% ବୃଦ୍ଧି

**କଟକ,୧।୮:** ଚଳିତ ବର୍ଷ ଜୁଲାଇ ମାସରେ ଓଡ଼ିଶାରେ ଜିଏସ୍‌ଟି ସଂଗ୍ରହରେ ଉନ୍ନତି ପରିଲକ୍ଷିତ ହୋଇଛି। ଏହି ସମୟରେ ୭୯୪.୦୨ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଛି। ଗତ ବର୍ଷ ଏହି ସମୟରେ ୭୦୨.୪୪ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଚଳିତ ବର୍ଷ ଜୁଲାଇରେ ଜିଏସ୍‌ଟି ଆଦାୟର ଅଭିବୃଦ୍ଧି ହାର୧୩.୦୪% ରହିଛି। ଏପ୍ରିଲ,ମେ ଏବଂ ଜୁନ୍ ମାସରେ ଟିକସ ସଂଗ୍ରହ କମ୍ ରହିଥିଲା। ଏହି ତିନି ମାସରେ ଟିକସ ସଂଗ୍ରହ ଅଭିବୃଦ୍ଧି ଯଥାକ୍ରମେ (-) ୬୧.୧୫%, (-) ୨୫.୨୨% ଏବଂ ୫୦.୮୩% ରହିଥିଲା। କୋଭିଡ୍ କଟକଣା ଧୀରେ ଧୀରେ ହ୍ରାସ ଏବଂ ବଜାରରେ ସାମାନ୍ୟ ପରିବର୍ତ୍ତନ ଦେଖାଯାଇଥିବାରୁ ଟିକସ ସଂଗ୍ରହରେ ବର୍ତ୍ତମାନ ଉନ୍ନତି ଆସିଥିବା ରାଜ୍ୟ ବାଣିଜ୍ୟ କର ଏବଂ ଜିଏସ୍‌ଟି ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ରହିଛି। ଏହି ସମୟ ମଧ୍ୟରେ ଖଣି କ୍ଷେତ୍ରରେ ମଧ୍ୟ ଉନ୍ନତି ଆସିଥିବା କୁହାଯାଇଛି। ରାଜ୍ୟର ପରୋକ୍ଷ ଟିକସଦାତାମାନେ ଧାର୍ଯ୍ୟ ସମୟ ମଧ୍ୟରେ ଟିକସ ପଇଠ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ବାଣିଜ୍ୟକର ଏବଂ ସାମଗ୍ରୀ ଓ ସେବା ଟିକସ ଆୟୁକ୍ତ ସୁଶୀଲ କୁମାର ଲୋହାନୀ ଟିକସ ସଂଗ୍ରହ ଧାରାକୁ ଉନ୍ନତ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

## କିଆ ମୋଟର୍ସ ଆଣିବ ନୂଆ ସୋନେଟ୍

**ଭୁବନେଶ୍ୱର,୧।୮**

କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହାର ନୂତନ ସୋନେଟ୍ କମ୍ପାକ୍ଟ ଏସ୍‌ୟୁଭି କାରର ଇଣ୍ଟେରିୟର ଓ ଏକ୍ସଟେରିୟରର ଔପଚାରିକ ଫଟୋ ଉନ୍ମୋଚନ କରାଯାଇଛି। କମ୍ପାନୀ ପକ୍ଷରୁ ଉତ୍ପାଦନ ପାଇଁ ପ୍ରସ୍ତୁତ ଥିବା କିଆ ସୋନେଟ୍‌ର ଏକ ସ୍ୱତନ୍ତ୍ର ଓ ଡାଇନାମିକ ଡିଜାଇନ ସହିତ ଏକାଧିକ ଫାଷ୍ଟ ଇନ୍ ସେଗ୍‌ମେଣ୍ଟ ଫିଚର ରହିଛି। ୨୦୨୦ ଅଟୋ ଏକ୍ସପୋରେ ପ୍ରଥମେ ଏହାକୁ ଏକ କନ୍‌ସେପ୍ଟ ଭାବରେ ପ୍ରଦର୍ଶିତ କରାଯାଇଥିଲା। ଏହି ମଡେଲର ୱାର୍ଲଡ ପ୍ରିମିୟର ଆସନ୍ତା ଅଗଷ୍ଟ ୭ରେ ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମ ହେବାକୁ ଯାଉଛି ବୋଲି କିଆ ମୋଟର୍ସ ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ କିଆ ମୋଟର୍ସ ଇଣ୍ଡିଆ ଭାରତରେ ୧ଲକ୍ଷ ଯାନ ବିକ୍ରି ମାଇଲଷ୍ଟୋନ୍‌ରେ ପହଞ୍ଚିଥିବା ଦ୍ରୁତତମ କାର ନିର୍ମାତାରେ ପରିଗଣିତ ହୋଇଛି। ଏହି ମଡେଲରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଡିଜାଇନ ସହ ଫିଚର ଓ ଷ୍ଟାଇଲିଶ ଡିଜାଇନ କରାଯାଇଛି। ଏହି ମଡେଲ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି କମ୍ପାନୀ ଆଶା ରଖିଛି। କମ୍ପାନୀର ଏହି ମଡେଲ ବିଷୟରେ କିଆ କର୍ପୋରେଶନର ବରିଷ୍ଠ ଉପାଧ୍ୟକ୍ଷ ଓ ହେଡ୍ ଅଫ୍ କିଆ ଗ୍ଲୋବାଲ ଡିଜାଇନ କରିମ୍ ହବିବ୍ କହିଛନ୍ତି, ବିଶ୍ୱକୁ ଏକ ନୂଆ କିଆ ସୋନେଟ୍ ସହ ପରିଚିତ କରାଇ ଆମେ ଖୁବ୍ ଉତ୍ସାହିତ ଅଛୁ।



## ଏମ୍‌ଏସ୍‌ଏମ୍‌ଇ ଋଣ ଗ୍ୟାରେଣ୍ଟି ସୀମାରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୧।୮**

ଦେଶର ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଲାଗି ସରକାର ଘୋଷଣା କରିଥିବା ୩ ଲକ୍ଷ କୋଟିର ଋଣ ଗ୍ୟାରେଣ୍ଟି ଯୋଜନାରେ କିଛିଟା ପରିବର୍ତ୍ତନ କରିଛନ୍ତି। ନିୟମରେ ପରିବର୍ତ୍ତନ ପରେ ସୀମାକୁ ବଢାଯିବା ସହ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ବକେୟା ରଖିଥିବା କମ୍ପାନୀଗୁଡିକୁ ଏହାର ପରିସରଭୁକ୍ତ କରାଯାଇଛି। ଏହା ପୂର୍ବରୁ ୨୫ କୋଟି ଟଙ୍କା ରହିଥିଲା। ଯେଉଁ କମ୍ପାନୀଗୁଡିକ ୨୫ କୋଟି ଟଙ୍କା ଋଣ ନେଇଥିଲେ ସେମାନଙ୍କୁ ସରକାର ଋଣରେ ଗ୍ୟାରେଣ୍ଟି ଦେଉଥିଲେ। ଏହା ବାଦ୍ ଯୋଜନା ମଧ୍ୟରେ ବ୍ୟବହାରିକ ଉଦ୍ଦେଶ୍ୟ ଲାଗି ଡାକ୍ତର, ଓକିଲ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ପ୍ରଦାନ କରାଯାଇଥିବା ବ୍ୟକ୍ତିଗତ ଋଣକୁ ଏହାର ପରିସରଭୁକ୍ତ କରାଯାଇଥିବା ଜଣାପଡିଛି। ବ୍ୟବସାୟିକ ଉଦ୍ଦେଶ୍ୟ ଲାଗି ଦିଆଯାଉଥିବା ବ୍ୟକ୍ତିଗତ ଋଣକୁ ଏହାର ପରିସରଭୁକ୍ତ କରାଯାଉଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।

### ଏକ ରାଷ୍ଟ୍ର ଏକ ରାଶନ କାର୍ଡ ବ୍ୟବସ୍ଥାରେ ଆଉ ୩ ରାଜ୍ୟ

**ନୂଆଦିଲ୍ଲୀ,୧।୮:** ଦେଶ ମଧ୍ୟରେ ଲାଗୁ କରାଯାଇଥିବା ଏକ ରାଷ୍ଟ୍ର ଏକ ରାଶନ କାର୍ଡ ବ୍ୟବସ୍ଥାରେ ଆଉ ୪ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଯୋଡି ହୋଇଛନ୍ତି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଅଧୀନରେ ପ୍ରାୟ ୮୦% ଲୋକଙ୍କୁ ଏହି ସୁବିଧା ସହ ଯୋଡିବା ଲାଗି ସରକାର ପଦକ୍ଷେପ ହାତକୁ ନେଇଛନ୍ତି। ବର୍ତ୍ତମାନ ପ୍ରାୟ ୨୪ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଲୋକମାନେ ଜାତୀୟ ରାଶନ କାର୍ଡ ପୋର୍ଟେବିଲିଟି ବ୍ୟବସ୍ଥାରେ ଖାଦ୍ୟଶସ୍ୟ ଉଠାଣ କରିବାର ସୁବିଧା ପାଇପାରିବେ ବୋଲି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାଶ ପାଶ୍ୱାନ କହିଛନ୍ତି।

## ପାରାଦୀପ ପିଏକ୍ସ-ପିଟିଏ କମ୍ପ୍ଲେକ୍ସକୁ ସବୁଜ ସଙ୍କେତ

**ଭୁବନେଶ୍ୱର,୧।୮**

- ଆଇଓସିଏଲ୍ ନିବେଶ କରିବ ୧୩,୮୦୫ କୋଟି
- ୨୦୨୪ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ

ପାରାଦୀପରେ ସ୍ଥାପନ ହେବାକୁ ଥିବା ପିଏକ୍ସ-ପିଟିଏ କମ୍ପ୍ଲେକ୍ସକୁ ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ୍(ଆଇଓସିଏଲ୍) ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଇଣ୍ଡିଆନ ଅଏଲ୍‌ର ବୋର୍ଡ ଏହି ସମନ୍ୱିତ ପ୍ରକଳ୍ପକୁ ଆଗକୁ ବଢ଼ାଇବା ଲାଗି ମଞ୍ଜୁରୀ ପ୍ରଦାନ କରିଥିବା ଶନିବାର ଜଣାପଡ଼ିଛି। ପାରାଜାଇଲିନ(ପିଏକ୍ସ) ଏବଂ ପ୍ୟୁରିଫାଏଡ୍ ଟେରେଫଥାଲିକ୍ ଏସିଡ୍(ପିଟିଏ)ର ଏହି ପ୍ରକଳ୍ପରେ ପ୍ରାୟ ୧୩,୮୦୫ କୋଟି ଟଙ୍କା ପୁଞ୍ଜିନିବେଶ ହେବ। ଏହାକୁ କମ୍ପାନୀର ପାରାଦୀପସ୍ଥିତ ରିଫାଇନେରି ସହ ସମନ୍ୱିତ କରାଯିବା ଯୋଜନା ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଧ୍ୟକ୍ଷ ଏସ୍.ଏମ୍.ବୈଦ୍ୟ କହିଛନ୍ତି, ନୂଆ ପ୍ରକଳ୍ପକୁ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଯୋଜନା ରଖାଯାଇଛି। ଦେଶର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ପ୍ରକଳ୍ପକୁ ଆଗକୁ ବଢ଼ାଯାଉଛି। ପୂର୍ବଭାରତରେ ଏହା ଉଦ୍ୟୋଗ ବିକାଶକୁ ଉତ୍ସାହିତ କରିବାରେ ସହାୟକ ହୋଇପାରିବ। ପାରାଦୀପର ପେଟ୍ରୋକେମିକାଲ କମ୍ପ୍ଲେକ୍ସରେ ବାର୍ଷିକ ୮ ଲକ୍ଷ ଟନ୍ ପିଏକ୍ସ ଉତ୍ପାଦନ କରିବା କ୍ଷମତା ରଖୁଛି। ଏହା ପିଟିଏ ଉତ୍ପାଦନ କରିବା ଲାଗି ଫିଡ୍‌ଷ୍ଟକ୍ ଭାବେ ବ୍ୟବହାର କରାଯିବ। ଏହି ୟୁନିଟରେ ବାର୍ଷିକ ପ୍ରାୟ ୧୨ ଲକ୍ଷ ଟନ୍ ପିଟିଏ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ପଲିଷ୍ଟର ଏବଂ ଏମ୍‌ଇଜି ଉତ୍ପାଦନ ଲାଗି ପିଟିଏକୁ କଞ୍ଚାମାଲ ଭାବେ ବ୍ୟବହାର କରାଯିବ। କମ୍ପାନୀର ଏମ୍‌ଇଜି ଉତ୍ପାଦନ ଫାସିଲିଟି ବର୍ତ୍ତମାନ କାର୍ଯ୍ୟାନ୍ୱୟନ ଅପେକ୍ଷାରେ ରହିଛି।

# ରାଜ୍ୟ ଖବର

### ବେଦାନ୍ତ 'ନନ୍ଦ ଘର'କୁ ଆଇଏସ୍‌ଓ ମାନ୍ୟତା

**ଭୁବନେଶ୍ୱର,୧।୮:** ଓଡ଼ିଶାର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପରିଯୋଜନା 'ନନ୍ଦ ଘର'କୁ ଆଇଏସ୍‌ଓ ପ୍ରମାଣପତ୍ର ମିଳିଛି। ଓଡ଼ିଶାର କଳାହାଣ୍ଡି ଜିଲାରେ ରହିଥିବା ଏହାର ୩ଟି କେନ୍ଦ୍ରକୁ ଏହି ମାନ୍ୟତା ମିଳିଛି। ଏହି ସବୁ କେନ୍ଦ୍ରରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ, ବାଲ୍ୟଶିକ୍ଷାର ଗୁଣବତ୍ତାରେ ଉନ୍ନତି, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବାର ସୁଧାର ଏବଂ ମହିଳାମାନଙ୍କ ସ୍ଥାୟୀ ଜୀବିକା କୌଶଳରେ ଏହା ବେଶ୍ ସହାୟକ ପ୍ରଦାନ କରୁଛି। ନନ୍ଦ ଘର ପକ୍ଷରୁ ଦିଆଯାଉଥିବା ଏହି ସେବା ଓ ସୁବିଧା ପାଇଁ ଆଇଏସ୍‌ଓ ୯୦୦୧-୨୦୧୫ ପ୍ରମାଣପତ୍ର ହାସଲ କରିପାରିଛି। କଳାହାଣ୍ଡି ଜିଲାର ବସନ୍ତପଡ଼ା, କଂସାରି ଏବଂ କେନ୍ଦୁବର୍ଡୀ ଗ୍ରାମର ନନ୍ଦ ଘରଗୁଡିକୁ ଏହି ସମ୍ମାନ ପତ୍ର ମିଳିଛି। ଏହି ପ୍ରମାଣପତ୍ର ଆଗାମୀ ୩ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ ବୋଲି ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଟୁଇଟ୍ ମାଧ୍ୟମରେ ପ୍ରକାଶ କରିଛନ୍ତି ଯେ, କଳାହାଣ୍ଡି ଜିଲାର ୫ଟି ଅଙ୍ଗନୱାଡି କେନ୍ଦ୍ରକୁ ଆଇଏସ୍‌ଓ ପ୍ରମାଣପତ୍ରରେ ପୁରସ୍କୃତ କରାଯାଇଛି। ସେହିଭଳି ନନ୍ଦ ଘର ପରିଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରିତୁ ଝିଙ୍ଗନ କହିଛନ୍ତି, ପ୍ରଥମ ଥର ଆଇଏସ୍‌ଓ ପ୍ରମାଣପତ୍ରରେ ପୁରସ୍କୃତ ହେବା ଏକ ଗୌରବମୟ ବିଷୟ।

## ୪ବର୍ଷ ହେଲା ଚାଲିଛି ଜାଗା ଖୋଜା

**ଭଦ୍ରକ ଅଫିସ, ୧।୮**

ଭଦ୍ରକ ଜିଲାରେ କ୍ରୀଡ଼ା କ୍ଷେତ୍ରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି । ଜିଲା ପ୍ରଶାସନ ଏନେଇ ଆବଶ୍ୟକ ତତ୍ପରତା ଦେଖାଉନାହିଁ । ସ୍ଥାନ ଅଭାବ ଆଳରେ ବାଟବଣା ହେଉଛି ଯୋଜନା । ଫଳରେ କ୍ରୀଡାବିତ୍‌ମାନେ ଉପେକ୍ଷିତ ହେଉଛନ୍ତି। ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପାଇଁ ଦୀର୍ଘ ୪ବର୍ଷ ଧରି ଚାଲିଛି ଜାଗା ଖୋଜା। କ୍ରୀଡାବିତ୍‌ମାନେ ନିଜ ଉଦ୍ୟମରେ

- ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ
- କ୍ରୀଡ଼ାବିତ୍ ଉପେକ୍ଷିତ

ଯାହା ଅଭ୍ୟାସ କରି ରାଜ୍ୟସ୍ତରୀୟ ତଥା ଅନ୍ତର୍ଜାତୀୟ ସ୍ତରକୁ ଯାଉଛନ୍ତି। ହେଲେ ଜିଲା ତରଫରୁ କ୍ରୀଡ଼ାପ୍ରେମୀମାନଙ୍କୁ ଉପଯୁକ୍ତ ପଡ଼ିଆ କିମ୍ବା ଦୈନିକ ଅଭ୍ୟାସ ପାଇଁ କୌଣସି ଭିତ୍ତିଭୂମି ଯୋଗାଇବାରେ ଜିଲା ପ୍ରଶାସନ ବିଫଳ ହୋଇଛି ।

ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ତରଫରୁ ଖେଲୋ ଇଣ୍ଡିଆ ସ୍କିମ୍ ଅଧୀନରେ ଜିଲା ମୁଖ୍ୟାଳୟରେ ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସ୍ଥାନ ଚୟନ ପାଇଁ ପ୍ରଶାସନକୁ ୨୦୧୭ ଅକ୍ଟୋବରରୁ



ନେହେରୁ ଷ୍ଟାଡିୟମ୍।

ଚିଠି ହେଲାଣି ହେଲେ ବର୍ତ୍ତମାନ ସୁଦ୍ଧା ସ୍ଥାନ ଚିହ୍ନଟ ହୋଇପାରିନାହିଁ। ପ୍ରାୟ ୧୫ଏକର ସରକାରୀ ଜାଗା ଥିବା ସ୍ଥାନରେ ଏହି କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ଭଦ୍ରକ ସହର କିମ୍ବା ୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଏହି କମ୍ପ୍ଲେକ୍ସ ପାଇଁ ସେବେଠୁ ଜାଗା ଖୋଜାଚାଲିଛି। ଜିଲା କ୍ରୀଡ଼ା ଅଧିକାରୀଙ୍କ ତରଫରୁ ଜିଲାପାଳଙ୍କ ଦସ୍ତଖତ କରାଯାଇ ଭଦ୍ରକ ତହସିଲଦାରଙ୍କୁ ତୁରନ୍ତ ଜାଗା ଚିହ୍ନଟ କରିବା ପାଇଁ ୨୦୧୭ ଅକ୍ଟୋବରରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ପୋର୍ଟ୍ସକମ୍ପ୍ଲେକ୍ସ ମଧ୍ୟରେ ସିନ୍ଥେଟିକ ଆଥ୍‌ଲେଟିକ ଟ୍ରାକ୍, ସିନ୍ଥେଟିକ ହକି କୋର୍ଟ, ଫୁଟବଲ କୋର୍ଟ, ସୁଇମିଂପୁଲ୍, ମଲ୍‌ଟିପରପୋଜ ଇନ୍‌ଡୋର ହଲ୍, ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଆବଶ୍ୟକ ଭିତ୍ତିଭୂମି ଥିଲା ଭଳି ଏହି କମ୍ପ୍ଲେକ୍ସ ନିର୍ମାଣ କରାଯିବ । ଯଦି ୧୫ଏକର ଜାଗା ନ ମିଳେ ଅନ୍ତତଃପକ୍ଷେ ୨ଟି ସ୍ଥାନରେ ୭ଏକର ଲେଖାଏ ଜାଗା ଚିହ୍ନଟ କରିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି । ହେଲେ କୌଣସି ସ୍ଥାନ ଚିହ୍ନଟ ହୋଇପାରିନାହିଁ । ଭଦ୍ରକ ଜିଲାରେ କ୍ରୀଡ଼ା ଓ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ଜିଲା ମୁଖ୍ୟାଳୟରେ କ୍ରୀଡ଼ାପ୍ରେମୀଙ୍କ ପାଇଁ ଜିଲା ପ୍ରଶାସନ ତରଫରୁ ଷ୍ଟାଡିୟମ ନାହିଁ। ଯଦିଓ ନେହେରୁ ଷ୍ଟାଡିୟମ ରହିଛି କିନ୍ତୁ ଜିଲା ସ୍କୁଲ ମାଲିକାନାରେ ଥିବାରୁ ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇ ଭିତ୍ତିଭୂମିର ଉନ୍ନତି କରାଯାଇପାରୁନାହିଁ। ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି । ୩ରୁ ୪ମାସ ନେହେରୁ ଷ୍ଟାଡିୟମରେ ପାଣି ଜମି ରୁହେ। ଷ୍ଟାଡିୟମ୍‌କୁ ଲାଗି ନିର୍ମାଣାଧୀନ ଡ୍ରେନେଜ କାମ ଦୀର୍ଘ ୫ବର୍ଷ ହେଲା ସରୁନାହିଁ। ଫଳରେ ଦୀର୍ଘ ୫ବର୍ଷ ଧରି ଷ୍ଟାଡିୟମ୍‌ରେ ସ୍ୱାଧୀନତା ଦିବସ ପାଳନ ହୋଇପାରୁନାହିଁ। କ୍ରୀଡ଼ା ଅଭ୍ୟାସରେ ସମସ୍ୟା ସହିତ ବର୍ଷରେ ଥରେ ସ୍ୱାଧୀନତା ଦିବସ ମଧ୍ୟ ପାଳନ ହୋଇପାରେ ନାହିଁ। ଏଣୁ ଜିଲା ପ୍ରଶାସନ ବିଗତବର୍ଷ ଭଦ୍ରକ କଲେଜ ପଡିଆରେ ଜିଲାସ୍ତରୀୟ ପରେଡ ଆୟୋଜନ କରିଥିଲା । ମୁଖ୍ୟ କଥା ହେଲା ନେହେରୁ ଷ୍ଟାଡିୟମକୁ ପୁନରୁଦ୍ଧାର କରାଯାଉନାହିଁ କାହିଁକି ବୋଲି କ୍ରୀଡାବିତ୍‌ମାନେ ପ୍ରଶ୍ନ କରିଛନ୍ତି। । ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ କହିଛନ୍ତି ଯେ, ଏହି ଷ୍ଟାଡିୟମ ଜିଲା ସ୍କୁଲ ମାଲିକାନାରେ ଥିବାରୁ ଏହାର ପୁନରୁଦ୍ଧାର କରାଯାଇପାରୁନାହିଁ। ପ୍ରଶାସନିକ ସ୍ତରରେ ଆନ୍ତରିକତା ଓ ସମନ୍ୱୟର ଅଭାବ କାରଣରୁ ଏହାର ପୁନରୁଦ୍ଧାର ହୋଇପାରୁ ନ ଥିବା କ୍ରୀଡ଼ାବିତ୍ ବିଜୟ ପାଣି କହିଛନ୍ତି।

## ଘରେ ରହି ପାଳିଲେ 'ସମ୍ବଲପୁରୀ ଦିନ୍'



ସମ୍ବଲପୁରୀ ଦିନ୍ ଅବସରରେ ଅଭିନେତା ରାଜେନ୍ଦ୍ର ପଣ୍ଡାଙ୍କୁ ସମ୍ମାନିତ କରାଯାଉଛି ।

**ସମ୍ବଲପୁର,୧।୮ (ବ୍ୟୁରୋ)**

ଅଗଷ୍ଟ ୧ ତାରିଖ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ 'ସମ୍ବଲପୁରୀ ଦିନ୍' ଭାବେ ପାଳନ କରାଯାଇ ଆସୁଛି। ହେଲେ ଚଳିତ ବର୍ଷ କରୋନା କଟକଣା ଯୋଗୁ ସମ୍ବଲପୁରୀ ଦିନ୍‌କୁ ଶନିବାର ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଲୋକେ ଘରେ ଥାଇ ପାଳନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଲୋକେ ସମ୍ବଲପୁରୀ ବସ୍ତ୍ର ପିନ୍ଧି ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ଏହି ଅବସରରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ମନ୍ଦିର ଆଗରେ ପୂଜା ଅର୍ଚ୍ଚନା କରାଯାଇଥିଲା। ସେହିଭଳି ଗୁରୁ ସତ୍ୟନାରାୟଣ ବହିଦାର ପାର୍କରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ବଲପୁର ଦିନ୍ ଉପଲକ୍ଷେ ଅଭିନେତା ତଥା ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମୟରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ବିଜେଡି ଜିଲା ସଭାପତି ପ୍ରମୋଦ କୁମାର ରଥ, ପଶ୍ଚିମାଞ୍ଚଳ ଏକତାମଞ୍ଚ ଆବାହକ ଭବାନୀ ଭୋଇ, ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୧୨ଟାରୁ ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସିଧା ପ୍ରସାରଣ ହୋଇଥିଲା। ଘରେ ଥାଇ ଲୋକେ ସମ୍ବଲପୁରୀ ନାଚଗୀତ, କମେଡିର ମଜା ଉଠାଇଥିଲେ। ଏଥି ପୂର୍ବରୁ ଅନ୍‌ଲାଇନ୍‌ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ତଥା ଦେଶ ବାହାରୁ ପ୍ରତିଯୋଗୀ ଭାଗ ନେଇଥିଲେ।

## ଗରିବଙ୍କୁ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର: ଭାଜପା

**ଭୁବନେଶ୍ୱର,୧।୮ (ବ୍ୟୁରୋ)**

ରାଜ୍ୟ ସରକାର ନିକଟରେ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ)କୁ ବନ୍ଦ କରିଛନ୍ତି । ଫେବୃୟାରୀରେ ଓଏସ୍‌ଟିଏଫ୍ ବନ୍ଦ ହେବ ନାହିଁ ବୋଲି ରାଜ୍ୟ ସରକାର ବିଧାନସଭାରେ ଉତ୍ତର ରଖିଥିଲେ । ଓଏସ୍‌ଟିଏଫ୍‌କୁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଯୋଜନା କହୁଥିବା ବେଳେ ରାଜ୍ୟ ସରକାର କରୋନା ମହାମାରୀ ବେଳେ ଏହାକୁ ବନ୍ଦ କରି ଗରିବଙ୍କ ପ୍ରତି ପ୍ରତାରଣା କରିଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, ଓଏସ୍‌ଟିଏଫ୍ ମାଧ୍ୟମରେ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ସମସ୍ତ ପଞ୍ଜୀକୃତ ବେସରକାରୀ ଚିକିତ୍ସାଳୟରେ ମାଗଣାରେ ସ୍ୱାସ୍ଥ୍ୟ ସେବା ସୁବିଧା ଥିବାବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ରାଜ୍ୟ ଭିତରେ ଚିକିତ୍ସା ବ୍ୟବସ୍ଥା ରହିଛି । ଓଏସ୍‌ଟିଏଫ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଆସୁଥିବାରୁ ଏହାକୁ ବନ୍ଦ କଲେ ଲକ୍ଷ ଲକ୍ଷ ପରିବାର ବାହାର ରାଜ୍ୟରେ ଚିକିତ୍ସା ସେବାରୁ ବଞ୍ଚିତ ହେବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସରକାର ବିଭିନ୍ନ ରୋଗ ପାଇଁ ଯେଉଁ ଆର୍ଥିକ ବ୍ୟବସ୍ଥା କରିଛନ୍ତି ସେଥିରେ ଗୁରୁତର ଗରିବ ରୋଗୀ ସୁଫଳ ପାଇପାରିବେ ନାହିଁ । ଯଦି ରାଜ୍ୟସରକାର ଅର୍ଥାଭାବର ସମ୍ମୁଖୀନ ହେଉଛନ୍ତି ତେବେ ଆୟୁଷ୍ମାନ ଭାରତ ଯୋଜନାରେ ଯୋଡିହେବା ପାଇଁ ମହାପାତ୍ର ଅନୁରୋଧ କରିଛନ୍ତି ।

## ପିଏନ୍‌ବିର ନୂଆ ମହାପ୍ରବନ୍ଧକ

**ଭୁବନେଶ୍ୱର,୧।୮:** ରାଜ୍ୟର ପ୍ରଥମ ଥର ପାଇଁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ ଖୋଲାଯାଇଥିବା ଆଞ୍ଚଳିକ (ଜୋନାଲ) ଅଡିଟ୍ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭାବରେ ମୁକ୍ତିରଞ୍ଜନ ରାୟ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ପିଏନ୍‌ବିରେ ମିଶ୍ରଣ ହୋଇଥିବା ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ପ୍ରାୟ ୩୬ ବର୍ଷର ଅଭିଜ୍ଞତା ରହିଛି। ଏହା ପୂର୍ବରୁ ସେ ଓଡ଼ିଶାର ସମ୍ବଲପୁର ଏବଂ ଭୁବନେଶ୍ୱର କ୍ଷେତ୍ରରେ ୟୁବିଆଇର ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ୪୫ ନାବାଳକ କରୋନା ଆକ୍ରାନ୍ତ

**ବ୍ରହ୍ମପୁର ଅଫିସ,୧।୮**

**ବ୍ରହ୍ମପୁର ଜୁଭେନାଇଲ୍ ହୋମ୍**

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ଓ ମୃତ୍ୟୁହାର ଭୟାବହ ସ୍ଥିତିରେ ରହିଛି। ଏହାର ପ୍ରଭାବ ବ୍ରହ୍ମପୁରରେ ଥିବା ଜୁଭେନାଇଲ୍ ହୋମ୍‌ରେ ଦେଖାଦେଇଛି। ଏବେ କରୋନାରେ ଏହି ହୋମ୍‌ରେ ଥିବା ୪୫ ବାଳ ଅପରାଧୀ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ଏଠାରେ ୧୦୦ ନାବାଳକ ରହୁଛନ୍ତି। ହେଲେ ସେମାନଙ୍କ ଭିତରୁ କେତେଜଣଙ୍କଠାରେ କରୋନା ଲକ୍ଷଣ ଦେଖା ଦେବାପରେ ୭୨ ଜଣଙ୍କ ସ୍ୱାବ୍ ଶୁକ୍ରବାର ପରୀକ୍ଷା କରାଯାଇଥିଲା। ସେଥିରୁ ୪୫ ନାବାଳକଙ୍କ ରିପୋର୍ଟ ପଜିଟିଭ ବାହାରିଛି ବୋଲି ବ୍ରହ୍ମପୁର ମହାନଗର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି। ପଜିଟିଭ ନାବାଳକଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ପଠାଇବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି ବୋଲି ବାଳ ସୁଧାର ଗୃହ ଅଧୀକ୍ଷକ ପି.କେ. ହାରା ସୂଚନା ଦେଇଛନ୍ତି। ଆକ୍ରାନ୍ତ ଅନ୍ତେବାସୀଙ୍କୁ ଏବେ ସ୍ୱତନ୍ତ୍ର ଭାବେ ରଖାଯାଇ ଚିକିତ୍ସା କରାଯାଉଛି। ଅନ୍ୟପଟେ ଆକ୍ରାନ୍ତ ଅନ୍ତେବାସୀ ଏବେ ସୁସ୍ଥ ଅନୁଭବ କରୁଥିବା ମଧ୍ୟ ସେ କହିଛନ୍ତି। ତେବେ ସୁରକ୍ଷା ବଳୟରେ ରହୁଥିବା ବହୁ ସଂଖ୍ୟକ ନାବାଳକ କିପରି ସଂକ୍ରମିତ ହେଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ପୂର୍ବରୁ ବ୍ରହ୍ମପୁର ମଣ୍ଡଳକାରାଗାର ଜେଲରଙ୍କ ସମେତ ୯ କର୍ମଚାରୀ ଓ ୩୫ ବିଚାରାଧୀନ ବନ୍ଦୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେହିପରି ବ୍ରହ୍ମପୁର ଜୁଭେନାଇଲ୍ ହୋମ୍‌ରେ ରାଜ୍ୟର ୧୨ ଜିଲାର ବାଳ ଅପରାଧୀ ରହିଥାନ୍ତି।



ଅମିତାଭ ବଚ୍ଚନ କରୋନା ପୀଡ଼ିତ ହେବା ପରେ ତାଙ୍କ ଆରୋଗ୍ୟ କାମନା କରି ଜଣେ ସୂଚିକାରୀ କଳାକାର ତାଙ୍କର ଏକ ପୋଟ୍ରେଟ୍ କରିଛନ୍ତି। କଳାକାର ଜଣକ ହେଉଛନ୍ତି ହାଇଦ୍ରାବାଦର ଜ୍ଞାନେଶ୍ୱର କମ୍ବଲେକର। ସେ ସୂଚିକାରୀ କଳାରେ ବହୁ ସେଲିବ୍ରିଟିଙ୍କ ଚିତ୍ର କରିଛନ୍ତି। ସୂଚିକାରୀ କଳାର ଅର୍ଥ ହେଉଛି ରଙ୍ଗ ଏବଂ ବ୍ରଶ ବ୍ୟବହାର ନ କରି କପଡ଼ାରେ ବିଭିନ୍ନ ପ୍ରକାର ଚିତ୍ର କରିବା। ଜ୍ଞାନେଶ୍ୱର ଏହି କଳା ନିମନ୍ତେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ସେଲିବ୍ରିଟିଙ୍କର ସେ ପୋଟ୍ରେଟ କରି ଲୋକପ୍ରିୟତା ହାସଲ କରିଛନ୍ତି।

# ୱାଟର କ୍ୟାନନ ସାଲ୍ୟୁଟ୍

**ଯୁଦ୍ଧବିମାନ ରାଫାଲ ଭାରତରେ ପହଞ୍ଚିବା ପରେ ଅମ୍ବାଲା ଏୟାରବେସ୍‌ରେ 'ୱାଟର କ୍ୟାନନ ସାଲ୍ୟୁଟ୍' ପ୍ରଦାନ କରାଯାଇଥିଲା। ସାରା ପୃଥିବୀରେ ବିମାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ପରମ୍ପରା ପ୍ରଚଳିତ।**



**ନୂଆଦିଲ୍ଲୀ:** ବାଦବିବାଦ, ଆଶାଆଶଙ୍କା ଭିତରେ ଜୁଲାଇ ୨୯ରେ ଭାରତରେ ପହଞ୍ଚିଛି ଲଡୁଆ ଯୁଦ୍ଧବିମାନ 'ରାଫାଲ'। ୭୦୦୦ କିଲୋମିଟର ଦୀର୍ଘପଥ ଅତିକ୍ରମ କରି ଏହି ବିମାନ ଭାରତୀୟ ବାୟୁସେନାର ଅମ୍ବାଲା ଏୟାରବେସ୍‌ରେ ପହଞ୍ଚିଥିଲା। 'ରାଫଲ'ର ଉପସ୍ଥିତି ବାୟୁସେନାର ଶକ୍ତି ବୃଦ୍ଧି କରିଥିବାବେଳେ 'ୱାଟର କ୍ୟାନନ ସାଲ୍ୟୁଟ୍' ବା 'ଜଳ ସଲାମି' ସହ ଏହାକୁ ସ୍ୱାଗତ କରାଯାଇଥିଲା।

ଅମ୍ବାଲା ଏୟାରବେସ୍‌ରେ ଅବତରଣ କରିବା ପରେ ଗେଟ୍ ନିକଟରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସ୍ୱତନ୍ତ୍ର ଉପକରଣ ସହାୟତାରେ ପାଣିର ଏକ ସ୍ରୋତ ସୃଷ୍ଟି କରିଥିଲେ। ଆକାଶରେ ଏହି ଜଳସ୍ରୋତ ଅର୍ଦ୍ଧ ବୃତ୍ତାକାର ଆକାର ଧାରଣ କରିବା ପରେ ବିମାନଟି ଏହା ମଧ୍ୟ ଦେଇ ଗତି କରିଥିଲା। ଅନେକ ସମୟରେ ୱାଟର ସ୍ୟାଲୁଟ୍ ସମୟରେ ପାଣି ଫୁଆରା ଇନ୍ଦ୍ରଧନୁ ସୃଷ୍ଟି କରି ଆକର୍ଷଣୀୟ ଦେଖାଯାଇଥାଏ।

ସାଧାରଣତଃ ସିନିୟର ପାଇଲଟ୍, ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଅବସର, ଏୟାରପୋର୍ଟରେ କୌଣସି ଏୟାରଲାଇନ୍ସର ପ୍ରଥମ କିମ୍ବା ଶେଷ ଉଡାଣ, ସ୍ୱତନ୍ତ୍ର ଏୟାରକ୍ରାଫ୍ଟର ପ୍ରଥମ କିମ୍ବା ଶେଷ ଉଡ଼ାଣ ଏବଂ କୌଣସି ସ୍ମୃତିକୁ ରୋମନ୍ଥନ କରିବା ମୁହୂର୍ତ୍ତରେ 'ୱାଟର କ୍ୟାନନ ସାଲ୍ୟୁଟ୍' ଦିଆଯାଇଥାଏ। ଏହା ଏବେ ବାୟୁସେନାର ପରମ୍ପରା ପାଲଟିଯାଇଛି। ତେଣୁ ଯେତେବେଳେ ବି ଏକ ନୂଆ ବିମାନ ବାୟୁସେନା ସ୍କ୍ୱାଡ୍ରନ୍‌ରେ ସାମିଲ ହୁଏ ତାକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ଦିଆଯାଇଥାଏ। ଗତ ଜାନୁୟାରୀରେ ତାଞ୍ଜୋରରେ ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନରେ ବ୍ରହ୍ମୋସ୍ ମିଶାଇଲ ଖଞ୍ଜାଯିବା ପରେ ଏହାର ମାରକ କ୍ଷମତା ବୃଦ୍ଧି ପାଇଥିଲା। ଏହି ସମୟରେ ମଧ୍ୟ ସୁଖୋଇକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ସହ ସମ୍ମାନିତ କରାଯାଇଥିଲା। ଏଥିପୂର୍ବରୁ ୨୦୧୯ରେ ବାୟୁସେନାରୁ 'ମିଗ୍-୨୭'କୁ ବିଦାୟ ଦେବା ଅବସରରେ ଏଭଳି ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ, 'ମିଗ୍-୨୭' ଭାରତୀୟ ବାୟୁସେନାରେ ଦୀର୍ଘ ୩୪ ବର୍ଷ ଧରି ସେବା ଯୋଗାଇ ଆସୁଥିଲା।

କେବଳ ଭାରତ ନୁହେଁ, ଆମେରିକା, ଚାଇନା, ବ୍ରିଟେନ ସମେତ ଅନ୍ୟ ଦେଶରେ ମଧ୍ୟ 'ୱାଟର କ୍ୟାନନ ସାଲ୍ୟୁଟ୍' ପରମ୍ପରା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ୨୦୧୬ରେ ପ୍ରଥମ ଥର ପାଇଁ ସରକାରୀ ଭାବେ ବିମାନରେ ବସିଥିଲେ। ଏହି ସମୟରେ ତାଙ୍କୁ ମଧ୍ୟ 'ୱାଟର କ୍ୟାନନ ସାଲ୍ୟୁଟ୍' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଜଳ ସଲାମି ଜାହାଜକୁ ମଧ୍ୟ ଦିଆଯାଇଥାଏ। ସମୁଦ୍ରରେ 'ୱାଟର କ୍ୟାନନ ସାଲ୍ୟୁଟ୍' ପାଇଁ ବୋଟ ସହାୟତାରେ ପାଣି ଛଡ଼ାଯାଇଥାଏ। ଜାହାଜର ପ୍ରଥମ ଏବଂ ଅନ୍ତିମ ଯାତ୍ରା ସମୟରେ ହେଉଥିବା ସମାରୋହରେ ମୁଖ୍ୟତଃ ଏପରି ସମ୍ମାନ ପ୍ରଦାନ କରାଯିବା ପରମ୍ପରା ରହିଛି। ବିଶେଷଜ୍ଞଙ୍କ କହିବା କଥା, ଏପରି ସମ୍ମାନ ପ୍ରଥମେ ନୌସେନାରେ ଆରମ୍ଭ ହୋଇଥିଲା। ଏହାପରେ ବାୟୁସେନା, ସ୍ଥଳସେନାଠାରୁ ଆରମ୍ଭ କରି ବିମାନ ଯାଏ ପହଞ୍ଚିଛି।

## ନିଜ ଅର୍ଗାନିକ୍ ଫାର୍ମରେ ପ୍ରୀତି



ପ୍ରୀତି ଜିଣ୍ଟା

**ମୁମ୍ବାଇ:** କରୋନା ଲକ୍‌ଡାଉନ୍‌ରେ ସେଲେବ୍ରିଟିମାନେ କ'ଣ କରୁଛନ୍ତି, ଏହା ଜାଣିବା ପାଇଁ ଫ୍ୟାନ୍ସଙ୍କର ଆଗ୍ରହ ରହିଛି। ଏବେ ଫିଲ୍ମର ଶୁଟିଂ ବନ୍ଦ ଥିଲେ ବି ସୋସିଆଲ ମିଡିଆରେ ଫ୍ୟାନ୍ସଙ୍କ ସହିତ ସେଲେବ୍ରିଟି ଯୋଡ଼ି ହୋଇ ରହୁଛନ୍ତି। ବଲିଉଡ୍‌ର ଡିମ୍ପଲ ଗର୍ଲ ପ୍ରୀତି ଜିଣ୍ଟା ଏବେ ବିଦେଶରେ ରହୁଛନ୍ତି। ଏହି ବିବାହିତା ନାୟିକା ଜଣକ ଆମେରିକାର ଲସ୍ ଆଞ୍ଜେଲସରେ ରହୁଥିବା ବେଳେ ସେଠାରେ ସେ ଚାଷ କରୁଥିବା ଜଣାପଡ଼ିଛି। ଏଥିରେ ତାଙ୍କ ଘରେ ଅର୍ଗାନିକ ଫାର୍ମିଂରୁ ହୋଇଥିବା ଟମାଟୋ ଓ କ୍ୟାପସିକମ ସେ ତୋଳୁଥିବା ଦେଖିବାକୁ ମିଳିଛି। ଭିଡିଓ ଶେୟାର୍ କରି ପ୍ରୀତି ଲେଖିଛନ୍ତି, ମୋର ଏହି ଛୋଟ କିଚେନ ଗାର୍ଡେନକୁ ଦେଖି ମୁଁ ବହୁତ ଖୁସି ଓ ଗର୍ବ ଅନୁଭବ କରୁଛି। ଛୋଟ ବଗିଚାଟି ଏତେ ସୁନ୍ଦର ହୋଇପାରିବ, ମୁଁ କେବେ ଭାବି ନଥିଲି। ଏହା ମୋତେ ଶାନ୍ତି ଓ ଖୁସି ଦେବା ସହ ପ୍ରକୃତି ସହିତ ପରିଚିତ କରାଇଛି। ଏଥିପାଇଁ ମୋ ମା'ଙ୍କୁ ଧନ୍ୟବାଦ। ଏହି ବଗିଚା ମୋ ମା'ଙ୍କର ପୃଥିବୀ। ସେହିପରି ଅନ୍ୟ ଏକ ଭିଡିଓରେ କିଚେନ ଗାର୍ଡେନରୁ କ୍ୟାପସିକମ ତୋଳି ପ୍ରୀତି ଲେଖିଛନ୍ତି, ଘରେ କରିଥିବା କ୍ଷେତରୁ ଆମେ ପନିପରିବା ଚାଷ କରିଛୁ। ଅର୍ଗାନିକ ଫାର୍ମିଂ ପାଇଁ ମୋତେ ଉତ୍ସାହିତ କରିଥିବାରୁ ମା'ଙ୍କୁ ବହୁତ ବହୁତ ଧନ୍ୟବାଦ। ପ୍ରୀତିଙ୍କର ଏହି ଭିଡିଓ ସୋଶାଲ ମିଡିଆରେ ବେଶ ଭାଇରାଲ ହୋଇଛି। ଫ୍ୟାନ୍ସ ପ୍ରୀତିଙ୍କର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, କେବଳ ପ୍ରୀତି ଜିଣ୍ଟା ନୁହେଁ, କିଛିଦିନ ପୂର୍ବରୁ ଅଭିନେତ୍ରୀ ଶିଳ୍ପା ସେଟ୍ଟି ମଧ୍ୟ ନିଜ ଅର୍ଗାନିକ ଫାର୍ମିଂର ଏକ ଭିଡିଓ ସୋଶାଲ ମିଡିଆରେ ଶେୟାର୍ କରିଥିଲେ। ଯେଉଁ ଭିଡିଓରେ ସେ ତାଙ୍କ ପୁଅ ସହିତ ଲଙ୍କା, ବାଇଗଣ ଓ ଟମାଟୋ ତୋଳୁଥିବା ଦେଖିବାକୁ ମିଳିଥିଲା।



## ଦେଶୀ ଲୁକ୍‌ରେ ଆଇଏଏସ୍ ଅଫିସର

**ଉଦୟପୁର:** ରାଜସ୍ଥାନର ଜଣେ ଆଇଏଏସ୍ ଅଫିସର ଏବେ ହଠାତ୍ ସେଲିବ୍ରିଟି ପାଲଟିଯାଇଛନ୍ତି। ଏହାର କାରଣ ହେଉଛି ତାଙ୍କ ଦେଶୀ ଲୁକ୍। ଅଫିସର ଜଣକ ରାଜସ୍ଥାନୀ ବେଶଭୂଷା ସହିତ ଗ୍ରାମୀଣ ଲୁକ୍‌ରେ ସୋସିଆଲ୍ ମିଡିଆରେ ଫଟୋ ଶେୟାର କରିବା ପରେ ହଠାତ୍ ଲୋକପ୍ରିୟ ହୋଇଯାଇଛନ୍ତି। ଏହି ଅଫିସର ଜଣକ ହେଉଛନ୍ତି ରାଜସ୍ଥାନ ସିକର ଜିଲା ଶ୍ରୀମାଧେପୁର ତହସିଲର ମୋନିକା ଯାଦବ। ତାଙ୍କ ବାପା ହରଫୁଲ ଯାଦବ ମଧ୍ୟ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ।

ମୋନିକା ଜଣେ ବରିଷ୍ଠ ଅଧିକାରୀ ହେବା ପରେ ବି ରାଜସ୍ଥାନର ପରମ୍ପରାକୁ ବହୁତ ଭଲପାଆନ୍ତି। ବିଭିନ୍ନ ଉତ୍ସବ ସମୟରେ ସେ ପାରମ୍ପରିକ ବେଶଭୂଷାରେ ନିଜକୁ ସଜାଇଥାନ୍ତି। ମୋନିକା ବିବାହ କରିଛନ୍ତି ଆଇଏଏସ୍ ଅଧିକାରୀ ସୁଶୀଲ ଯାଦବଙ୍କୁ। ତେବେ ବିବାହ ପରେ ମୋନିକା ଯେତେବେଳେ ଏକ କନ୍ୟା ସନ୍ତାନ ଲାଭ କରିଥିଲେ, ସେତେବେଳେ ଜଣେ ଗାଉଁଲି ରାଜସ୍ଥାନୀ ମହିଳାଙ୍କ ଭଳି ବେଶଭୂଷାରେ ସୋସିଆଲ୍ ମିଡିଆରେ ଫଟୋ ଶେୟାର କରିଥିଲେ। ଗ୍ରାମୀଣ ପରମ୍ପରା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ମୋନିକା ସୋସିଆଲ ମିଡିଆରେ ତାଙ୍କର ଏଭଳି ଫଟୋ ସବୁ ଶେୟାର କରନ୍ତି। ଆଉ ଏହି କାରଣରୁ ଏବେ ସେ ବେଶ୍ ଚର୍ଚ୍ଚିତ ହେବା ସହିତ ସେଲିବ୍ରିଟି ହୋଇ ପାରିଛନ୍ତି। ମୋନିକାଙ୍କ ମତରେ ମଣିଷ ଯେତେ ବଡ଼ ପଦବୀରେ ରହିଲେ ବି ନିଜ ସଂସ୍କୃତି ଓ ପରମ୍ପରାକୁ ଭୁଲିବା ଉଚିତ ନୁହେଁ। ତେଣୁ ନିଜ ଅଞ୍ଚଳର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ।



କନ୍ୟା ସନ୍ତାନ ସହ ମୋନିକା ଯାଦବ

## କେମିକାଲ ଫ୍ରି ଭୂତାଣୁମୁକ୍ତ ସିଷ୍ଟମ 'ଓଜୋନିଟ୍'

**ଏନ୍‌ଆଇଟି ୱାରାଙ୍ଗଲ ଦ୍ୱାରା ବିକଶିତ**



**ୱାରାଙ୍ଗଲ:** କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏଥିରେ ରୋକ ଲଗାଇବା ପାଇଁ ବୈଜ୍ଞାନିକ ଏବଂ ଗବେଷକମାନେ ଉଦ୍ୟମ ଜାରି ରଖିଛନ୍ତି। ହେଲେ ଏଭଳି ସମୟରେ ତେଲଙ୍ଗାନାର ୱାରାଙ୍ଗଲସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି) ପକ୍ଷରୁ ଏକ କେମିକାଲ ଫ୍ରି ଷ୍ଟେରିଲାଇଜେଶନ ସିଷ୍ଟମ ବିକଶିତ କରାଯାଇଛି। ଏହାର ନାମ ଓଜୋନିଟ୍ ରଖାଯାଇଛି। ପଦାର୍ଥ ବିଜ୍ଞାନ ବିଭାଗ ଆସୋସିଏଟ୍ ପ୍ରଫେସର ଡି. ହରିନାଥ ଏବଂ ଗବେଷକ ପି. ଚନ୍ଦର ରାଓ ଏହି ଯନ୍ତ୍ର ବିକଶିତ କରିଛନ୍ତି। ବିଭାଗୀୟ ମୁଖ୍ୟ ପ୍ରଫେସର ଡି. ଦିନାକରଙ୍କ ସହଯୋଗ ଏବଂ ପ୍ରେରଣାରେ ଏହା ବିକଶିତ ହୋଇଛି। ଏହି ସିଷ୍ଟମ ଦେଖିବାକୁ ଘରେ ବ୍ୟବହୃତ ରେଫ୍ରିଜିରେଟର ଭଳି। ଏହାଦ୍ୱାରା ପନିପରିବା, ଫଳ, ପ୍ୟାକେଟ ଖାଦ୍ୟ, କପଡ଼ା, ୱାଲେଟ, ମାସ୍କ, ଜୋତା ଆଦି ଜିନିଷ ସହଜରେ ଭୂତାଣୁ, ଜୀବାଣୁ ଓ କବକମୁକ୍ତ କରାଯାଇପାରିବ। ଏକ ବଟନ୍ ଦବାଇବା ଦ୍ୱାରା ଏହି ମେଶିନ ଏକ ଘଣ୍ଟା ମଧ୍ୟରେ ୫୦୦ ମିଲିଗ୍ରାମ୍ ଓଜୋନ୍ ଗ୍ୟାସ୍ ଉତ୍ପନ୍ନ କରିଥାଏ। ଏହି ଗ୍ୟାସ୍ ଦ୍ୱାରା ୨୦ରୁ ୨୫ ମିନିଟ୍ ମଧ୍ୟରେ ସମସ୍ତ ଜିନିଷ ୯୯.୯୯% ସଂକ୍ରମଣମୁକ୍ତ ହୋଇପାରିବ। ଏହି ମେଶିନର ବିଶେଷତ୍ୱ ହେଲା କେମିକାଲ ବ୍ୟବହାର ନ କରି ଜିନିଷଗୁଡ଼ିକୁ ସଂକ୍ରମଣମୁକ୍ତ କରାଯାଇପାରିବ। ମେଶିନ ଚାଲିବା ସମୟରେ ଯେପରି ଗ୍ୟାସ୍ ଲିକ୍ ନ ହେବ, ଚାମ୍ବରଗୁଡ଼ିକୁ ସେପରି ଡିଜାଇନ କରାଯାଇଛି। 'ଓଜୋନିଟ୍' ତିଆରି ପାଇଁ ୫ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅଧିକ ସଂଖ୍ୟାରେ ତିଆରି ହେଲେ ଏହାର ମୂଲ୍ୟ ୫୦% କମିଯିବ ବୋଲି କୁହାଯାଇଛି। ଗବେଷକଙ୍କ କହିବା ହେଲା ବଜାରରେ ମିଳୁଥିବା ଅନ୍ୟ ଅତିବାଇଗଣି ସି (ୟୁଭି-ସି) ରଶ୍ମିଯୁକ୍ତ ମେଶିନ ଜିନିଷଗୁଡ଼ିକୁ ସଂକ୍ରମଣମୁକ୍ତ କରିପାରିବ। କିନ୍ତୁ ଜିନିଷ ରହିଥିବା ସ୍ଥାନ(ତଳପଟ)କୁ ଭୂତାଣୁ ଓ ଜୀବାଣୁମୁକ୍ତ କରିବାରେ ସକ୍ଷମ ହୋଇ ନ ଥାଏ। କିନ୍ତୁ ଓଜୋନିଟ୍ ଦ୍ୱାରା ଏହା ସମ୍ଭବ। ଓଜୋନ୍ ଗ୍ୟାସ୍ ଚାମ୍ବରର ପ୍ରତ୍ୟେକ କୋଣକୁ ଯାଇ ଜୀବାଣୁ ଓ ଭୂତାଣୁକୁ ନଷ୍ଟ କରିଥାଏ। ସେହିପରି ସଂକ୍ରମଣମୁକ୍ତ କରାଯିବା ପରେ ମଧ୍ୟ ପରିବା ଏବଂ ଫଳର ଗୁଣବତ୍ତା ତଥା ସ୍ୱାଦରେ କୌଣସି ପରିବର୍ତ୍ତନ ଆସି ନ ଥାଏ ବୋଲି ରାଓ ପ୍ରକାଶ କରିଛନ୍ତି। ଏନ୍‌ଆଇଟି, ୱାରାଙ୍ଗଲ୍ ଏହାକୁ ଖୁବ୍‌ଶୀଘ୍ର ବଜାରକୁ ଛାଡ଼ିବ ବୋଲି କୁହାଯାଇଛି।

## ୯୬ ବର୍ଷରେ ଗ୍ରାଜୁଏଟ୍

**ନୂଆଦିଲ୍ଲୀ:** ଜ୍ଞାନ ଆହରଣର କୌଣସି ବୟସ ନ ଥାଏ। ଯେ କୌଣସି ବୟସରେ ବି ବିଦ୍ୟାରମ୍ଭ କରିହୁଏ। ଏକଥା ଏବେ ପ୍ରମାଣ କରିଛନ୍ତି ଇଟାଲୀର ଗୁସେପୀ ପାଟେର୍ଣ୍ଣୋ। ୯୬ ବର୍ଷ ବୟସରେ ସେ ଏବେ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏଟ୍ ଡିଗ୍ରୀ ଶେଷ କରିଛନ୍ତି।

ଇଟାଲୀର ପାଲେର୍ମୋରେ ଥିବା ସିଲିକନ୍ ସିଟିରେ ରହୁଥିବା ଗୁପେସୀ ପାଲେର୍ମୋ ବିଶ୍ୱବିଦ୍ୟାଳୟରେ ଇତିହାସ ଓ ଜୀବନଦର୍ଶନ ବିଭାଗରେ ଡିଗ୍ରୀ ନିମନ୍ତେ ନାମ ଲେଖାଇଥିଲେ। ୨୦୧୭ରେ ସେ ନାମଲେଖାଇ ଏବେ ଡିଗ୍ରୀ ହାସଲ କରି ନିଜ ସ୍ୱପ୍ନ ପୂରା କରିପାରିଛନ୍ତି। ପାଠ ପଢ଼ିବାକୁ ବହୁତ ଭଲ ପାଉଥିବା ଗୁପେସୀ ଛୋଟବେଳେ ଦାରିଦ୍ର୍ୟ କାରଣରୁ ଅଧିକ ପଢ଼ାପଢ଼ି କରିପାରି ନ ଥିଲେ। ସେଥିପାଇଁ ସ୍କୁଲ ଶିକ୍ଷା ପରେ ସେ ନ୍ୟାଭିରେ ଯୋଗଦେଇଥିଲେ ଏବଂ ପରେ ରେଳ ବିଭାଗରେ ଚାକିରି କରିଥିଲେ। ଚାକିରିର ବ୍ୟସ୍ତତା ଆଉ ସଂସାର ଜଞ୍ଜାଳ ଭିତରେ ସେ ପଢ଼ିବାକୁ ବି ସୁଯୋଗ ପାଇ ନ ଥିଲେ। ତେଣୁ ଅବସର ପରେ ଧୀରେ ଧୀରେ ବିଭିନ୍ନ ବହି ପଢାପଢ଼ି କରୁଥିଲେ। ଆଉ ଶେଷରେ ସେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ଏତେ ବର୍ଷ ବୟସରେ ପାଠ ପଢ଼ିବା ପାଇଁ ଶୁଣି ଅନେକେ ଥଟ୍ଟା କରିଥିଲେ। କିନ୍ତୁ ତାଙ୍କର ପାଠପଢ଼ା ଦେଖି ଅଧ୍ୟାପକମାନେ ପ୍ରଭାବିତ ହୋଇଥିଲେ। ଶେଷରେ ଏବେ ଡିଗ୍ରୀ ହାସଲ କରି ସେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ ହୋଇଛନ୍ତି।



ଗୁସେପୀ ପାଟେର୍ଣ୍ଣୋ

## ୫୧ ବର୍ଷରେ ମାଟ୍ରିକ ପାସ୍

**ହାଇଦ୍ରାବାଦ:** ୫୧ ବର୍ଷରେ ମାଟ୍ରିକ ପାସ୍ କରିବା ପରେ ତେଲଙ୍ଗାନାର ମୋହମ୍ମଦ ନୁରୁଦ୍ଦିନଙ୍କ ଖୁସି କହିଲେ ନ ସରେ। ସତେ ଯେମିତି ଭଗବାନଙ୍କ ଆଶୀର୍ବାଦ ତାଙ୍କ ଉପରେ ଅଜାଡ଼ି ହୋଇଗଲା, ସେଇଭଳି ସେ ମନେ କରୁଛନ୍ତି। ମହାମାରୀ କରୋନାର ତାଣ୍ଡବ ବିଶ୍ୱବାସୀଙ୍କୁ କଲବଲ କରିଚାଲିଥିବାବେଳେ ଏହା ନୁରୁଦ୍ଦିନଙ୍କ ଲାଗି ଖୁସି ଆଣିଦେଇଛି। ଦୀର୍ଘ ୩୩ ବର୍ଷଧରି ସେ ମାଟ୍ରିକ ପରୀକ୍ଷା ଦେଇ ବିଫଳ ହୋଇଆସୁଥିଲେ। ମନରେ ଅବ୍‌ସୋସ୍ ରହିଗଲା ବୋଲି ସେ ଭାବୁଥିଲେ। ହାଇଦ୍ରାବାଦରେ ରହୁଥିବା ଏହି ବ୍ୟକ୍ତି ୧୯୮୭ରେ ମୁସିରାବାଦସ୍ଥିତ ଅଞ୍ଜୁମାନ ବୟେଜ୍ ହାଇସ୍କୁଲରେ ପଢୁଥିଲେ। ସେଇବର୍ଷ ସେ ପ୍ରଥମେ ମାଟ୍ରିକ ପରୀକ୍ଷା ଦେଇ ବିଫଳ ହୋଇଥିଲେ। ଇଂଲିଶ୍‌ରେ ଦୁର୍ବଳତା ଯୋଗୁ ସେ ବାରମ୍ବାର ଫେଲ୍ ହୋଇଆସୁଥିଲେ। ଦୀର୍ଘ ୩୩ ବର୍ଷ ଏମିତି ନିରାଶ ହୋଇ ପରୀକ୍ଷାରେ ଫେଲ୍ ହେଉଥିଲେ। ଏଥର କିନ୍ତୁ କରୋନା ଯୋଗୁ ତେଲଙ୍ଗାନା ସରକାର ବିନା ପରୀକ୍ଷାରେ ସବୁ ଛାତ୍ରୀଛାତ୍ରଙ୍କୁ ପାସ୍ କରିବା ଲାଗି ଘୋଷଣା କରିଥିଲେ। ନୁରୁଦ୍ଦିନଙ୍କ ଆନନ୍ଦ କହିଲେ ନ ସରେ। ୩୩ ବର୍ଷ ପରେ ମାଟ୍ରିକ ପାସ୍ କରିଥିବାରୁ ସେ ଭଗବାନଙ୍କୁ ମୁଣ୍ଡିଆ ମାରିବା ସହ ନିଜକୁ ଧନ୍ୟ ମନେକରିଛନ୍ତି।

**୩୩ ଥର ଫେଲ୍ ପରେ କରୋନା ଆଣିଦେଲା ଖୁସି**



ମୋହମ୍ମଦ ନୁରୁଦ୍ଦିନ

ଉର୍ଦ୍ଦୁ ମିଡିୟମରେ ପାଠ ପଢୁଥିବା ନୁରୁଦ୍ଦିନ ଇଂଲିଶ୍‌ରେ ଦୁର୍ବଳ ଥିଲେ ହେଁ ଯେମିତି ବି ହେଲେ ମାଟ୍ରିକ ପାସ୍ କରିବା ଲାଗି ଜିଦ୍ ଧରିଥିଲେ। ବହୁ ଥର ପାସ୍ ପାଖାପାଖି ମାର୍କ ରହୁଥିଲେ ହେଁ ତାଙ୍କୁ ବିଫଳ ହେବାକୁ ପଡୁଥିଲା। ଭଉଣୀ ଇଂଲିଶ୍ ମିଡିୟମ୍‌ରେ ବି.କମ୍ ପାସ କରିଥିବା ବେଳେ ସବୁବେଳେ ସହଯୋଗ କରିଆସୁଥିଲେ ବୋଲି କହିଛନ୍ତି ୪ ସନ୍ତାନର ବାପା ନୁରୁଦ୍ଦିନ। ୧୯୯୦ରୁ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା ନୁରୁଦ୍ଦିନ ଜଣେ ପୋଲିସ କିମ୍ବା ରେଲ୍‌ୱେ ଚାକିରି କରିବା ଲାଗି ଆଶା ରଖିଥିଲେ। ହେଲେ ମଣିଷ ପରିସ୍ଥିତିର ଦାସ। ପୂର୍ବରୁ ଏଭଳି ସ୍ଥିତି ଆସିଥିଲେ ହୁଏତ କେବେଠାରୁ ମାଟ୍ରିକ ପାସ୍ କରିସାରିଥାନ୍ତେ ବୋଲି କହିଛନ୍ତି ସେ। ଏବେ ତାଙ୍କୁ ମାସିକ ୮ ହଜାର ଟଙ୍କାରେ ପରିବାର ପ୍ରତିପୋଷଣ କରିବାକୁ ପଡୁଛି। ୧୯୯୪ରେ ବିବାହ କରିସାରିବା ପରେ ପରୀକ୍ଷା ଦେବା ଲାଗି ତାଙ୍କୁ ଲଜ୍ଜାବୋଧ ହୋଇଥିଲା। ଅନେକ ସାଙ୍ଗ ତାଙ୍କୁ ଏଥିଲାଗି ବିଭିନ୍ନ କମେଣ୍ଟ ମଧ୍ୟ କରୁଥିଲେ। ହେଲେ ସେ ସବୁକୁ ସେ ଅଣଦେଖାକରି ପରୀକ୍ଷାରେ ଭଲକରିବା ଲାଗି ଚେଷ୍ଟା କରୁଥିଲେ। ଶେଷରେ ସଫଳ ହୋଇଥିବା କହିଛନ୍ତି ନୁରୁଦ୍ଦିନ। ସ୍ଥାନୀୟ ଆଟ୍ଟାପୁର ଅଞ୍ଚଳରେ ଗରିବ ପିଲାମାନଙ୍କ ଲାଗି ସେ ଏକ ମଦ୍ରାସା ଖୋଲିଥିବା ପ୍ରକାଶ କରିଛନ୍ତି।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମାନସ ରଞ୍ଜନ ଦାସ
ଆବିର୍ଭାବ: ୩୦।୧୧।୧୯୬୯
ତିରୋଧାନ: ୧୪।୦୮।୨୦୧୯
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ପୁଅ- ପାପୁଲ୍, ଝିଅ- ଖୁସି, ପତ୍ନୀ, ଦାସ ପରିବାରବର୍ଗ, ବନ୍ଧୁ ପରିଜନ ଓ ଶୁଭେଚ୍ଛୁ।
ଧ-୧୭୮୫୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଭରା ଶ୍ରଦ୍ଧାଞ୍ଜଳି**



✓ସ୍ୱର୍ଣ୍ଣମୟୀ ସୁବୁଦ୍ଧି
ସ୍ଥାନ- ଗଉଡସାହି, ଉଦୟପୁର, ଡେଲାଙ୍ଗ, ପୁରୀ
ତିରୋଧାନ: ୧୪।୦୮।୨୦୧୯
ଚାହୁଁ ଚାହୁଁ ୧ବର୍ଷ ବିତିଗଲା। ଅନୁଭବ କରୁଛୁ ତୁମର ପ୍ରତ୍ୟେକଟି ଅଭାବକୁ କେହି ପୂରଣ କରିପାରିବେ ନାହିଁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଅନୁଶାସନ ଆମପାଇଁ ପ୍ରେରଣା ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଆଦରର ସ୍ୱାମୀ ଶରତ ଚନ୍ଦ୍ର ସୁବୁଦ୍ଧି, ସ୍ନେହର ଝିଅ-ଜ୍ୱାଇଁ, ନାତି, ବଡ଼ ପୁଅ-ବୋହୂ, ମଝିଆ ପୁଅ, ସାନପୁଅ ଏବଂ ପରିବାରର ସମସ୍ତ ସମ୍ପର୍କୀୟବର୍ଗ।
ଧ-୧୭୮୬୫

**ଶ୍ରଦ୍ଧାଞ୍ଜଳି**
**ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ**



✓ ଦେବେନ୍ଦ୍ରନାଥ ଦାସ
(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ୨୭.୦୮.୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୧୭୮୬୪

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରୁବି ଶେଠ
କୁଲାଡ (ନାଲ୍‌କୋ ନଗର), ଅନୁଗୋଳ
ଆବିର୍ଭାବ: ୦୬।୦୫।୧୯୭୪
ତିରୋଧାନ: ୨୩।୦୭।୨୦୨୦
ମହିମା ସ୍ୱାମୀଙ୍କ ଅଭୟ ପାଦପଦ୍ମରେ ତୁମର ଆତ୍ମା ଶାନ୍ତି ଲାଭକରୁ।
ଶୋକସନ୍ତପ୍ତ
ସ୍ୱାମୀ: ବୈରାଗୀ ଶେଠ, ପୁତ୍ର: ବରେନ୍ଦୁ ଶେଠ, କନ୍ୟା: ଉଦ୍ବେଶା ଓ ଅନ୍ୱେଷା ଏବଂ ପରିବାରବର୍ଗ।
ଧ-୧୭୮୭୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶ୍ରୀଯୁକ୍ତ ରସାନନ୍ଦ ପୃଷ୍ଟି
(ଅବସରପ୍ରାପ୍ତ ବରିଷ୍ଠ ଆୟକର ଅଧିକାରୀ)
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୧।୧୯୩୫
ତିରୋଧାନ: ୨୩।୦୭।୨୦୨୦
"ମାୟା ମମତାର ସୁନାର ସଂସାର ଛାଡ଼ି ହୋଇଗଲ ଆକାଶ ତାରା। ଅଶ୍ରୁ ନଦୀରେ ସ୍ମୃତି ନାଆରେ ମନେ ପଡୁଥିବ ଜୀବନ ସାରା।"
-:ଶୋକସନ୍ତପ୍ତ:-
ପତ୍ନୀ: ଲାବଣ୍ୟବତୀ, ପୁଅ: ବିବେକାନନ୍ଦ, ବୋହୂ: ବିଜୟଲକ୍ଷ୍ମୀ, ଝିଅ: ମାମୀ, ବୁଢୀ, ବେବୀ, ଜ୍ୱାଇଁ: ସୁବାସ, ନାନୁ, ଅକ୍ଷୟ, ବୁଲୁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ଓ ସମସ୍ତ ପରିବାରବର୍ଗ।
ଧ-୬୭୫୬୦



# ପ୍ରଥମେ ସେବା



**ଆସନ୍ତାକାଲି ରାଖୀ ପୂର୍ଣ୍ଣିମା। ଭଉଣୀମାନେ ଶୁଭମନାସି ଭାଇ ହାତରେ ବାନ୍ଧିବେ ରାଖୀ। ହେଲେ କରୋନା କଟକଣା ଅନେକଙ୍କ ପାଇଁ ସାଜିଛି ବାଧକ। ବିଶେଷ କରି କରୋନା ଯୋଦ୍ଧା ଭାବେ କାର୍ଯ୍ୟରତ ଭଉଣୀଭାଇମାନଙ୍କୁ ନିଜ ସେବା କାର୍ଯ୍ୟ ଆଗରେ ଏହି ପବିତ୍ର ଉତ୍ସବରେ ରାଖୀ ବାନ୍ଧିବାର ଅପୂର୍ବ ଆନନ୍ଦରୁ କରିଛି ବଞ୍ଚିତ...**

ଭାଇ ଭଉଣୀଙ୍କ ସମ୍ପର୍କ ସତରେ କେତେ ନିଆରା। ସେଠି ଝଗଡା ତ ଥାଏ ହେଲେ ତା'ଠୁ ଯଥେଷ୍ଟ ଅଧିକ ଥାଏ ଭଲ ପାଇବା। ଆଉ ଏହି ସମ୍ପର୍କକୁ ଆହୁରି ଅଧିକ ମଜଭୁତ କରିଦିଏ ରଖୀ ପୂର୍ଣ୍ଣିମା। ଯେଉଁଦିନ ଭଉଣୀଟିଏ ନିଜ ଭାଇର ମଙ୍ଗଳ ମନାସୀ ତା' ହାତରେ ବାନ୍ଧିଦେବ ରକ୍ଷାକବଚ ସ୍ୱରୂପ ରାଖୀଟିଏ, ଆଉ ପ୍ରତିବଦଳରେ ଭାଇ ବି ସାରା ଜୀବନ ସବୁ ବିପଦ ଆପଦରୁ ଭଉଣୀକୁ ସୁରକ୍ଷିତ ରଖିବାର ଦେବ ପ୍ରତିଶ୍ରୁତି। ହେଲେ ଏବର୍ଷ ଏହି କରୋନା ମହାମାରୀ ଅନ୍ୟାନ୍ୟ ପୂଜା ପର୍ବ ଭଳି ରାଖୀ ପୂର୍ଣ୍ଣିମାରେ ବି ସାଜିଛି ବାଧକ। ବିଶେଷ କରି କରୋନା ଯୋଦ୍ଧା ଭାବେ କାର୍ଯ୍ୟରତ ଭଉଣୀଭାଇମାନଙ୍କୁ ନିଜ ସେବା କାର୍ଯ୍ୟ ଆଗରେ ଏହି ପବିତ୍ର ଉତ୍ସବରେ ରାଖୀ ବାନ୍ଧିବାର ଅପୂର୍ବ ଆନନ୍ଦରୁ କରିଛି ବଞ୍ଚିତ। ତେବେ ଏହାକୁ ନେଇ କିଭଳି ପ୍ରତିକ୍ରିୟା ଦିଅନ୍ତି ଏମାନେ...

**ସେଭଳି ଭଉଣୀ ପାଇଁ ଗର୍ବ ଅନୁଭବ କରୁଛି:** ରାଖୀ ପୂର୍ଣ୍ଣିମାରେ ଭଉଣୀ(ଅନାମିକା ପ୍ରଧାନ) ଯେତେବେଳେ ହାତରେ ରାଖୀ ବାନ୍ଧି ଦିଏ ଲାଗେ ଯେମିତି ଏହି ସୁରକ୍ଷା କବଚ ସବୁ ବିପଦରୁ ରକ୍ଷା କରିବ, ସେ ଅପୂର୍ବ ଅନୁଭବ ଅବର୍ଣ୍ଣନୀୟ। ହେଲେ ଏଥର କରୋନା ମହାମାରୀ ଲାଗି ପ୍ରଥମ ଥର ପାଇଁ ସେ ମୋ ହାତରେ ରାଖୀ ବାନ୍ଧିପାରିବନି। କାରଣ ସେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଆୟୁଷ ମେଡିକାଲ ଅଫିସର ଭାବେ ପୁରୀ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ। ମାର୍ଚ୍ଚ ମାସଠାରୁ ସେ କୋଭିଡ୍-୧୯ ଲାଗି ସ୍ୱେଶାଲ୍ ଡ୍ୟୁଟିରେ ଅଛି। ସସ୍ପେକ୍ଟେଡ୍ କରୋନା ଆକ୍ରାନ୍ତଙ୍କୁ ଗାଡିରେ କୋଭିଡ୍ କେୟାରକୁ ପଠାଇବା, ରୋଗୀଙ୍କ ସ୍ୱାବ୍ ଟେଷ୍ଟ ଲାଗି ନମୁନା ସଂଗ୍ରହ କରିବା, ରୋଗୀଙ୍କ ଗାଡିରେ ଏସ୍କର୍ଟ ଭାବେ ଯିବା ଭଳି କାର୍ଯ୍ୟ ପ୍ରତିଦିନ କରିଆସୁଛି। ନିଜ ଜୀବନପ୍ରତି ବିପଦ ଥିଲେ ହେଁ ସେ ରୋଗୀଙ୍କ ସେବାରେ କେବେ ଅବହେଳା କରିନାହିଁ। ଏମିତି କି ଅନ୍ୟମାନଙ୍କୁ ଯେପରି କୌଣସି ବିପଦ ନ ଆସେ ସେଥିପାଇଁ ବନ୍ଧୁ ପରିଜନଙ୍କୁ ନିଜେ ରହୁଥିବା ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଘରକୁ ଆସିବାକୁ ମନା କରିବା ସହ ନିଜେ ମଧ୍ୟ କାହା ଘରକୁ ଯାଉନାହିଁ। ମୋର ଇଚ୍ଛା ଥିଲେ ସୁଦ୍ଧା ସେ ସୁରକ୍ଷା ଦୃଷ୍ଟିରୁ ନ ଆସିବାକୁ ପରାମର୍ଶ ଦେବା ସହ ଆମ ଅଞ୍ଚଳରେ ଥିବା ତା'ର ଜଣେ ଷ୍ଟାଫ୍‌ଙ୍କ ହାତରେ ରାଖୀ ପଠାଇ ଦେଇଛି। ଯଦିଓ ପ୍ରଥମ ସେ ନିଜେ ମୋ ହାତରେ ରାଖୀ ବାନ୍ଧି ନ ପାରିବ ବୋଲି ଦୁଃଖ ଲାଗୁଛି ତଥାପି ଯିଏ ନିଜ ପ୍ରତି ବିପଦ ଥିବା ଜାଣି ବି ଅନ୍ୟର ସେବା ନିଷ୍ଠାର ସହ କରିପାରେ ସେମିତି ଜଣେ କରୋନା ଯୋଦ୍ଧାର ଭାଇ ହୋଇଥିବାରୁ ଗର୍ବ ଅନୁଭବ କରୁଛି। ତେଣୁ ସେ ପଠାଇଥିବା ରାଖୀରେ ବି ଲୁଚି ରହିଥିବା ତା'ର ସ୍ନେହ ଶ୍ରଦ୍ଧା ମୋତେ ସେତିକି ଖୁସି ଦେବ।

*– ଅଭିନବ ପ୍ରଧାନ, ପୁରୀ*



ଭଉଣୀ ଅନାମିକାଙ୍କ ସହ ଅଭିନବ

**ରାଖୀ ବାନ୍ଧି ହେବନି କିନ୍ତୁ ଅତୁଟ ରହିବ ସମ୍ପର୍କ:** ଚଳିତବର୍ଷ କରୋନା କାରଣରୁ ଅନେକ ପର୍ବପର୍ବାଣି ପାଳନ ଭଲ ଭାବେ ହୋଇ ପାରିନାହିଁ। ତେବେ ଏଥିରୁ ବାଦ୍ ପଡିନି ରକ୍ଷା ବନ୍ଧନ। ତେଣୁ ଭଦ୍ରକରେ ପୋଲିସ ଭାବେ କାର୍ଯ୍ୟରତ ମୋର ଏକ ମାତ୍ର ଭାଇ ଅଶୋକ ହାତରେ ରାଖୀ ବାନ୍ଧିପାରିବି ନାହିଁ। କାରଣ ଭଦ୍ରକର ଅଧିକାଂଶ ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍ ପରିସରରେ। ଏପରି କି ସେ ରହୁଥିବା କୁଆଁସ ନିକଟସ୍ଥ ପୋଲିସ କଲୋନୀ ବି ନିଷିଦ୍ଧାଞ୍ଚଳ। ପିଲା ଦିନଠାରୁ ଭାଇ ହାତରେ ରାଖୀ ବାନ୍ଧି ଆସୁଛି। ଭାଇର ଚାକିରି ସମୟରେ ପୋଷ୍ଟରେ ରାଖୀ ପଠାଇ ଦେଉଥିଲି। ଏବେ ସେ ଭଦ୍ରକରେ ଚାକିରି କଲାଠାରୁ ପାଖରେ ଯାଇ ରାଖୀ ବାନ୍ଧି ଆସୁଥିଲି। କିନ୍ତୁ ଏଥର କରୋନା କଟକଣା କାରଣରୁ ମୁଁ ତାକୁ ରାଖୀ ବାନ୍ଧିବାକୁ ଯିବି ନାହିଁ କିମ୍ବା ତା'କୁ ଘରକୁ ଡାକି ରାଖୀ ବାନ୍ଧିବି ନାହିଁ। ହେଲେ ଏଭଳି ଖରା ବର୍ଷାରେ ନିଜ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ ବିପଦପୂର୍ଣ୍ଣ ଭାବେ ଜନସାଧାରଣଙ୍କ ସେବା କରୁଥିବା କରୋନା ଯୋଦ୍ଧା ଭାଇର ସଫଳତା କାମନା କରି ଘରେ ରହି ଠାକୁରଙ୍କ ନିକଟରେ ଶୁଭ ମନାସିବି।



ଭାଇ ଅଶୋକଙ୍କ ସହ ସଞ୍ଜୁଲତା

*– ସଞ୍ଜୁଲତା ବେହେରା, ବ୍ରହ୍ମପୁର*

**ପରିସ୍ଥିତି ଆଗରେ ସବୁ ବାଧ:** ଭାଇ ଭଉଣୀଙ୍କ ସମ୍ପର୍କକୁ ଆହୁରି ସୁନ୍ଦର ଓ ମଜଭୁତ କରେ ରକ୍ଷା ବନ୍ଧନ। ତେଣୁ ପ୍ରତିବର୍ଷ ନିଜ ଭଉଣୀ ଅନରୂପା ହାତରୁ ନିଶ୍ଚୟ ରାଖୀ ବାନ୍ଧେ। ଯେଉଁଠି ଥିଲେ ବି ଏହି ଦିନ ତା' ପାଖକୁ ଯାଏ। ହେଲେ ପ୍ରଥମଥର ଲାଗି ନିଜ ଭଉଣୀ ହାତରୁ ରାକ୍ଷୀ ବାନ୍ଧିବାର ସୁଯୋଗରୁ ବଞ୍ଚିତ ହେବି। କାରଣ ବର୍ତ୍ତମାନ କୋଭିଡ୍-୧୯ ଭୂତାଣୁ ଯେଉଁଭଳି ବ୍ୟାପିବାରେ ଲାଗିଛି ଏମିତିରେ ପରିବାରର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ତା'ଛଡା ଇଟିପୁର ପି.ଏଚ୍.ସି.ରେ ଜଣେ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ ହେଁ ବର୍ତ୍ତମାନ କୋଭିଡ୍-୧୯ ଲାଗି ନୋଡାଲ ଅଫିସର ଭାବେ ନିଯୁକ୍ତ ହେଇଛି। ତେଣୁ ପ୍ରତିଦିନ କୋଭିଡ୍ କେୟାରର ମ୍ୟାନେଜମେଣ୍ଟ କରିବା, ପଜିଟିଭ୍ ରୋଗୀଙ୍କୁ ଅନ୍ୟତ୍ର ପଠାଇବା ଭଳି ବିଭିନ୍ନ କାର୍ଯ୍ୟ ସହ ସପ୍ତାହକୁ ୨୪ ଘଣ୍ଟା ଟେଲି ମେଡିକାଲ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିବାକୁ ହେଉଛି। ତେଣୁ ଏମିତିରେ ଡ୍ୟୁଟିକୁ ଅବହେଳା କରି ରାଖୀ ପାଇଁ ଭଉଣୀ ଘରକୁ ଯାଇ ହେବନି। ତା'ଛଡା ନିଜେ ଏତେ ସଂଖ୍ୟାରେ କୋଭିଡ୍ ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବାରୁ ସୁରକ୍ଷା ଦୃଷ୍ଟିରୁ ତାକୁ ମଧ୍ୟ ନୟାଗଡରୁ ଏଠାକୁ ଆସି ରାଖୀ ବାନ୍ଧିବାକୁ ବି ମନା କରିଛି। ସେ ପଠାଇଥିବା ରାଖୀ ବାନ୍ଧିବି ଏବଂ ଫୋନ୍‌ରେ ଯୋଗାଯୋଗ କରିବି। ପରିସ୍ଥିତି ଆଗରେ ସବୁକିଛି ବାଧ ତେଣୁ ଗୋଟିଏ ବର୍ଷ ଦୂରରୁ ରକ୍ଷାବନ୍ଧନ ପାଳିଲେ ସ୍ନେହ ଶ୍ରଦ୍ଧା କମିଯିବନି।



ମନୋରଞ୍ଜନ

*– ଡା. ମନୋରଞ୍ଜନ ମିଶ୍ର*
*ଇଟିପୁର, ଭୁବନେଶ୍ୱର*



## ୟୁଥ୍ କ୍ଲବ୍

# ସେବାରେ ମିଳେ ଆନନ୍ଦ

କଟକ ସହରର ସୌନ୍ଦର୍ଯ୍ୟକରଣ ସହ ବିଭିନ୍ନ ସମସ୍ୟା ସମାଧାନ କରିବା୍ଠାରୁ ଆରମ୍ଭ କରି ଅସହାୟଙ୍କୁ ସାହାଯ୍ୟ କରିବା ପର୍ଯ୍ୟନ୍ତ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟକରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନେ। ଆଉ ବର୍ତ୍ତମାନ କରୋନା ମହାମାରୀ ପାଇଁ ଚାଲିଥିବା ଲକଡାଉନ ସମୟରେ ଅସହାୟଙ୍କୁ ସହଯୋଗର ହାତ ବଢ଼ାଇ ଅନନ୍ୟ ଉଦାହରଣ ସାଜିଛନ୍ତି କଟକସ୍ଥିତ ସଲ୍‌ଭରସିଟି, କଟକ-ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟର ସଦସ୍ୟମାନେ। ୨୦୧୭ ମସିହାରେ ମାତ୍ର ୮ ଜଣ ଯୁବକଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ସଂଗଠନର ବର୍ତ୍ତମାନ ସଦସ୍ୟଙ୍କ ସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ। କୌଣସି ରାଜନୈତିକ ଦଳ ସହ ସଂଶ୍ଳିଷ୍ଟ ନ ରହି ଏମାନେ ନିଜ ପ୍ରଚେଷ୍ଟାରେ ସାଧାରଣ ଲୋକଙ୍କ ସମସ୍ୟାଠାରୁ ନେଇ ସହରବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ସଂଘର ପ୍ରତିଷ୍ଠାତା ଅଭିଜିତ ପୃଷ୍ଟିଙ୍କ ନେତୃତ୍ୱରେ ଲକ୍‌ଡାଉନ ଆରମ୍ଭ ହେବା ଦିନଠାରୁ ପ୍ରତ୍ୟେକ ଦିନ ସଦସ୍ୟମାନେ ଅସହାୟଙ୍କ ସେବା କରୁଛନ୍ତି। ସେ କୁହନ୍ତି, ମେଡ଼ିକାଲକୁ ଆସୁଥିବା ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ହୁଅନ୍ତୁ ଅବା ରାସ୍ତା କଡ଼ରେ ଶୋଇ ରହୁଥିବା ବ୍ୟକ୍ତିବିଶେଷଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକଙ୍କୁ ସେମାନେ ସହାୟତା ଯୋଗାଇ ଦେଉଛୁ। କରୋନା ସମୟରେ ସତର୍କ ରହିବା ଏବଂ ସୁରକ୍ଷିତ ରହିବା ଲାଗି ଜନସାଧାରଣଙ୍କୁ ସଚେତନ କରାଉଛୁ। 'ମିଶନ ହଙ୍ଗରଫ୍ରି କଟକ' ନାମରେ ଏକ କ୍ୟାମ୍ପେନ୍ କରି ଅଭାବୀଙ୍କୁ ଖାଇବା ଯୋଗାଇ ଦେଉଛୁ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦୦୦ରୁ ଉର୍ଦ୍ଧ୍ୱ ଶୃଙ୍ଖଳା ଖାଦ୍ୟ ପ୍ୟାକେଟ ସହିତ ୮୦୦ ପରିବାରକୁ ସାପ୍ତାହିକ ସଉଦା, ୨୦ଟି ପରିବାରକୁ ମାସିକ ସଉଦା ଯୋଗାଇ ଦେଉଛୁ। କଟକ ସହରେ ବୁଲୁଥିବା ଭୋକିଲା ଗୋରୁ, କୁକୁର ଆଦି ପ୍ରାଣୀଙ୍କୁ ମଧ୍ୟ ଖାଦ୍ୟ ଦେଉଛୁ। ଏନେଇ ବର୍ତ୍ତମାନ ସୁଦ୍ଧା ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଥିଲେ ହେଁ ଆମେ ସେବା କାର୍ଯ୍ୟ ଜାରି ରଖିଛୁ। ସଂଘର ସଭାପତି ଆଭାସ ମହାନ୍ତି କୁହନ୍ତି, 'କଟକ ଆମ ରାଜ୍ୟର ସବୁଠୁ ପୁରାତନ ଏବଂ ପ୍ରମୁଖ ସହର ହୋଇଥିଲେ ସୁଦ୍ଧା ଏହାର ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ ଲାଗି ଏତେଟା ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ଯଥା ସମ୍ଭବ ଏହିକାର୍ଯ୍ୟ ଆମେ ନିଜସ୍ୱ ଉଦ୍ୟମରେ କରିବାକୁ ଅଣ୍ଟା ଭିଡିଛୁ। ବର୍ତ୍ତମାନ ସୁଦ୍ଧା କଟକରେ ଥିବା ୮ଟି ଯାକ ଗୋଲେଇଛକକୁ ସଫା କରିବା, ଟ୍ରାଫିକ୍ ପୋଷ୍ଟ ରଙ୍ଗ କରିବା ସହ ବିଭିନ୍ନ ଫୁଲ ଗଛ ଲଗାଇ ସୁନ୍ଦର କରିଛୁ। ଏହା ବ୍ୟତୀତ 'ସେଭ୍ ଆୱାର ହେରିଟେଜ୍' କ୍ୟାମ୍ପେନ୍ କରି ଆମ ସହରରେ ଥିବା ପୁରୁଣା ମନ୍ଦିର ଏବଂ ମଠ ଗୁଡିକର ମରାମତି କରିବା, ଏହାର ପୁନରୁଦ୍ଧାର କରିବା ସହ ଭାରତ ପ୍ରତ୍ନତତ୍ତ୍ୱ ବିଭାଗ ସହାୟତାରେ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ଦିଗରେ ମଧ୍ୟ ବିଶେଷ କାର୍ଯ୍ୟ କରୁଛୁ।' ଏତିକିରେ ସୀମିତ ନୁହେଁ ଏହି ସଂଘର କାର୍ଯ୍ୟ। ସେମାନେ 'ପିସ୍ ଅଫ୍ କୋପ୍' ନାମରେ ଏକ ବାର୍ଷିକ କ୍ୟାମ୍ପେନ୍ କରି ଶୀତଦିନେ ରାସ୍ତା କଡରେ ରହୁଥିବା ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥାନ୍ତି। ବର୍ଷାଦିନେ ବୃକ୍ଷ ରୋପଣ କରିଥାନ୍ତି। କ୍ୟାନ୍ସର ରୋଗୀଙ୍କ ଲାଗି ଔଷଧ ଯୋଗାଇ ଦେବାଠାରୁ ଆରମ୍ଭ କରି ଗରିବ, ଅସହାୟ ଲୋକ ଏବଂ ଅନାଥ ଆଶ୍ରମ ପିଲାଙ୍କ ଲାଗି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥାନ୍ତି। ତେବେ ଏସବୁ ସେବା କାର୍ଯ୍ୟରେ ଆନନ୍ଦ ମିଳିଥାଏ ବୋଲି ପ୍ରକାଶ କରନ୍ତି ସଂଘର ସଦସ୍ୟମାନେ।

**–ପୌର୍ଣ୍ଣମାସୀ**



ସଦସ୍ୟଙ୍କ ଦ୍ୱାରା ଅସହାୟଙ୍କୁ ଖାଦ୍ୟ ବଣ୍ଟନ ।




ସିଲଭରସିଟି କଟକ- ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟର ସଦସ୍ୟମାନେ।

## ଏ ସପ୍ତାହର ପ୍ରଶ୍ନ

୧– ନ୍ୟୁ ଦିଲ୍ଲୀ ୱାର୍ଲ୍ଡ ବୁକ୍ ଫେୟାର୍ ୨୦୨୦ର ଥିମ୍ .......... ?
୨– ଆମ ଦେଶରେ ମାତୃଭାଷା ଦିବସ ବା ଇଣ୍ଟରନ୍ୟାଶନାଲ୍ ମଦର ଲାଙ୍ଗୁଏଜ୍ ଡେ'........ ମନ୍ତ୍ରଣାଳୟ ପକ୍ଷରୁ ପାଳନ କରାଯାଏ ?
୩– ନିକଟରେ ମାଲେସିଆନ୍ ମାଷ୍ଟର୍ସ ୨୦୨୦ ଟାଇଟଲ୍ ଜିତିଥିବା ବ୍ୟାଡ୍‌ମିଣ୍ଟନ୍ ଖେଳାଳି................ ?
୪– ବିଶ୍ୱର ସବୁଠୁ ବଡ ରେଲ୍‌ୱେ ବ୍ରିଜ୍ ............ ଠାରେ ନିର୍ମାଣ ହେବାକୁ ଯାଉଛି ?
୫– ଭାରତର.......... ଟି ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦିଆଯାଇଛି ?

## ଗତ ଥରର ଉତ୍ତର

୧ ପି. ପ୍ରବୀଣ ସିଦ୍ଧାର୍ଥ
୨ ଗୁଜରାଟ
୩ ରାଟାନକ୍ ଇଣ୍ଟାନନ୍
୪ ୧୯୪୯
୫ ୨୫ଟି

## ଉତ୍ତରଦାତା



ମୋହିତ ଗୁପ୍ତା, କଲମପୁର



ବିନୟ ରଞ୍ଜନ ପରିଡା, ଖୋର୍ଦ୍ଧା



ଦୀନବନ୍ଧୁ ବେହେରା, ନୟାଗଡ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଫ୍ୟାଶନ ହାଉସ୍




(୧) ................ ଗୁସି
(୨) ................ ଚ୍ୟାନେଲ
(୩) ................ ଡାଇଅର୍
(୪) ................ ଲୁଇସ୍ ଭୁଇଟନ୍
(୫) ................ ପ୍ରାଡା
(୬) ................ ଭର୍‌ସେସ୍
(୭) ................ ସେଣ୍ଟ ଲରେଣ୍ଟ
(୮) ................ ଫ୍ରେଣ୍ଡି
(୯) ................ ବର୍‌ବେରୀ
(୧୦) ................ ବାଲେନ୍ସିଏଜ୍

## ଜାଣନ୍ତୁ ଦୁନିଆ

# ଫ୍ରେଣ୍ଡଶିପ୍ ଡେ'



ସୁଖ ହେଉ ଅବା ଦୁଃଖ, ଯିଏ ସବୁବେଳେ ପାଖରେ ଥାଏ, ଆଉ ଯାହା ଆଗରେ ସବୁ ମନ କଥା କହି ହୋଇଯାଏ, ସିଏ ହେଉଛି ବନ୍ଧୁ। ଯଦିଓ ଏହି ସୁନ୍ଦର ସମ୍ପର୍କ ଲାଗି ପ୍ରତିଟି ଦିନ ସ୍ୱେଶାଲ ତଥାପି ଏହାକୁ ଆହୁରି ନିବିଡ କରିବା ଲାଗି ପାଳନ ହୋଇଥାଏ ବନ୍ଧୁତ୍ୱ ଦିବସ। ତେବେ ଆସନ୍ତୁ ଜାଣିବା ଏହି ଦିବସ ସମ୍ପର୍କରେ କିଛି ରୋଚକ ତଥ୍ୟ:

- ୧୯୧୯ ମସିହାରେ ହଲ୍‌ମାର୍କ କାର୍ଡର ପ୍ରତିଷ୍ଠାତା ଜଏସ୍ ହଲ୍ ପ୍ରଥମେ ଅଗଷ୍ଟ ମାସ ପ୍ରଥମ ରବିବାରକୁ ଫ୍ରେଣ୍ଡଶିପ୍ ଡେ' ଭାବେ ଆରମ୍ଭ କରିଥିଲେ। ସେ ଏହାକୁ ଏକ ବ୍ୟବସାୟ ରଣନୀତି ଭାବେ ଆରମ୍ଭ କରିଥିଲେ ହେଁ ଏହା ଦିନକୁ ଦିନ ଖୁବ୍ ଲୋକପ୍ରିୟ ହୋଇଥିଲା ।
- ୟୁନାଇଟେଡ୍ ଷ୍ଟେଟ୍ ଅଫ୍ କଂଗ୍ରେସ୍ ପକ୍ଷରୁ ୧୯୩୫ ମସିହାରେ ଅଗଷ୍ଟ ପ୍ରଥମ ରବିବାରକୁ ଜାତୀୟ ବିନ୍ଧୁତ୍ୱ ଦିବସ ଭାବେ ଘୋଷଣା କରାଗଲା। କିନ୍ତୁ ପାରାଗୁଏର ଡା. ରାମନ୍ ଆର୍ଟେମିଓ ବ୍ରାକୋ ଜୁଲାଇ ୩୦ ତାରିଖକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ତାଙ୍କ ଦେଶରେ ୧୯୫୮ ମସିହାରେ ପାଳନ କରାଯାଇଥିଲା। ସେବେଠୁ ବିଭିନ୍ନ ଦେଶରେ ଏହି ଦିବସ ପାଳନ କରାଯାଇ ଆସୁଥିଲେ ହେଁ ୟୁନାଇଟେଡ୍ ଷ୍ଟେଟ୍ ଜେନେରାଲ୍ ଆସେମ୍ବ୍ଲୀ ପକ୍ଷରୁ ଏପ୍ରିଲ୍ ୨୭, ୨୦୧୧ରେ ଜୁଲାଇ ୩୦କୁ ବିଶ୍ୱ ବନ୍ଧୁତ୍ୱ ଦିବସର ମାନ୍ୟତା ମିଳିଲା।
- ଆର୍ଜେଣ୍ଟିନା, ସ୍ପେନ୍, ବ୍ରାଜିଲ୍ ଏବଂ ଉରୁଗୁଏରେ ଏହି ଦିବସ ଜୁଲାଇ ୩୦ ପରିବର୍ତ୍ତେ ୨୦ ତାରିଖରେ ପାଳନ ହେଉଥିବା ବେଳେ ଇକୁଆଡର, ମେକ୍ସିକୋ, ଭେନେଜୁଏଲା ଆଦି ଦେଶରେ ଏହା ଫେବୃୟାରୀ ୧୪ ତାରିଖରେ ପାଳନ କରାଯାଏ।
- ଆମେରିକାର ମେମ୍ଫିସ୍ କାପ୍ପା ଡେଲ୍ଟା ସରୋରିଟୀ ପକ୍ଷରୁ ମହିଳାଙ୍କ ଜୀବନରେ ମହିଳା ବନ୍ଧୁଙ୍କ ଗୁରୁତ୍ୱ ଦର୍ଶାଇବା ଲାଗି ୧୯୯୯ରେ ସେପ୍ଟେମ୍ବର ୩ୟ ରବିବାରକୁ ନ୍ୟାଶନାଲ୍ ଓମେନ୍ସ ଫ୍ରେଣ୍ଡଶିପ୍ ଡେ' ଭାବେ ପାଳନ କରାଯାଉଛି।
- ଆମ ଦେଶରେ ୧୯୨୦ ମସିହାରେ ଗ୍ରୀଟିଙ୍ଗ୍ କାର୍ଡ ନ୍ୟାଶନାଲ୍ ଆସୋସିଏଶନ୍ ପକ୍ଷରୁ ଫ୍ରେଣ୍ଡଶିପ୍ ଡେ' ପ୍ରମୋଶନ୍ କରାଯାଇଥିଲା। ହେଲେ ଅନେକେ ଏହାକୁ ଗ୍ରୀଟିଙ୍ଗ୍ କାର୍ଡ ବିକ୍ରି ବୃଦ୍ଧି ଲାଗି ଏକ ବିଜ୍‌ନେସ୍ ପ୍ଲାନ୍ ବୋଲି ଭାବିନେଇଥିଲେ।
- ୧୯୯୮ରେ ୟୁଏନ୍ ସେକ୍ରେଟାରୀ ଜେନେରାଲ କୋଫି ଆନନ୍‌ଙ୍କ ପତ୍ନୀ ନାନେ ଆନନ୍ କାର୍ଟୁନ ଚରିତ୍ର ୱିନୀ ଦ ପୁହ୍‌କୁ ଫ୍ରେଣ୍ଡଶିପ୍‌ର ଗ୍ଲୋବାଲ୍ ଆମ୍ବାସାଡର ଘୋଷଣା କରିଥିଲେ।
- ଫେବୃୟାରୀ ମାସକୁ ଇଣ୍ଟରନ୍ୟାଶନାଲ ମନ୍ଥ ଅଫ୍ ଫ୍ରେଣ୍ଡଶିପ୍ ଭାବେ ପାଳନ କରାଯାଏ।

**ଚାଷୀଙ୍କୁ ମାଗଣାରେ ନଡ଼ିଆ ଚାରା ବଣ୍ଟନ**

ପିପିଲି,(ସ୍ୱ.ପ୍ର.): ପିପିଲି ବ୍ଲକ ଅନ୍ତର୍ଗତ ତେଇସିପୁର ପଞ୍ଚାୟତର ନଡ଼ିଆ ଚାଷୀମାନଙ୍କୁ ସହକାରୀ ଉଦ୍ୟାନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ଉଦ୍ୟାନ-କୃଷି ତାଲିମ ଓ ସମ୍ପ୍ରସାରଣ କେନ୍ଦ୍ର ପକ୍ଷରୁ ଏମ୍‌ଜିଏନଆରଜିଏସ୍ ସ୍କିମ୍‌ରେ ମାଗଣାରେ ନଡ଼ିଆ ଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆତ୍ମା ଅଧ୍ୟକ୍ଷ ଧରଣୀଧର ସାହୁ ଯୋଗଦେଇଥିଲେ। ଏହାସହ ଜୈବିକ ସାର, ଚାରାକୁ ସୁରକ୍ଷିତ ରଖିବା ପାଇଁ ନେଟ ଜାଲି ଦିଆଯାଉଛି। ଏଥିରେ ସରପଞ୍ଚ ନରେନ୍ଦ୍ର ଦାଶ, କେଶବ ଚନ୍ଦ୍ର ମହାରଣା ଓ ଅଭିରାମ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଧୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ

**କଟକ ଅଫିସ,୧୮:** ବିଡ଼ାନାସୀ ମଧୁ ସେତୁ ନିକଟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଏନେଇ କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସଭାପତି ଦେବୀପ୍ରସାଦ ନନ୍ଦ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର, ସମ୍ପାଦକ ଡ. ରାଜକିଶୋର ମହାନ୍ତି, ଶତ୍ରୁଘ୍ନ ପଟ୍ଟନାୟକ, ମାଧବ ମିଶ୍ର, ନିଶିକାନ୍ତ ମିଶ୍ର, ଡ. ହୁସେନ ରବି ଗାନ୍ଧି, ଭୁବନାନନ୍ଦ ମହାନ୍ତି, ଡ. ବସନ୍ତ ମଞ୍ଜରୀ ନନ୍ଦ, ଗୋପାଳ ଚନ୍ଦ୍ର ମିଶ୍ର ଏଥିପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

### ୫ନଂ. ୱାର୍ଡ ହେଲା କଣ୍ଟେନ୍‌ମେଣ୍ଟ ଜୋନ୍

**ଡେଲାଙ୍ଗ,୧୮(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତର ଜଗଦଳପୁର ଗ୍ରାମରେ ଜଣେ ୬୨ ବର୍ଷିୟା ମହିଳା ଶୁକ୍ରବାର କରୋନା ପଜିଟିଭ ଚିହ୍ନଟ ହୋଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ଦେଖି ଶନିବାର ସରପଞ୍ଚ ପ୍ରିୟମ୍ବଦା ରାଉତରାୟ ଏହି ଗ୍ରାମର ୫ନଂ. ୱାର୍ଡ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହାସହ ଉକ୍ତ ସାହିର ପ୍ରବେଶ ପଥକୁ ସିଲ କରାଯାଇ ଯିବା ଆସିବା ମାର୍ଗ ବନ୍ଦ କରାଯାଇଛି। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟିମ ପକ୍ଷରୁ ଆକ୍ରାନ୍ତ ବ୍ୟକ୍ତିଙ୍କ ପରିବାର ଓ ସଂସ୍ପର୍ଶରେ ଥିବା ୧୦ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ଚିହ୍ନଟ ମହିଳାଙ୍କ କିଛିଦିନ ତଳେ ଥଣ୍ଡା, କାଶ ହୋଇଥିଲା। ପରେ ତାଙ୍କ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସ୍ୱାବ ପରୀକ୍ଷା କରାଯିବାରୁ ପଜିଟିଭ ବାହାରିଥିଲା। ଏବେ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୬୦ରେ ପହଞ୍ଚିଥିବାବେଳେ ୨୯ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

### ଚୋରି କାର୍, ଅଟୋ ଜବତ: ଜଣେ ଗିରଫ

**ପୁରୀ ଅଫିସ,୧୮:** ତାଳବଣିଆ ଥାନା ଅନ୍ତର୍ଗତ ସର୍ବୋଦୟ ନଗରରୁ କାର୍ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପତିପାବନ ଲେନ୍‌ର ନାରାୟଣ ବେହେରା। ପୋଲିସ ତାଙ୍କଠାରୁ ଏକ ଚୋରି କାର୍, ଅଟୋ ୨ ମୋବାଇଲ ଓ ଚୋରିରେ ବ୍ୟବହୃତ ସାମଗ୍ରୀ ମଧ ଜବତ କରିଛି। ଗତ ୨୫ତାରିଖରେ ସର୍ବୋଦୟ ନଗରରେ ରହୁଥିବା ସରୋଜ କୁମାର ପ୍ରଧାନଙ୍କ ଘରେ ନାରାୟଣ ସ୍କାଏ ଲାଇଟ୍ ଭାଙ୍ଗି ଚାବି ନେଇ କାର୍ ଚୋରି କରିନେଇଥିଲେ। ସରୋଜ ସକାଳୁ ଉଠି ଗାଡ଼ି ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୨୪/୨୦)ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏକ ବିଶେଷ ସୂତ୍ରରୁ ଖବରପାଇ ପୋଲିସ ନାରାୟଣଙ୍କୁ ଗିରଫ କରିଥିଲା।

### ଚୌଦ୍ୱାରରେ ହେବ ୪ ଅଣ୍ଡର ପାସ୍ ୱେ

**ଚୌଦ୍ୱାର,୧୮(ଡି.ଏନ୍.ଏ.):** ଚୌଦ୍ୱାର ସହର ଦେଇଯାଇଥିବା ୫୫ ନଂ. ଜାତୀୟ ରାଜପଥରେ ୪ଟି ଓଭରବ୍ରିଜ୍ ଅଣ୍ଡର ପାସ୍ ୱେ ନିର୍ମାଣ ହେବ। ଏଥିପାଇଁ ଜାତୀୟ ରାଜମାର୍ଗ ପ୍ରାଧିକରଣ ୪୩କୋଟି ୬୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ବୋଲି ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଥିଲେ, ମଙ୍ଗୁଳି ଛକରୁ ବାହାରି ଚୌଦ୍ୱାର ପୌରପାଳିକା ଦେଇ ଯାଇଥିବା ୫୫ନଂ. ଏନ୍‌ଏଚ୍‌ର ସମ୍ପ୍ରସାରଣ ପ୍ଲାନ୍‌ରେ ନୁନ୍‌ଟିକିରୀ ଠାରୁ ଧୂମାବତୀ ଛକ ପର୍ଯ୍ୟନ୍ତ ରାସ୍ତାରେ କୌଣସି ଅଣ୍ଡରପାସ୍ କିମ୍ବା ଫ୍ଲାଏ ଓଭରର ବ୍ୟବସ୍ଥା ନାହିଁ। ପୌରାଞ୍ଚଳବାସୀଙ୍କ ପାଇଁ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଅନୁରୋଧ କରିଥିଲେ। ଏମ୍‌ପିଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଯୋଗୁ ଚୌଦ୍ୱାର ପୌରାଞ୍ଚଳର ଓଟିଏମ୍ ପରିବା ମାର୍କେଟ, ଲିବ୍ରା କାର୍ପେଟ ଛକ, କଳିଙ୍ଗ ଛକ ଏବଂ ଧୂମାବତୀ ଛକରେ ୪ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ଏନ୍‌ଏଚ୍‌ଏଆଇ ତରଫରୁ ଟଙ୍କା ମଞ୍ଜୁର ହୋଇଛି। ଏଥିସହ ବାଲି ଛକ ଓ ଓରନ୍ଦା ଛକରେ ଗୋଟିଏ ଲେଖାଏ ଅଣ୍ଡର ପାସ୍ ନିର୍ମାଣ ପାଇଁ ମଧ ଅତିରିକ୍ତ ୩୨. ୬୫କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ବିଷ୍ଣୁ ଚରଣ ପରିଡ଼ା, ପୂର୍ବତନ ଉପ ନଗରପାଳ ଅଜୟ ବେହେରା, ବିମଳ ବେଉରା, ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଷରେ ନୟାପଲ୍ଲୀବାସୀ

**ଭୁବନେଶ୍ୱର,୧୮(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୱାର୍ଡ ନଂ.୩୭ର ନୟାପଲ୍ଲୀ ଅଞ୍ଚଳରେ ପିଇବା ପାଣିର ସମସ୍ୟା ଲାଗି ରହିଛି। ବିଶେଷକରି ନୟାପଲ୍ଲୀର ବେହେରାସାହି, ଆଖଣ୍ଡଳମଣି ମନ୍ଦିର ଅଞ୍ଚଳ, କଳିଙ୍ଗ ଷ୍ଟାଡିୟମ ପଛରେ ରହୁଥିବା ଲୋକେ ପିଇବା ପାଣି ପାଇଁ ବହୁ ଅସୁବିଧାର

**ବିଧାୟକଙ୍କୁ ଚିଠି**

ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନିକଟକୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନା ମୁତାବକ, ଦୀର୍ଘ ଦିନ ହେବ ନରାଜରୁ ପାନୀୟ ଜଳ ଭୁବନେଶ୍ୱରକୁ ପାଇପ୍ ଯୋଗେ ଆସୁଛି। ନୟାପଲ୍ଲୀର କିଛି ସ୍ଥାନରେ ଲୋକଙ୍କୁ ପାଣି ମିଳୁ ନ ଥିବା ବେଳେ ଆସୁଥିବା ପାଣି ଅଞ୍ଚଳକୁ ପର୍ଯ୍ୟାପ୍ତ ହେଉନାହିଁ। ପୂର୍ବରୁ ବାସିନ୍ଦାଙ୍କ ଦାବି ମୁତାବକ ନୟାପଲ୍ଲୀ ଅଞ୍ଚଳରେ ଏକ ଓଭରହେଡ ଟ୍ୟାଙ୍କ ପାଇଁ ବିଲ ମଞ୍ଜୁରି ହୋଇଥିଲା। ହେଲେ ସ୍ଥାନ ନିରୂପଣ ହୋଇ ନ ପାରିବାରୁ ଏହି କାର୍ଯ୍ୟ ଏଯାବତ୍ ସ୍ଥଗିତ ରହିଛି। ଏପରି ସ୍ଥିତିରେ ଉକ୍ତ ପାଇପ୍‌ରେ କେତେଜଣ ଅସାଧୁ ପାଣି ପମ୍ପ ସଂଯୋଗ କରିଛନ୍ତି। ଫଳରେ ଯେତିକି ସମୟ ସରକାରୀ ପାଣି ଆସୁଛି ତାହା ମଧ ଠିକ୍‌ରେ ଆସିପାରୁନାହିଁ। ଫଳରେ ପାଣି ଠିକ୍‌ରେ ମିଳିପାରୁ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ଅର୍ଜୁନ ବେହେରା କହିଛନ୍ତି, ଏହି ସମସ୍ୟା ବହୁ ଦିନରୁ ଲାଗି ରହିଥିବାବେଳେ ଏଯାବତ୍ ଏହାର ସମାଧାନ ହୋଇପାରି ନାହିଁ। ବର୍ଷାଜଳ ନିଷ୍କାସନ ସମସ୍ୟା ଘେରରେ ବିଭାଗୀୟ ଅଧିକାରୀ ପିଇବା ପାଣି ସମସ୍ୟା ଦୂର କରିବା କଥା ଭୁଲିଯାଉଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏହି ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ବିଏମ୍‌ସି ଡ୍ରେନେଜ୍ ବିଭାଗ ଓ ଅନ୍ୟ ସହକାରୀ ବିଭାଗ ସହ ସମସ୍ତ ଆଲୋଚନା ସରିଛି। ଏହି ବ୍ୟବସ୍ଥା ସୁଧାରିବାକୁ ସମସ୍ତ ନିଷ୍ପତ୍ତି ସରିଛି ବୋଲି ବିଏମ୍‌ସି ଡ୍ରେନେଜ୍ ବିଭାଗର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। କାର୍ଯ୍ୟ ହେବା ପାଇଁ ଫାଇଲ୍‌ଟି ବିଏମ୍‌ସି କମିଶନରଙ୍କ ଡେସ୍କରେ ପଡ଼ି ରହିଥିବା ଜଣାପଡ଼ିଛି। ନୂତନ ପାଇପ ଲାଇନରେ ପାଣି ଯୋଗାଇଦେବା ସହ ବିଧାୟକ ଓ ବିଏମ୍‌ସି ଅଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ ଅର୍ଜୁନଙ୍କ ସମେତ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



> “ଅଧିକାରୀମାନେ ବର୍ଷାଜଳ ନିଷ୍କାସନକୁ ଗୁରୁତ୍ୱ ଦେଇ ପାନୀୟ ଜଳ ସମସ୍ୟା ଦୂର କରିବା କଥା ଭୁଲିଯାଉଛନ୍ତି।
> - ଅର୍ଜୁନ ବେହେରା



ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଥିବା ଦେବୀ ସୁଭଦ୍ରାଙ୍କ ରଥ ଖୋଲା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ୬୫୧ ଜଣ ଫେରାଇବେ କାଳିଆ ଟଙ୍କା

**ଲଳିତଗିରି,୧୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକର ୩୭ ପଞ୍ଚାୟତରୁ ୬୫୧ ଜଣ ଅଯୋଗ୍ୟ ହିତାଧିକାରୀ କାଳିଆ ଟଙ୍କା ଫେରାଇବେ। ଏନେଇ ବ୍ଲକ କୃଷି ଅଧିକାରୀ ଶଶାଙ୍କ ଶେଖର ଦାଶ ସୂଚନା ଦେଇଛନ୍ତି। କାଳିଆ ଯୋଜନା ଆରମ୍ଭରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ନିମନ୍ତେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ କମିଟି ଗଠନ କରାଯାଇଥିଲା। ଏଥିରେ ଅଙ୍ଗନୱାଡି କର୍ମୀ, କାଳିଆ ଯୋଜନାର ଦାୟିତ୍ୱରେ ଥିବା କର୍ମଚାରୀ, ସ୍ଥାନୀୟ ଆରଆଇ ଥିଲେ। ଅଯୋଗ୍ୟ ହିତାଧିକାରୀ ତାଲିକା ବାଦ୍ ପଡିବା ପରେ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଯୋଜନାରେ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଥିଲା। ଏହାସତ୍ତ୍ୱେ ବ୍ଲକରେ କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ କିପରି ଆସିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୃଷି ଅଧିକାରୀ କହିଛନ୍ତି, କିଛି ହିତାଧିକାରୀ ଧାନ ମଣ୍ଡିରେ ଧାନ ବିକ୍ରି କରିଛନ୍ତି। ସରକାରଙ୍କ ଯୋଜନା ଅନୁସାରେ ଏହି ସହାୟତା ପାଇବା ନିମନ୍ତେ କ୍ଷୁଦ୍ରଚାଷୀ, ଭୂମିହୀନ କୃଷି ଶ୍ରମିକ ଓ ନାମମାତ୍ର ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏବେ ଦେଖାଯାଉଛି କାଳିଆ ଯୋଜନାରେ ସହାୟତା ପାଇଥିବା ଚାଷୀଙ୍କ ମଧ୍ୟରୁ ବହୁ ଅଯୋଗ୍ୟ ଚାଷୀ କାଳିଆ ଯୋଜନାରେ ସହାୟତା ହାତେଇଛନ୍ତି। ସରକାର ଟଙ୍କା ଫେରାଇବା ପାଇଁ କୃଷି ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀ ମାଧ୍ୟମରେ ଏହି ନୋଟିସ ପଠାଇଛନ୍ତି।

## ପୁରୀରୁ ପୁଣି ୫୦ ପଜିଟିଭ ଚିହ୍ନଟ

**ପୁରୀ ଅଫିସ/ନିମାପଡ଼ା (ଡି.ଏନ.ଏ.)/ସାକ୍ଷୀଗୋପାଳ (ସ୍ୱ.ପ୍ର./ଡି.ଏନ୍.ଏ.),୧୮**

**ମୋଟ ସଂଖ୍ୟା ୮୦୦ ଟପିଲା**

ପୁରୀ ଜିଲାରେ ଶନିବାର ପୁଣି ୫୦ କରୋନା ସଂକ୍ରମିତ ବାହାରିଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୮୦୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୩୭୭ ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ବେଳେ ୪୨୧ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କରୋନାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ଯୋଗୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶନିବାର ଜିଲାର ବିଭିନ୍ନ ବ୍ଲକରୁ ୨୯ ଏବଂ ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରୁ ୨୧ଜଣ ଚିହ୍ନଟ ହୋଇଛନ୍ତି। ଅସ୍ତରଙ୍ଗ ବ୍ଲକରୁ ୬, ସତ୍ୟବାଦୀ ୫, କୃଷ୍ଣପ୍ରସାଦ ଓ ନିମାପଡ଼ାରୁ ୪ ଲେଖାଏ, ପୁରୀ ସଦର ୩, କାକଟପୁର, ଗୋପ ଓ ବ୍ରହ୍ମଗିରିରୁ ୨ ଲେଖାଏ ଏବଂ ପିପିଲିରୁ ଜଣେ ରହିଛନ୍ତି। ସେହିପରି ପୁରୀ ପୌରାଞ୍ଚଳର ୨୯ ଓ ୩୧ ନମ୍ବର ୱାର୍ଡରୁ ୪ଜଣ ଲେଖାଏ, ୨୧ ନଂ.ରୁ ୩, ୧୧ ଓ ୨୬ ନଂ. ୱାର୍ଡରୁ ୨ଲେଖାଏ, ୧୭, ୧୯, ୨୩, ୨୭, ୨୮ ଓ ୩୦ ନଂ. ୱାର୍ଡରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ୨୬,୦୫୩ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ବେଳେ ଆରୋଗ୍ୟ ହାର ୪୬.୯୪% ରହିଛି। ସେହିଭଳି ଜିଲାରେ ୬୦ଟି କଣ୍ଟେନ୍‌ମେଣ୍ଟ ଜୋନ ବଳବତ୍ତର ଥିବାବେଳେ ୫୨ଟି ବନ୍ଦ ରହିଛି। ଅନ୍ୟପକ୍ଷେ ୧୦୦ ଶଯ୍ୟା ବିଶିଷ୍ଟ ୨ଟି କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ୬୪ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପଜିଟିଭ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ପିପିଲି ଏନ୍‌ଏସିର ୧୩ ନମ୍ବର ୱାର୍ଡ ସିରିଆପୁର ଓ ସତ୍ୟବାଦୀର ସୁଆଁଲୋ, ଡିହପୁର, ଗୋପାଳପୁରପାଟଣା ଏବଂ ହରିଜନ ସାହିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିପରି ବ୍ରହ୍ମଗିରି ବ୍ଲକର କଡ଼ାଜିତ, କୃଷ୍ଣପ୍ରସାଦର ପାଟନାସି ଗ୍ରାମ, ନିମାପଡ଼ାର ଓହଳ ଓ ମହାରଣା ସାହିକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି।

## ଚୌଦ୍ୱାରରେ ଇଦ୍ ପାଳିତ

**ଚୌଦ୍ୱାର,୧୮(ଡି.ଏନ୍.ଏ.)**

ଚୌଦ୍ୱାରରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଦ୍ ଉତ୍ସବ ପାଳନ ହୋଇଛି। କରୋନା କଟକଣା ଯୋଗୁ ଇଦ୍‌ଗାହା ଓ ମସ୍‌ଜିଦ୍‌ର ସମୂହ ନମାଜ ପାଠକୁ ବାତିଲ କରାଯାଇଛି। ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା ପୂର୍ବକ ନିଜ ନିଜ ଘରେ କଲମା ପଢ଼ିଥିବା ଗ୍ରାମ ମୁରବୀମାନଙ୍କ ସୂତ୍ରରୁ ପ୍ରକାଶ। ତେବେ ଘରେ ଘରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଓ ମିଷ୍ଟାନ୍ନ ପ୍ରସ୍ତୁତି ଏବଂ ଆଦାନ ପ୍ରଦାନ କରାଯାଇଥିଲା।

## ସହରରେ ଆକ୍ରାନ୍ତ ସଂଖ୍ୟା ହଜାରେ ଟପିଲା

**କଟକ ଅଫିସ,୧୮**

**କଟକ: ଜିଲାରେ ୧୪୧, ସହରରୁ ୭୧**

କଟକ ଜିଲାରୁ ଶନିବାର ୧୪୧ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ କଟକ ସହରରେ ୭୧ ଜଣ ରହିଛନ୍ତି। ଶନିବାର ପଜିଟିଭକୁ ମିଶାଇ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨୦ରେ ପହଞ୍ଚିଛି। ସହରରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଦୁଇ କଣ୍ଟେନମେଣ୍ଟ ଜୋନ ମାଲଗୋଦାମ ବେହେରା ସାହିରୁ ୧୮ ଓ ପୁରୁଣା ରାଉସପାଟଣାରୁ ୧୭ ଜଣ ଚିହ୍ନଟ ହୋଇଛନ୍ତି। ପୁରୁଣା ରାଉସପାଟଣାରୁ ସଂକ୍ରମିତଙ୍କ ସଂଖ୍ୟା ୧୧୫ ହେଲାଣି। ବେହେରା ସାହିରେ ଗତ ୩ ଦିନ ମଧ୍ୟରେ ୫୫ ଜଣ ପଜିଟିଭ ବାହାରିଲେଣି। ନୂଆପଡ଼ାରେ ଗୋଟିଏ ପରିବାରରୁ ୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚଣ୍ଡୀ ଛକ, ବକ୍ସିବଜାର, ଓଏସ୍‌ଏଫ୍‌ଇ ଷଷ୍ଠ ବାଟାଲିଅନରୁ ୩ଜଣ ଲେଖାଏ ପଜିଟିଭ ବାହାରିଛନ୍ତି। କଟକରେ ଏକ ଦୈନିକ ଖବରକାଗଜରେ କାର୍ଯ୍ୟରତ ୩ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ ଆସିଛି। ଗ୍ରାମାଞ୍ଚଳରେ ତିଗିରିଆରୁ ୨୫, ବଡ଼ମ୍ବାରୁ ୧୭, ମାହାଙ୍ଗା ଓ କଟକ ସଦରରୁ ୮ ଜଣ ଲେଖାଏ, ଆଠଗଡ଼, ସାଲେପୁର ଓ ବାରଙ୍ଗ ଅଞ୍ଚଳରୁ ୩ଜଣ ଲେଖାଏ, ନିଆଳି, ନିଶ୍ଚିନ୍ତକୋଇଲି, ବାଙ୍କୀ ଅଞ୍ଚଳରୁ ଜଣେ ଲେଖାଏ ପଜିଟିଭ ବାହାରିଛନ୍ତି। ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୪ ଓ କାଜୁଆଲିଟିରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ମାମଲା କ୍ରାଇମ୍‌ବ୍ରାଞ୍ଚକୁ ଦେବା ପାଇଁ ମା’ଙ୍କ ଅନୁରୋଧ

**ପୁରୀ ଅଫିସ,୧୮**

**ପୁଅ ହତ୍ୟାକାରୀଙ୍କୁ ଗିରଫ ଦାବି**

ବଳିଆପଣ୍ଡା ଥାନା ଅନ୍ତର୍ଗତ ଭାର୍ଗବୀ ମୁହାଣ ନିକଟରୁ ଗତ ମାସ ୫ ତାରିଖ ସକାଳେ କେନ୍ଦ୍ରାପଡ଼ାର ଦେବାଶିଷ ସେଠୀ(୩୨)ଙ୍କ ମୃତଦେହ ମିଳିଥିଲା। ଜଣେ ମହିଳା ଏସ୍‌ଆଇ ଷଡ଼ଯନ୍ତ୍ର କରି ଦେବାଶିଷଙ୍କୁ ପୁରୀ ଡାକି ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଘଟଣାକୁ ୨୭ଦିନ ବିତିଯାଇଥିଲେ ବି ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିନାହିଁ। ତେଣୁ ପୁଅ ହତ୍ୟାକାରୀଙ୍କୁ ଗିରଫ ଦାବି କରିଛନ୍ତି ମା ଭଗବତୀ ସେଠୀ। ଶନିବାର ଭଗବତୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଥାନାର ଉକ୍ତ ମାମଲା(ନଂ.୭୧/୨୦)କୁ ମାନବିକ ଅଧିକାର ସୁରକ୍ଷା ସେଲ୍‌ର ବରିଷ୍ଠ ଅଧିକାରୀ କିମ୍ବା କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯିବାକୁ ଅନୁରୋଧ କରିଛନ୍ତି।

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜମଧର ଗାଁର ଭଗବତୀ ଏସ୍‌ପିଙ୍କୁ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ପୁରୀର ସମ୍ପୃକ୍ତ ଏସ୍‌ଆଇଙ୍କ ସହ ତାଙ୍କ ପୁଅର ୧୨ ବର୍ଷର ପ୍ରେମ ସମ୍ପର୍କ ଥିଲା। ତାଙ୍କ ପୁଅଠାରୁ ସେ ଲକ୍ଷ ଲକ୍ଷ ଟଙ୍କା ନେଇଛନ୍ତି। ଏପରିକି ପଟ୍ଟାମୁଣ୍ଡାଇରେ ରହୁଥିବା ମହିଳା ଏସ୍‌ଆଇଙ୍କ ଘରେ ମଧ ଦେବାଶିଷ ବିଭିନ୍ନ ସମୟରେ ରୁହନ୍ତି। ଉଭୟଙ୍କ ବିବାହକୁ ନେଇ ୨ମାସ ପୂର୍ବେ ମନାନ୍ତର ହେବାରୁ ଭୁବନେଶ୍ୱରରେ କେତେଜଣ ବନ୍ଧୁ ସେମାନଙ୍କୁ ମିଳାମିଶା କରିଥିଲେ। କିନ୍ତୁ ଜାତିଆଣ ବିଦ୍ୱେଷ ଯୋଗୁ ସମ୍ପୃକ୍ତା ଏସ୍‌ଆଇଙ୍କ ପରିବାର ବିବାହ ପାଇଁ ରାଜି ହେଉ ନ ଥିଲେ। ପରେ ତାଙ୍କ ସାନଭାଇର ବିବାହ ସରିଲେ ସେମାନଙ୍କ ବିବାହ ସମ୍ଭବ ବୋଲି ସମ୍ପୃକ୍ତା ଏସ୍‌ଆଇ ଦେବାଶିଷଙ୍କୁ କହିଥିଲେ। ଗତମାସ ୪ ତାରିଖରେ ସମ୍ପୃକ୍ତା ଏସ୍‌ଆଇ ତାଙ୍କର ୨ ବନ୍ଧୁଙ୍କ ଦ୍ୱାରା ଦେବାଶିଷଙ୍କୁ ପୁରୀ ଡାକିଥିଲେ। ସେ ସ୍କୁଟିରେ କେନ୍ଦ୍ରାପଡ଼ାରୁ ପୁରୀ ଆସିଥିଲେ। ଏହାପରେ ଯୋଜନାବଦ୍ଧ ଭାବେ ଦେବାଶିଷଙ୍କୁ ସମ୍ପୃକ୍ତା ଏସ୍‌ଆଇ ଓ ତାଙ୍କ ବନ୍ଧୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ବଳିଆପଣ୍ଡା ପୋଲିସ ୨ ଜଣଙ୍କୁ ଅଟକ ରଖିଥିଲେ ମଧ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଛି। ତେଣୁ ପୋଲିସ ଉପରୁ ଭରସା ହରାଇବା ପରେ ଭଗବତୀ ମାମଲାକୁ କ୍ରାଇମ୍‌ବ୍ରାଞ୍ଚ କିମ୍ବା ମାନବିକ ଅଧିକାର ସୁରକ୍ଷା ସେଲ୍‌ର ବରିଷ୍ଠ ଅଧିକାରୀଙ୍କୁ ହସ୍ତାନ୍ତର କରିବା ପାଇଁ ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି।

## ଅଳିଆ ଉଠୁନି, ରାସ୍ତାରେ ଜମୁଛି ନର୍ଦ୍ଦମା ପାଣି

**କଟକ ଅଫିସ,୧୮**

**କରୋନା ସାଙ୍ଗକୁ ଡେଙ୍ଗୁ ଭୟ**

କଟକ ସହରରେ କରୋନା ସଂକ୍ରମଣ ଦିନକୁ ଦିନ ବଢୁଛି। ପ୍ରତିଦିନ ବିଭିନ୍ନ ସାହିରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏଭଳି ପରିସ୍ଥିତିରେ ସିଏମ୍‌ସିର ବିଭିନ୍ନ ଅଞ୍ଚଳର ରାସ୍ତା ଉପରେ ନର୍ଦ୍ଦମା ପାଣି ଜମି ରହୁଥିବା ବେଳେ ଅଳିଆ ମଧ ଉଠୁ ନ ଥିବା ଅଭିଯୋଗ ହେଉଛି। ଫଳରେ କରୋନା ସଂକ୍ରମଣ ସାଙ୍ଗକୁ ଏବେ ଲୋକଙ୍କୁ ଡେଙ୍ଗୁର ଭୟ ଘାରିଲାଣି।

କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୧୧, ୧୨, ୧୩ ଓ ୧୪ ନମ୍ବର ୱାର୍ଡକୁ ନେଇ ମହମ୍ମଦିଆ ବଜାର ଅଞ୍ଚଳ ଗଠିତ। ବିଶେଷ କରି ଉଜାଲା ଖାଁ ମସଜିଦ ଯାଏ ସବୁ ସମୟରେ ନର୍ଦ୍ଦମା ପାଣି ଜମି ରହୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସିଏମ୍‌ସି କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବା ମହମ୍ମଦିଆ ବଜାର ପୂଜା କମିଟିର ସମ୍ପାଦକ ଲିଙ୍ଗରାଜ ବାରିକ କହିଛନ୍ତି। କାଜିବଜାର ଅଞ୍ଚଳରେ ମଧ ସମାନ ଅବସ୍ଥା। ଅଧିକାଂଶ ସ୍ଥାନରେ ଜାଇକା କାର୍ଯ୍ୟ ପାଇଁ ରାସ୍ତା ଖୋଳି ଦିଆଯାଇଛି। କାଜିବଜାର ତେଲୁଗୁ ସାହି, ଚମାର ସାହିରେ ସାମାନ୍ୟ ବର୍ଷାରେ ଘରେ ନର୍ଦ୍ଦମା ପାଣି ପଶୁଛି। ସିଏମ୍‌ସି ପକ୍ଷରୁ ପଙ୍କୋଦ୍ଧାର କାର୍ଯ୍ୟ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ବି ଉକ୍ତ ଅଞ୍ଚଳରେ ତାହାର ସୁଫଳ ମିଳିପାରୁ ନାହିଁ। ରାଜ୍ୟ ସରକାର କିଛି ଦିନ ତଳେ ସିଏମ୍‌ସିରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ୫ କୋଟି ଟଙ୍କା ଦେଇଥିଲେ। ସେଥିରେ ପଙ୍କୋଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ ବୋଲି ସିଏମ୍‌ସି କହିଥିଲା। ମାତ୍ର ପଙ୍କୋଦ୍ଧାର କାର୍ଯ୍ୟ ଏବେ ବାଟବଣା ହୋଇଛି। ପଙ୍କୋଦ୍ଧାର ହେଉଥିଲେ ବି ପୁଣି ବର୍ଷାରେ ଧୋଇହୋଇ ଡ୍ରେନକୁ ଚାଲିଯାଉଛି। ପାଣି ଜମିବା, ଡ୍ରେନ୍ ସଫା ନ ହେବା ଦ୍ୱାରା ଡେଙ୍ଗୁ ବ୍ୟାପିବାର ଆଶଙ୍କା ଉପୁଜିଛି।



## ସୁଶାନ୍ତଙ୍କ ସ୍ୱଦେଶୀ ରାଖୀ ଚାହିଦା ଅଧିକ

**ପୁରୁଣା ଭୁବନେଶ୍ୱର,୧୮(ଡି.ଏନ୍.ଏ.)**

**ସୂତା, ତୁଳା, କାଠି, କାଗଜରେ ନିର୍ମିତ**

ସ୍ନେହ ଓ ସୌହାର୍ଦ୍ଦ୍ୟର ପର୍ବ ରାଖୀ। ଭାଇର ଶୁଭ ମନାସି ଭଉଣୀ ତା’ ହାତରେ ବାନ୍ଧିଥାଏ ରାଖୀଟିଏ। ଏହା ତା’ଭାଇକୁ ସବୁ ବିପଦଆପଦରୁ ରକ୍ଷା କରିବ। ଏହି ବିଶ୍ୱାସ ନେଇ ଚଳି ଆସିଥିବା ଏହି ପରମ୍ପରା ବହୁ ପୁରାତନ। କରୋନା ମହାମାରୀ ପାଇଁ ଏଥର ରାଖୀ ଦୋକାନ ଖୋଲିପାରି ନାହିଁ। ପ୍ରତିବର୍ଷ ବଜାରକୁ ଆସୁଥିବା ଚାଇନା ରାଖୀ ପରିବର୍ତ୍ତେ ସ୍ୱଦେଶୀ ରାଖୀ ପାଇଁ ଏଥର ସମସ୍ତେ ମନ ବଳାଇଛନ୍ତି। କିଏ ଘରେ ବସି ନିଜ ଭାଇ ପାଇଁ ରାଖୀ ତିଆରି କରୁଛି ତ ଆଉ କିଏ ତିଆରି କରି ଇ-କମର୍ସରେ ବିକୁଛନ୍ତି। ଏଭଳି ସ୍ଥିତିରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ପରିବେଶକୁ ସୁହାଇଲା ଭଳି କାଠି, ତୁଳା, କାଗଜ, ନଡ଼ା, ମାଟି, ସୂତାକୁ ବ୍ୟବହାର କରି ସ୍ୱଦେଶୀ ରାକ୍ଷୀ ପ୍ରସ୍ତୁତ କରିଛନ୍ତି। ବଜାରରେ ଏହି ରାଖୀର ମୂଲ୍ୟ ୨୦ରୁ ୩୦ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ରାଖୀକୁ ପୋଖରୀପୁଟ, ଜଟଣୀ, ଶୈଳଶ୍ରୀ ବିହାର, ପଟିଆ ଆଦି ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଇଛି। ୧୫ଦିନ ମଧ୍ୟରେ ୨୦୦୦ରୁ ଅଧିକ ରାକ୍ଷୀ ତିଆରି କରାଯାଇଥିବା ଜଣାପଡ଼ିଛି। ଏହି ରାଖୀ ତିଆରି କାର୍ଯ୍ୟରେ ସୁଶାନ୍ତଙ୍କ ସ୍ତ୍ରୀ ଅନସୂୟା, ପୁଅ ଶାନ୍ତନୁ, ବିଷ୍ଣୁପ୍ରିୟା ନାୟକ, ଭାନୁପ୍ରିୟା ସାହୁ, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଛନ୍ତି। ଚାଇନା ସାମଗ୍ରୀକୁ ବର୍ଜନ କଲେ ଚଳିବନି। ସ୍ୱଦେଶୀ ସାମଗ୍ରୀ ତିଆରି କରି ବଜାରରେ ଉପଲବ୍ଧ କରାଇବା ଆବଶ୍ୟକ ବୋଲି ସୁଶାନ୍ତ କହିଛନ୍ତି।

# ଓସିଏର ଅନ୍ତର୍ଜାତୀୟ ଏକାଡେମୀ ଯୋଜନା

କଟକ ଅଫିସ, ୧।୮

ବିସ୍ତାରିତ ହେବ ଭିତ୍ତିଭୂମି, ବିକଶିତ ହେବ ରାଜ୍ୟ କ୍ରିକେଟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ମାଣ କରିବାକୁ ଯାଉଛି ଏକ ଅନ୍ତର୍ଜାତୀୟ ସ୍ତରର କ୍ରିକେଟ ଏକାଡେମୀ। ୨୦ରୁ ୪୦ ଏକର ଜମିରେ ହେବ ଏହି ଏକାଡେମୀ। ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଲାଣି। କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ ୩ଟି ସ୍ଥାନ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ଏକାଡେମୀ ପାଇଁ ୫୦କୋଟି ଟଙ୍କା ବଜେଟ ରହିଛି ବୋଲି ଓସିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ବେହେରା ଶନିବାର ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।

ଶୁକ୍ରବାର ଅପରାହ୍ନରେ ଓସିଏର ଆପେକ୍ସ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଭିଡ଼ିଓ କନଫେରନ୍ସରେ ହୋଇଥିବା ଉକ୍ତ ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଅକ୍ଷୟ କୁମାର ସାମନ୍ତ, ଯୁଗ୍ମ ସମ୍ପାଦକ ମେହତାବ ଖାନ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ଶୁଭାଶିଷ ସେନାପତି, ସିଏଜି ସଦସ୍ୟ ଦୀପକ ରଘୁ, ଆଇସିଏ ସଦସ୍ୟ ଅବକାଶ ଖଟୁଆ, ରଶ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଓସିଏର ଆଗାମୀ କାର୍ଯ୍ୟପନ୍ଥା ନେଇ




## ବଜେଟ ୫୦ କୋଟି, ସ୍ଥାନ ଚିହ୍ନଟ ଆରମ୍ଭ

ଆଲୋଚନା ହୋଇଥିଲା। ଏହି ଅବସରରେ ଏକାଡେମୀ ସମ୍ପର୍କରେ ଆସିଥିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। କଟକଠାରୁ ୨୦ କିଲୋମିଟର ପରିଧି ଭିତରେ ଏକାଡେମୀ କରାଯିବ। କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ୩ଟି ସ୍ଥାନ ନଜରରେ ରହିଛି। ସରକାରଙ୍କଠାରୁ ଓସିଏ ଏହି ଜାଗା କିଣିବା ପରେ ପ୍ରକ୍ରିୟା ଆଗେଇବ। ଏକାଡେମୀଟି ୪୦ଏକର ପରିମିତ ଜମିରେ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହା ଭିତରେ ୨/୩ଟି କ୍ରିକେଟ ଫିଲ୍ଡ ସମେତ ପ୍ରାକ୍ଟିସ ଉଇକେଟ, ସୁଇମିଂ ପୁଲ, ଜିମ୍ ରହିବା ନେଇ ବ୍ୟବସ୍ଥା କରାଯିବ। ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଓ ଅନ୍ତର୍ଜାତୀୟ ଶୈଳୀରେ ଏକାଡେମୀ ପ୍ରସ୍ତୁତ ହେବ ବୋଲି ପ୍ରକାଶ କରାଯାଇଛି। ଗ୍ରାଉଣ୍ଡ ଓ ଗ୍ୟାଲେରୀକୁ ମିଶାଇ ବାରବାଟୀ ଷ୍ଟାଡିୟମର ପରିସୀମା ପ୍ରାୟ ୨୭ ଏକର। ଏଣୁ ପ୍ରସ୍ତାବିତ ଏକାଡେମୀଟି ଏହାଠାରୁ ଦୁଇଗୁଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଷ୍ଟାଡିୟମର ପୁନରୁଦ୍ଧାର ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସାମୁଦ୍ରିକ ଝଡ଼ ଫନୀରେ କ୍ଷୟକ୍ଷତି ହୋଇଥିବା ଗ୍ୟାଲେରୀ ନଂ-୭, କ୍ଲବ ହାଉସ, ସଚିନ ତେନ୍ଦୁଲକରର ଇନଡୋର ହଲ, ଓସିଏ ଏକାଡେମୀ ପ୍ରଭୃତି ମରାମତି କରାଯିବ। ଘରୋଇ ଟୁର୍ନାମେଣ୍ଟ କରାଯିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍ଓପି)କୁ ଅପେକ୍ଷା କରାଯାଇଛି। ଏସ୍ଓପି ଆସିବା ପରେ ଓସିଏର ଭିଜନ-୨୦୨୪କୁ ତ୍ୱରାନ୍ୱିତ କରାଯିବ ବୋଲି ସୁବ୍ରତ କହିଛନ୍ତି।

ସଭାପତି ପଙ୍କଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏକାଡେମୀ ତିଆରି ପାଇଁ ଆମେ ପ୍ରସ୍ତୁତ ଅଛୁ। ଏବେ କରୋନା କଟକଣା ଯୋଗୁ ସମସ୍ତ କାର୍ଯ୍ୟ ଠିକ ଭାବେ ହୋଇ ପାରୁନି। ସ୍ଥାନ ଚିହ୍ନଟ ଚୂଡ଼ାନ୍ତ ହେବା ପରେ ଏକାଡେମୀ ଗଠନ କାର୍ଯ୍ୟ ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଖେଳାଳିଙ୍କ ପେନ୍ସନ ରାଶି ବଢ଼ିଲା

ଅବସର ନେଇଥିବା ଖେଳାଳିଙ୍କ ପେନ୍ସନ ରାଶି ବୃଦ୍ଧି କରାଯାଇଛି। ରାଜ୍ୟ ପକ୍ଷରୁ ଗୋଟିଏରୁ ୪ଟି ମ୍ୟାଚରେ ପ୍ରତିନିଧିତ୍ୱ କରିଥିବା ଖେଳାଳି ପୂର୍ବରୁ ମାସିକ ୧୫୦୦ଟଙ୍କା ପେନସନ ପାଉଥିଲେ। ଏହାକୁ ୨୫୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ତାଲିକାରେ ୪୩ଜଣ ଖେଳାଳି ଅଛନ୍ତି। ସେହିପରି ୫ରୁ ୧୪ଟି ମ୍ୟାଚ୍ ଖେଳିଥିବା ଖେଳାଳି ମାସିକ ୩ହଜାର ଟଙ୍କା ପାଉଥିବା ବେଳେ ଏବେ ୪୫୦୦ଟଙ୍କା ପାଇବେ। ଏହି ତାଲିକାରେ ଅଛନ୍ତି ୨୭ ଖେଳାଳି। ୧୫ରୁ ୨୪ଟିମ୍ୟାଚ୍ ଖେଳିଥିବା ଖେଳାଳି ମାସିକ ୫ହଜାର ଟଙ୍କା ପାଉଥିଲେ। ଏହି ତାଲିକାରେ ୧୫ଜଣ ଥିବା ବେଳେ ପେନସନ ରାଶି ୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଚଳିତ ଆର୍ଥିକବର୍ଷଠାରୁ ବର୍ଦ୍ଧିତ ପେନସନ ରାଶି ଲାଗୁ କରାଯିବ। ଏହାଛଡ଼ା ଲୋଧାକମିଟି କାର୍ଯ୍ୟକାରୀ ପରଠାରୁ ପେନସନ ପ୍ରଦାନ ବନ୍ଦ ରହିଥିଲା। ବକେୟା ରାଶି ଦିଆଯିବ ବୋଲି ମଧ୍ୟ କୁହାଯାଇଛି।

## ତୃଣମୂଳ ସ୍ତରକୁ ଗୁରୁତ୍ୱ

ତୃଣମୂଳସ୍ତରରେ କ୍ରିକେଟର ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଟର୍ଫ ଉଇକେଟର ବ୍ୟବସ୍ଥା କରାଯିବ। ଓସିଏ ସହ ଅନୁବନ୍ଧିତ ସମସ୍ତ ୟୁନିଟରେ କ୍ରିକେଟ ଭିତ୍ତିଭୂମିର ବିକାଶ କରାଯିବ। କୋଚ୍ ନିଯୁକ୍ତି ପ୍ରକ୍ରିୟା ନେଇ ଗୁରୁତ୍ୱ ଦିଆଯାଉଛି। ଏଥି ପାଇଁ ସମସ୍ତ ୟୁନିଟକୁ ଚିଠି ଲେଖାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ହାଉସ୍ ଅଫ୍ ଲର୍ଡ୍ସ ସଦସ୍ୟ ହେଲେ ବୋଥାମ୍



**ଲଣ୍ଡନ, ୧।୮ (ପି.ଟି.):** କିମ୍ବଦନ୍ତୀ ଇଂଲଣ୍ଡ ଅଲରାଉଣ୍ଡର ଇଆନ ବୋଥାମ ବ୍ରିଟିଶ ପାର୍ଲାମେଣ୍ଟର ହାଉସ୍ ଅଫ୍ ଲର୍ଡ୍ସ ସଦସ୍ୟ ହୋଇଛନ୍ତି। ୬୪ ବର୍ଷୀୟ ପୂର୍ବତନ କ୍ରିକେଟ ଅଧିନାୟକଙ୍କ ସମେତ ୨୬ ଜଣ ଅଣନିର୍ବାଚିତ ସଦନର ସଦସ୍ୟ ଭାବେ ମନୋନୀତ ହୋଇଥିବା ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ବୋଥାମ ୧୯୭୭ରୁ ୧୯୯୨ ପର୍ଯ୍ୟନ୍ତ ଇଂଲଣ୍ଡ ତରଫରୁ ୧୦୨ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ବ୍ରେକ୍ସିଟର ସେ ଜଣେ ଦୃଢ଼ ସମର୍ଥକ। କ୍ରିକେଟ ଓ ଚ୍ୟାରିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୨୦୦୭ରେ ସେ ନାଇଟ୍ ଉପାଧିରେ ସମ୍ମାନିତ ହୋଇଥିଲେ। ୨୦୧୧ରେ ପୂର୍ବତନ ଇଂଲଣ୍ଡ ମହିଳା ଟିମ୍ ଅଧିନାୟିକା ରାଚେଲ୍ ହେହୋ-ଫ୍ଲିଣ୍ଟ୍ଙ୍କ ପରେ ପ୍ରଥମ କ୍ରିକେଟର ଭାବେ ବୋଥାମ ହାଉସ୍ ଅଫ୍ ଲର୍ଡ୍ସର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ଶେଫର୍ଡ, କଲିନ୍ କାଉଡ୍ରି ଓ ଲିଆରି କନଷ୍ଟାଣ୍ଟିନ୍ ହାଉସ୍ ଅଫ୍ ଲର୍ଡ୍ସ ଆସନ ଅଳଙ୍କୃତ କରିଛନ୍ତି। କ୍ରିକେଟ ପଡ଼ିଆରେ ବୋଥାମଙ୍କ ଶ୍ରେଷ୍ଠ ମୁହୂର୍ତ୍ତ ୧୯୮୧ରେ ଦେଖିବାକୁ ମିଳିଥିଲା। ସେତେବେଳେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜରେ ଇଂଲଣ୍ଡ ରୋମାଞ୍ଚକ ବିଜୟ ହାସଲ କରିଥିଲା। ଅବସର ପରେ ସେ ଚ୍ୟାରିଟି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଲିଉକେମିଆ ଉପରେ ଗବେଷଣା ପାଇଁ ପାଣି ସଂଗ୍ରହ ବ୍ୟତୀତ କ୍ରିକେଟ ମ୍ୟାଚ୍‌ରେ କମେଣ୍ଟ୍ରି ମଧ କରୁଥିଲେ।

### ଦକ୍ଷିଣ ଆଫ୍ରିକାର ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ଟୁର୍ ସ୍ଥଗିତ

**ଜୋହାନ୍ସବର୍ଗ, ୧।୮ (ପି.ଟି.):** କୋଭିଡ୍-୧୯ ମହାମାରୀ ଯୋଗୁ ଦକ୍ଷିଣ ଆଫ୍ରିକା ଏହାର ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ଟୁର୍‌କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ)ର ନିର୍ଦ୍ଦେଶକ ଗେମ୍ ସ୍ମିଥ୍ ଶନିବାର ଏହା ପ୍ରକାଶ କରିଛନ୍ତି। ଜାତୀୟ ଦଳ ନଭେମ୍ବରରେ ଆକ୍ସନକୁ ଫେରିବ ବୋଲି ପୂର୍ବତନ ଅଧିନାୟକ ସ୍ମିଥ୍ କହିଛନ୍ତି। ୱେଷ୍ଟଇଣ୍ଡିଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଜନି ଗ୍ରେଭ୍ ଗତ ସପ୍ତାହରେ କହିଥିଲେ ଯେ, ତାଙ୍କ ବୋର୍ଡ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅବା ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ସେପ୍ଟେମ୍ବରରେ କରିବା ଲାଗି ଆଗ୍ରହୀ ରହିଛି।

## ହାମିଲଟନଙ୍କୁ ୯୧ତମ ପୋଲ ପୋଜିଶନ



**ସିଲଭରଷ୍ଟୋନ୍, ୧।୮:** ବ୍ରିଟିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ମର୍ସିଡିଜର ଲୁଇସ୍ ହାମିଲଟନ ପୋଲ ପୋଜିଶନ ହାସଲ କରିଛନ୍ତି। ଏଥିସହିତ ଏଠାରେ ୭ମ ଥର ଟାଇଟଲ ଜିତିବା ଲାଗି ନିଜକୁ ମୁଖ୍ୟ ଦାବିଦାର ସାବ୍ୟସ୍ତ କରିଛନ୍ତି। ନର୍ଥାମ୍ପଟନଶାୟାର ସର୍କିଟ୍‌ରେ ଶନିବାର ଅନୁଷ୍ଠିତ ରେସ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଟିମ୍‌ମେଟ୍ ଭାଲଟେରୀ ବୋଟାସଙ୍କୁ ୦.୩୧୩ ସେକେଣ୍ଡ ଟାଇମିଂରେ ପଛରେ ପକାଇ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ହାମିଲଟନଙ୍କ କ୍ୟାରିୟରର ଏହା ହେଉଛି ୯୧ତମ ପୋଲ୍ ପୋଜିଶନ। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ତୃତୀୟ ହୋଇଥିଲେ। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଚତୁର୍ଥ ସ୍ଥାନ ଅଧିକାର କରିଥିବାବେଳେ ମ୍ୟାକଲରେନର ବ୍ରିଟି ଡ୍ରାଇଭର ଲାଣ୍ଡୋ ନୋରିସ୍ ୫ମ ହୋଇଥିଲେ। ସେହିପରି ରେସିଂ ପଏଣ୍ଟର କାନାଡ଼ିଆନ ଡ୍ରାଇଭର ଲାନ୍ସ ଷ୍ଟ୍ରୋଲ୍, ମ୍ୟାକଲରେନର କାର୍ଲୋସ ସେଞ୍ଜ୍, ରେନଲ୍ଟର ଡାନିଏଲ ରିକାର୍ଡୋ ପଛକୁ ପଛ ରହିଥିଲେ।

# ରଶିଦ, କ୍ୟାମ୍ଫର ପ୍ରଭାବୀ

ସାଉଥାମ୍ପଟନ, ୧।୮

ସ୍ଥାନୀୟ ରୋଜବାଓଲ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡର ଆଡିଲ ରଶିଦ ଓ ଆୟର୍ଲାଣ୍ଡର କର୍ଟିସ କ୍ୟାମ୍ଫର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ରଶିଦ ନିଜ ୧୦ ଓଭର ସ୍ପେଲରେ ୩୪ ରନ ଦେଇ ୩ଟି ଉଇକେଟ ନେଇଥିବାବେଳେ କ୍ୟାମ୍ଫର କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳି ଆୟର୍ଲାଣ୍ଡକୁ ସମ୍ମାନଜନକ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଆୟର୍ଲାଣ୍ଡ। ତେବେ ପ୍ରଥମ ଦିନିକିଆ ଭଳି ଏଠାରେ ମଧ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୧୭ ରନରେ ଦୁଇ ଓପନରଙ୍କ ଉଇକେଟ ହରାଇଥିବା ଆୟର୍ଲାଣ୍ଡ ମିଡଲ ଅର୍ଡରରେ ହ୍ୟାରି ଟେକ୍ଟର(୫୫ ବଲ୍, ୨୮ ରନ) ଓ ଲୋରକାନ ଟକର(୩୧ ବଲ, ୨୧ ରନ)ଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ଅଗ୍ରସର ହୋଇଥିଲେ ହେଁ ୯୧ ରନରେ ୬ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା।



ଶନିବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ଉଇକେଟ ନେବା ପରେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ଇଂଲଣ୍ଡର ଆଡିଲ୍ ରଶିଦ।

କର୍ଟିସ କ୍ୟାମ୍ଫର ଓ ସିମି ସିଂ ୭ମ ଉଇକେଟରେ ୬୦ ରନ ଯୋଗକରି ଦଳକୁ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ସିମି ୩୩ ବଲ୍‌ରୁ ୨୫ ରନ କରି ଆଉଟ ହେବାରୁ ପାର୍ଟନରଶିପ୍ ଭାଙ୍ଗିଥିଲା। କ୍ୟାମ୍ଫର କିନ୍ତୁ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରି ଆୟର୍ଲାଣ୍ଡ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ୭୮ ବଲ୍‌ରୁ ଅର୍ଦ୍ଧଶତକ

### ଦ୍ୱିତୀୟ ଦିନିକିଆ

ପୂରଣ କରିଥିବା କ୍ୟାମ୍ଫର ୮୭ ବଲ୍‌ରୁ ୮ ଚୌକା ସହାୟତାରେ ମୋଟ ୬୮ ରନ କରି ୪୯ତମ ଓଭରରେ ଆଉଟ ହୋଇଥିଲେ। କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିବା କ୍ୟାମ୍ଫରଙ୍କର ଏହାଥିଲା ଶ୍ରେଷ୍ଠ ଇନିଂସ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୫୯ ରନ। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ସେ ଏହି ରନ ସ୍କୋର କରିଥିଲେ। ୫୦ତମ ଓଭରର ଶେଷ ବଲ୍‌ରେ ଆଣ୍ଡ୍ରୁ ମ୍ୟାକ୍‌ବିର୍ନେ ୨୪(୨୪ ବଲ, ୨ ଚୌକା) ରନ କରି ଆଉଟ ହେବାରୁ ଆୟର୍ଲାଣ୍ଡ ଇନିଂସ ୫୦ ଓଭରରେ ୨୧୨/୯ ହୋଇଥିଲା।

# ଆଣ୍ଠୁମାଡ଼ି ବସିଲେନି ଜୋନାଥନ

**ଲେକ୍ ବୁଇନା ଭିଷ୍ଟା, ୧।୮ (ଏପି):** ବ୍ରୁକ୍‌ଲିନ୍ ନେଟ୍ସ ବିପକ୍ଷ ବାସ୍କେଟବଲ୍ ମ୍ୟାଚ ପୂର୍ବରୁ ଓର୍ଲାଣ୍ଡୋ ମ୍ୟାଜିକ୍ ଦଳର ଏକମାତ୍ର ଖେଳାଳି ଭାବେ ଜୋନାଥନ ଆଇଜାକ୍ ଛିଡ଼ାହୋଇ ଜାତୀୟ ସଙ୍ଗୀତ ଗାନ କରିଥିବା ଦେଖିବାକୁ ମିଳିଥିଲା। ତାଙ୍କ ବ୍ୟତୀତ ଅନ୍ୟ ଖେଳାଳିମାନେ ଆଣ୍ଠେଇ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଶୁକ୍ରବାର ୱାଲ୍ଟ ଡିସ୍‌ନୀ ୱାର୍ଲ୍ଡଠାରେ ଏନବିଏ ସିଜନର ପୁନଃଆରମ୍ଭ ହୋଇଥିଲା। ବର୍ଣ୍ଣବୈଷମ୍ୟ ଭେଦଭାବକୁ ବିରୋଧ କରି ଏଭଳି ଭଙ୍ଗୀରେ ଜାତୀୟ ସଙ୍ଗୀତ ଗାନ କରିବା ଲାଗି ଟିମ୍ ନିଷ୍ପତ୍ତି ନେଇଥିଲା। ଜାତୀୟ ସଙ୍ଗୀତ ଗାନ ବେଳେ ଜୋନାଥନ ପଛପଟେ ହାତ ରଖି ଛିଡ଼ା ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କ ଭଳି ସେ ବ୍ଲାକ୍ ଲିଭ୍ସ ମ୍ୟାଟର ଟି-ଶାର୍ଟ ପରିଧାନ କରି ନ ଥିଲେ ବରଂ ସେ ତାଙ୍କ ଟିମ୍ ମ୍ୟାଜିକ୍‌ର ଜର୍ସି ପିନ୍ଧି ଥିଲେ। ଆଇଜାକ୍‌ଙ୍କ ଏଭଳି ଆଚରଣରେ ଆଶ୍ଚର୍ଯ୍ୟ ହେବାର ନୁହେଁ। ସେ କାହିଁକି ଛଡ଼ା ହୋଇ ଜାତୀୟ ସଙ୍ଗୀତ ଗାନ କରିବେ ଏହାର କାରଣ ସେ ତାଙ୍କ ଟିମ୍‌ମେଟ୍‌ମାନଙ୍କ ନିକଟରେ ପୂର୍ବରୁ ସ୍ପଷ୍ଟ କରି ସାରିଥିଲେ। ଟିମ୍‌ମେଟମାନଙ୍କର ତାଙ୍କ ପ୍ରତି ସମର୍ଥନ ରହିଥିଲା। ସୂଚନାଯୋଗ୍ୟ, ଜୋନାଥ ବିଭିନ୍ନ ଚ୍ୟାରିଟି ସଂସ୍ଥା ଏବଂ ଚର୍ଚ୍ଚ ସହିତ ସମ୍ପୃକ୍ତ ଅଛନ୍ତି ବୋଲି ତାଙ୍କର ଜଣେ ନିକଟ ସମ୍ପର୍କୀୟ ପ୍ରକାଶ କରିଛନ୍ତି।




ଜାତୀୟ ସଙ୍ଗୀତ ଗାନ ଅବସରରେ ଜୋନାଥନ ଆଇଜାକ୍।

# ଚୂଡ଼ାନ୍ତ କାର୍ଯ୍ୟସୂଚୀ, ଏସ୍ଓପି ମୁଖ୍ୟ ପ୍ରସଙ୍ଗ

ନୂଆଦିଲ୍ଲୀ, ୧।୮

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୦ ଆୟୋଜନକୁ ନେଇ ଉଷ୍ମତା ବଢ଼ିବାରେ ଲାଗିଛି। କରୋନା ଭାଇରସ ସଂକ୍ରମଣ ଜନିତ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଏଥର ପ୍ରତିଯୋଗିତାକୁ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ଆୟୋଜନ ପାଇଁ ନିଷ୍ପତ୍ତି ନେଇଛି। ଏହା ୨୦୨୦ ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ମଧ୍ୟରେ ଆୟୋଜନ ହେବ। ବ୍ୟୟ ବହୁଳ ଏହି ଲିଗ୍ ଆୟୋଜନକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ଆଇପିଏଲ ଗଭର୍ନିଂ କାଉନ୍‌ସିଲ ବୈଠକ ରବିବାର ଅନୁଷ୍ଠିତ ହେବାକୁ ଯାଉଛି।

ୟୁଏଇରେ ଆଇପିଏଲ ଆୟୋଜନ ପାଇଁ ଭାରତ ସରକାର ଏପର୍ଯ୍ୟନ୍ତ କ୍ଲିୟରାନ୍ସ ଦେଇ ନାହାନ୍ତି। ମାତ୍ର ଏହା ଖୁବ୍ ଶୀଘ୍ର ମିଳିଯିବ ବୋଲି ଏହାର ଅଧ୍ୟକ୍ଷ ବ୍ରିଜେଶ ପଟେଲ ଆଶାବାଦୀ ଅଛନ୍ତି। ଇତିମଧ୍ୟରେ ବିସିସିଆଇ ପ୍ରତିଯୋଗିତା ଆୟୋଜନ ସମ୍ପର୍କିତ ପତ୍ର ଏମିରେଟ୍ସ କ୍ରିକେଟ ବୋର୍ଡକୁ ପଠାଇ ସାରିଛି। ଆଗାମୀ ବୈଠକରେ କାର୍ଯ୍ୟସୂଚୀ ଏବଂ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍ସ (ଏସଓପି) ପ୍ରସ୍ତୁତ ହେବା ସମ୍ଭାବନା ରହିଛି। ବିଭିନ୍ନ ଦେଶର ଖେଳାଳିମାନେ ୟୁଏଇରେ ଏକତ୍ରିତ ହେବେ। ସେମାନଙ୍କ ସୁରକ୍ଷା ମଧ୍ୟ ବୈଠକରେ ଅନ୍ୟତମ ଆଲୋଚ୍ୟର ବିଷୟ ହେବ।

ବ୍ରିଜେଶ ପଟେଲଙ୍କ ଅଧ୍ୟକ୍ଷତାରେ ହେବାକୁଥିବା ବୈଠକରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ଆଇପିଏଲ ସିଓଓ ସୁନ୍ଦର ରମଣ, ବିସିସିଆଇ ଅନ୍ତରୀଣ ମୁଖ୍ୟ ହେମାଙ୍ଗ ଅମିନ, ସମ୍ପାଦକ ଅବିତ ଶାହା, କୋଷାଧ୍ୟକ୍ଷ ଅରୁଣ ଧୁମାଲ ଯୋଗଦେବା ସମ୍ଭାବନା ରହିଛି। ବିଦେଶରେ ଆଇପିଏଲ ଆୟୋଜନ ଯଦିଓ ବିସିସିଆଇ ପାଇଁ ନୂଆ କଥା ନୁହେଁ ତେବେ ସାମ୍ପ୍ରତିକ ପରିସ୍ଥିତିରେ ଖେଳାଳିଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଦ୍ୱିପାକ୍ଷିକ ସିରିଜ ତୁଳନାରେ ଆଇପିଏଲ ଆୟୋଜନରେ ଅନେକ ପାର୍ଥକ୍ୟ

## ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ୍ ବୈଠକ ଆଜି




ରହିଛି। ୟୁଏଇରେ ଏକାସଙ୍ଗରେ ୮ଟି ଦଳ ଏକତ୍ରିତ ହେବେ। ପାଖାପାଖି ୩ ମାସଧରି ସେମାନଙ୍କ ଦାୟିତ୍ୱ ତୁଲାଇବାକୁ ହେବ। ସେହି ଅନୁସାରେ ଏସଓପି ପ୍ରସ୍ତୁତ କରିବାକୁ ପଡ଼ିବ। ସର୍ବୋପରି ସଂକ୍ରମଣ ଯେପରି ନ ବ୍ୟାପିବ ତାକୁ ଧ୍ୟାନରେ ରଖିବାକୁ ହେବ। ବିଭିନ୍ନ ସ୍ଥାନରୁ ଖେଳାଳି ଆସିବାକୁ ଥିବାରୁ ସମସ୍ତେ ଏକାସଙ୍ଗରେ ଏକତ୍ରିତ ହେବା ସମ୍ଭବ ନୁହେଁ। ବିଳମ୍ବରେ ଆସିବାକୁଥିବା ଖେଳାଳିଙ୍କ ପାଇଁ କିପରି ନିୟମ ରହିବ। ଯଦି କୌଣସି ଖେଳାଳି କୋଭିଡ-୧୯ ପଜିଟିଭ୍ ବାହାରନ୍ତି ତେବେ ସେ କ୍ଷେତ୍ରରେ କ'ଣ ହେବ ଆଦି ଅନେକ ପ୍ରସଙ୍ଗ ଆଲୋଚ୍ୟର ବିଷୟ ହେବ।

ମ୍ୟାଚଗୁଡ଼ିକ ଦୁବାଇ, ଆବୁଧାବି ଓ ଶାରଜାରେ ଅନୁଷ୍ଠିତ ହେବ। ତେଣୁ ଦଳ ଗୁଡ଼ିକ ହୋମ୍ ଗ୍ରାଉଣ୍ଡ ଏବଂ ବାହାର ପରିବେଶ ଢାଞ୍ଚାରେ ଖେଳିବା ଆଶା କରାଯାଏ। କରୋନା ସଂକ୍ରମଣର ସାମ୍ପ୍ରତିକ ସ୍ଥିତିକୁ ଦେଖି ୟୁଏଇ ବୋର୍ଡ ସମ୍ପାଦକ ମୁବାଶିର ଉସମାନି ୩୦ରୁ ୫୦ ପ୍ରତିଶତ ଦର୍ଶକଙ୍କୁ ଷ୍ଟାଡିୟମ ଛଡ଼ାଯାଇ ପାରିବ ବୋଲି ଅନୁଭବ କରୁଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଅଧିକାଂଶ ଟୁର୍ନାମେଣ୍ଟ ବିନା ଦର୍ଶକରେ ହେଉଥିବାରୁ ଏହି ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇପାରେ। ପ୍ରଥମ ଦଳଭାବେ ଚେନ୍ନାଇ ସୁପରକିଙ୍ଗ୍ସ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଦୁବାଇରେ ପହଞ୍ଚି ଟ୍ରେନିଂ ଆରମ୍ଭ କରିବ ବୋଲି ଲକ୍ଷ୍ୟ ରଖିଛି। ଅନ୍ୟ ଫ୍ରାଞ୍ଚାଇଜ୍ ଗୁଡ଼ିକ ଅଗଷ୍ଟ ୨୦ରୁ ୨୨ ମଧ୍ୟରେ ପହଞ୍ଚିଯିବା ଆଶା କରାଯାଉଛି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡର କେତେକ ଖେଳାଳି ବିଳମ୍ବରେ ଆସିବାର ଅଛି। ସେମାନେ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଦିନିକିଆ ସିରିଜ ଖେଳିବାରେ ବ୍ୟସ୍ତ ରହିବେ। ସେହିପରି ଲଙ୍କା ପ୍ରିମିୟର ଲିଗ୍ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ହେବାର ଅଛି। ଲସିଥ ମାଲିଙ୍ଗା, ଇସୁରୁ ଉଡନାଙ୍କ ପରି ଖେଳାଳି ସେଠାରେ ରହିଯିବା ସମ୍ଭାବନା ରହିଛି। ତେଣୁ ସେମାନଙ୍କ ପାଇଁ କ'ଣ ନିୟମ ରହିବ ତା' ଉପରେ ମଧ୍ୟ ନଜର ରହିବ। ଲିଗ୍ ସମୟରେ କୌଣସି ଖେଳାଳି ଗୁରୁତର ଆହତ ହେଲେ ବଦଳ ଖେଳାଳି ନେବାପାଇଁ ଫ୍ରାଞ୍ଚାଇଜ୍ ନିକଟରେ ସୁଯୋଗ ରହିଥାଏ। ମାତ୍ର ଏଥର ବିଭିନ୍ନ କାରଣରୁ ଖେଳାଳିମାନେ ପ୍ରତିଯୋଗିତାରୁ ଓହରି ଯିବା ସମ୍ଭାବନା ରହିଛି। ଏ କ୍ଷେତ୍ରରେ ଖେଳାଳି ବଦଳ କିପରି ହେବ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

ଦକ୍ଷିଣ ଆଫ୍ରିକାକୁ ଏବେ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଲଗା ଯାଇଛି। ଆଇପିଏଲ ଖେଳିବାକୁଥିବା ୧୦ ଖେଳାଳି କିପରି ବାହାର ଦେଶକୁ ଆସିବେ। ଚେନ୍ନାଇ ସୁପରକିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ୬ ଖେଳାଳି ରହିଛନ୍ତି। ତେଣୁ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ବିନା ଏହି ଦୁଇ ଫ୍ରାଞ୍ଚାଇଜ୍‌ର ପ୍ରଦର୍ଶନ ପ୍ରଭାବିତ ହେବ। ଖେଳାଳିମାନେ ଅତିକମ୍‌ରେ ୨ ମାସ ହୋଟେଲରେ ରହିବେ। ଡିସେମ୍ବରରେ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଖେଳିବାକୁ ମନୋନୀତ ଖେଳାଳିମାନେ ଅଧିକ ଦିନ ବାହାରେ ସମୟ କଟାଇବେ। ତେଣୁ ପରିବାର ନେବାକୁ ଖେଳାଳିଙ୍କୁ ଅନୁମତି ମିଳିବ କି ନାହିଁ ତା' ଉପରେ ମଧ୍ୟ ନଜର ରହିବ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ